ସିସୋଦିଆଙ୍କୁ ମିଳିଲାନି ଜାମିନ୍ | ୧୦

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ତେନ୍ଦୁଲକର ସ୍ପାଇଲ୍ ଆମ୍ବାସଡର ନିଯୁକ୍ତ | ୧୧

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୬୯ Vol. 20 No-69 31 MAY 2023 WEDNESDAY BHUBANESWAR ବୁଧବାର, ୩୧ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ଓଡ଼ିଶା ସରକାର

ମୋ ଘର

Government Housing Assistance in Rural Areas

କଚ୍ଚା ଘରକୁ ପକ୍କା ଘରରେ ପରିବର୍ତ୍ତନର ପ୍ରତିଶ୍ରୁତି ପୂରଣ

ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ "ମୋ ଘର" ଯୋଜନା

ଯୋଜନାରେ ମିଳୁଥିବା ସୁବିଧା

- ଚାରି ପ୍ରକାରର ଋଣ (୧ ଲକ୍ଷ/୧.୫ ଲକ୍ଷ/୨ ଲକ୍ଷ/୩ ଲକ୍ଷ) ଟଙ୍କା ମାଧ୍ୟମରେ ନୂତନ ଗୃହର ନିର୍ମାଣ / ସମ୍ପ୍ରସାରଣ / ସମ୍ପୂର୍ଣ୍ଣକରଣ / ଉନ୍ନତିକରଣ ।
- ଋଣ ଅର୍ଥ ଉପରେ ରାଜ୍ୟ ସରକାରଙ୍କ ତରଫରୁ ସବସିଡ଼ି ।
- ଏସ.ସି/ଏସ.ଟି/ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ନିମନ୍ତେ ଅତିରିକ୍ତ ସବସିଡ଼ି ।
- ରେଜିଷ୍ଟ୍ରେସନ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି, ଆଇନ ପରାମର୍ଶ ଫି ଇତ୍ୟାଦି ଛାଡ଼ ।

ସରକାରଙ୍କ ଠାରୁ ମିଳୁଥିବା ସବସିଡ଼ି

ଋଣ ପରିମାଣ ଟଙ୍କା	ସବସିଡ଼ି ଟଙ୍କା	
	ସାଧାରଣ ପରିବାର	ଏସ.ସି/ଏସ.ଟି/ଭିନ୍ନକ୍ଷମ ମୁଖ୍ୟ ପରିବାର
ଟ ୧ ଲକ୍ଷ	ଟ ୩୦,୦୦୦/-	ଟ ୪୦,୦୦୦/-
ଟ ୧.୫ ଲକ୍ଷ	ଟ ୪୫,୦୦୦/-	ଟ ୫୫,୦୦୦/-
ଟ ୨ ଲକ୍ଷ	ଟ ୬୦,୦୦୦/-	ଟ ୭୦,୦୦୦/-
ଟ ୩ ଲକ୍ଷ	ଟ ୬୦,୦୦୦/-	ଟ ୭୦,୦୦୦/-

କିପରି ଆବେଦନ କରିବେ?

- ଆବେଦନକାରୀ RH ପୋର୍ଟାଲ ମାଧ୍ୟମରେ ଅଥବା 'ମୋ ସେବା' କେନ୍ଦ୍ରରେ ଆବେଦନ କରି ପାରିବେ ।
- ଆସନ୍ତା **୧୬.୦୬.୨୦୨୩** ରୁ https://rhodisha.gov.in/moghara ରେ ଆବେଦନ ଗ୍ରହଣ କରାଯିବ ।

କେଉଁମାନେ ଏହି ସୁବିଧା ପାଇପାରିବେ?

- କଚ୍ଚା ଘରେ ବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାର ।
- ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇନଥିବା ବା ୭୦ ହଜାର ଟଙ୍କାରୁ କମ୍ ସହାୟତା ପାଇଥିବା ପରିବାର ।
- ମାସିକ ୨୫ ହଜାର ଟଙ୍କା ରୁ କମ୍ ଆୟ କରୁଥିବା ପରିବାର ।
- ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରି ଚକିଆ ମୋଟର ଗାଡି ରଖି ନଥିବା ପରିବାର ।
- କୌଣସି ସରକାରୀ/ ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନଭୋଗୀ କର୍ମଚାରୀ ନଥିବା ପରିବାର ।
- ପାଞ୍ଚ ଏକର ଜଳସେଚିତ କିମ୍ବା ପନ୍ଦର ଏକର ଅଣଜଳସେଚିତ ଜମିରୁ କମ୍ ଜମି ଥିବା ପରିବାର ।

କିପରି ଋଣ ଶୁଝିବେ ?

- ପ୍ରଥମ ବର୍ଷ ଋଣ ଶୁଝିବାକୁ ପଡ଼ିବ ନାହିଁ । ପରବର୍ତ୍ତୀ ୧୦ ବର୍ଷରେ ସହଜ ମାସିକ କିସ୍ତି ଆକାରରେ ଋଣ ଶୁଝିବେ ।

ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା www.rhodisha.gov.in/moghara ରେ ଉପଲବ୍ଧ

ସଭିଙ୍କ ପାଇଁ ପକ୍କାଘର
କଥା ରଖିଲେ ସରକାର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

DSPL - 59 OIPR 19001/13/0005/2324

ମହାନଗର

ପୃଷ୍ଠା-୨
Page-2
ଭୁବନେଶ୍ୱର
Bhubaneswar
୩୧.୦୫.୨୦୨୩
31.05.2023

କଟକ (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ କବି ସଙ୍ଗମ ପକ୍ଷରୁ ଭୁବନେଶ୍ୱରସ୍ଥିତ ତେରାପନ୍ଥୁ ଭବନଠାରେ ତୃତୀୟ ପ୍ରାନ୍ତୀୟ ଅଧିବେଶନ ଓ କବିସମ୍ମିଳନୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗଦୀଶ ମିଭଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି କବି ସମ୍ମିଳନୀରେ କଟକର କବିମାନେ ଜିଲ୍ଲା ସଂଯୋଜିକା ଲେଖିକା ମୀରା ବେଉରାଙ୍କ ନେତୃତ୍ୱରେ କବି ଡ. ବୈଜୟନ୍ତିମାଳା ଶତପଥୀ, ପ୍ରଦୀପ ବେଉରିଆ, ମାଧୁରୀ ମହାନ୍ତି, ନମିତା ମହାନ୍ତି, ସଫଲକ୍ଷ ଦାସ, ପୁଷ୍ପକାନ୍ତି ମହାନ୍ତି, କୁନଲତା ତ୍ରିପାଠୀ, ରାଜକିଶୋର ସ୍ୱାଇଁ, ଅପର୍ଣା ମିଶ୍ର, ମଧୁସ୍ମିତା ମିଶ୍ର, ଦେବସ୍ମିତା ଦାଶ, ରିୟା ଗୋୟଲ୍, ରୀତା ଝା, ସଚ୍ଚିଦାନନ୍ଦ କର ପ୍ରମୁଖ କବିତା ପାଠ କରି ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଥିଲେ। ପରବର୍ତ୍ତୀ ଅଧିବେଶନରେ ଓଡ଼ିଶା ରାଜଭବନ ଠାରେ ଆୟୋଜିତ ହୋଇଥିବା ଅଖିଳ ଭାରତୀୟ କବିସମ୍ମିଳନିରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ମୋ ସେବା କେନ୍ଦ୍ର ସଂଖ୍ୟା ୮ହଜାରକୁ ବୃଦ୍ଧି ପାଇବ : ମନ୍ତ୍ରୀ

ସୁନ୍ଦରଗଡ ଓ ଜୟପୁରରେ ଡାଟା ସେଣ୍ଟର, ପୁରୀରେ ହେବ କେବୁଲ ଲାଣ୍ଡିଙ୍ଗ ଷ୍ଟେସନ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମୋ ସେବା କେନ୍ଦ୍ର ଜରିଆରେ ସରକାରୀ ସେବା ନାଗରିକଙ୍କ ଘର ପାଖରେ ଉପଲବ୍ଧ ହୋଇପାରିଛି । ଏଯାବତ୍ ରାଜ୍ୟରେ ୬,୯୦୦ ରୁ ଅଧିକ ମୋ ସେବା କେନ୍ଦ୍ର ସ୍ଥାପିତ ହୋଇସାରିଛି ଏବଂ ନିକଟ ଭବିଷ୍ୟତରେ ଏହି ସଂଖ୍ୟା ୮,୦୦୦ କୁ ଅଧିକ ବୃଦ୍ଧି ପାଇବ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଆଗାମୀ ପଦକ୍ଷେପ ଓଡିଶାର ରୂପାନ୍ତରୀକରଣକୁ ଆହୁରି ଅନୁକୂଳ କରିବ। ସେହିପରି ସୁନ୍ଦରଗଡ ଏବଂ ଜୟପୁରରେ ଜିଲ୍ଲା ଡାଟା କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରାଯାଇଛି । ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରତିଷ୍ଠା ହେବାକୁ ଯାଉଛି । ସେମିକଣ୍ଡକ୍ଟର ଡିଜାଇନ୍ କରୁଥିବା ଷ୍ଟାର୍ଟ ଅପ୍ ଏବଂ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଓ-ଚିପ୍ କାର୍ଯ୍ୟକ୍ରମ ଜରିଆରେ ଭିତ୍ତିଭୂମି ଓ ପୁଞ୍ଜିନିବେଶ ପାଇଁ ସହାୟତା ଯୋଗାଇ ଦିଆଯିବ । ପ୍ରଯୁକ୍ତିର ସମ୍ଭାବିତ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ମାନ ପ୍ରତିଷ୍ଠା କରାଯାଇ ୩୦୦୦ ବ୍ୟକ୍ତିବିଶେଷଜ୍ଞଙ୍କୁ ପ୍ରଶିକ୍ଷଣ ଦିଆଯିବ । ଖୁବ୍ ଶୀଘ୍ର ଫାବ୍ ଏବଂ ଫାବ୍ ରହିତ ନୀତି ପ୍ରଣୟନ କରାଯିବ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କୁ ୱାଇଫାଇ ସଂଯୋଗକୁ ବିସ୍ତାର ଫଳରେ ପ୍ରାୟ ସାତ ଲକ୍ଷ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନକୁ ସକାରାତ୍ମକ ପ୍ରଭାବିତ କରିପାରିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତୁଷାରକାନ୍ତ ବେହେରା ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି ଯେ ଏହି ବିଭାଗ ରାଜ୍ୟରେ ଆଇଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ସୁଗମ କରି ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ବୈଷୟିକ ସହାୟତା ପ୍ରଦାନ ମାଧ୍ୟମରେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ଏକୀକୃତ ତଥା ବିକେନ୍ଦ୍ରୀକରଣ ଶାସନକୁ ସୁନିଶ୍ଚିତ କରି ସରକାରୀ ସେବା ଜନସାଧାରଣଙ୍କ ପାଖରେ ସହଜ ଉପଲବ୍ଧ କରାଇବାର ପ୍ରକ୍ରିୟାକୁ ବ୍ୟାପକ ରୂପାନ୍ତରଣ କରିପାରିଛି । ଇଂଟରନେଟ୍ ସେବା ଗାଁ ଗାଁରେ ପହଞ୍ଚାଇବା ପାଇଁ ରାଜ୍ୟରେ ଟେଲିକମ୍ ଭିତ୍ତିଭୂମିର ବିକାଶ ସାଧନ କରାଯାଇଛି । ୨୦୨୧ ମସିହାରେ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଓଡିଶା ୱାନ୍ ପୋର୍ଟାଲରେ ୬୪୦ ରୁ ଅଧିକ ସେବା ଉପଲବ୍ଧ ହେଉଛି । ଓଡିଶା ରାଜ୍ୟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ ର ପରିସର ସଚିବାଳୟର ସମସ୍ତ ବିଭାଗ, ସମସ୍ତ ନିର୍ଦ୍ଦେଶାଳୟ / ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡିଶାର ପୋଲିସ ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକର ପ୍ରାୟ ୧୫,୦୦୦ ବ୍ୟବହାରୀଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଅଛି ଓ ଏହା ତୁରନ୍ତ ନିଷ୍ପତ୍ତି ଗ୍ରହଣରେ ସହାୟକ ହୋଇଛି । ୨୦୧୩ ମସିହାରେ ଏହାର ବ୍ୟବହାରକାରୀ ୧୩୦୦ ଥିବାବେଳେ ୨୦୨୦ ମସିହାରେ ଆନୁମାନିକ ୭୦୦୦ କୁ ବୃଦ୍ଧି ପାଇଛି । ସମସ୍ତ ଗ୍ରାମପଞ୍ଚାୟତମାନଙ୍କୁ ଅପ୍ଟିକାଲ୍ ଫାଇବର୍ ସଂଯୋଗ ଯୋଗାଇ ଦିଆଯାଇଛି, ଯାହାଦ୍ୱାରା ଡିଜିଟାଲ୍ ବ୍ୟବହାରୀକରଣରେ ଜନସାଧାରଣଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଯାଇପାରିଛି ।

ନବ ଦାସ ହତ୍ୟା ଘଟଣାରେ ମନଗଢା ଅଭିଯୋଗ କରୁଛନ୍ତି ବିରୋଧୀ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡିଶା ବିଜେପିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି ସ୍ୱର୍ଗତ ନବ କିଶୋର ଦାସଙ୍କ ହତ୍ୟା ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାରେ ମିଥ୍ୟା ଏବଂ ମନଗଢା ଅଭିଯୋଗ ଆରୋପ କରୁଥିବା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ଲେନିନ୍ ମହାନ୍ତି । ବିଜେଡି ମୁଖପାତ୍ର ଡକ୍ଟର ମହାନ୍ତି ଏକ ବିବୃତିରେ କହିଛନ୍ତି ଯେ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଶସ୍ତା ରାଜନୀତି କରିବା ଯୋଗୁଁ ଝାରସୁଗୁଡାବାସୀ ଉପନିର୍ବାଚନରେ ଏହାର ଉପଯୁକ୍ତ ଉତ୍ତର ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ସଂଶୋଧନ

ପୁଞ୍ଜିନିବେଶ ସବ୍‌ସିଡି ରାଶି ଏକ କୋଟି ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ କୃଷି ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରି କୃଷି ଉଦ୍ୟୋଗ କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଂଜିନିବେଶକୁ ଆକୃଷ୍ଟ କରିବା ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଇଛି । ଏହି କ୍ରମରେ କୃଷି ଉଦ୍ୟୋଗରେ ପୁଂଜିନିବେଶ ସବ୍‌ସିଡି ରାଶି ୫୦ ଲକ୍ଷ ଟଙ୍କାରୁ ଏକ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଅଧିକ ପୁଂଜିନିବେଶର ସମ୍ଭାବନାକୁ ଦୃଷ୍ଟିରେ ରଖି ୫୦ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ପୂର୍ବରୁ ସର୍ବୋଚ୍ଚ ୨୦ କୋଟି ଟଙ୍କାର ପ୍ରକଳ୍ପ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଥିଲା । ସେହିପରି ଯୋଜନାକୁ ବ୍ୟାପକ କରିବା ପାଇଁ ଟ୍ରାନ୍ସଜେଣ୍ଡରମାନଙ୍କୁ ଏଥିରେ ସାମିଲ କରାଯାଇଛି ଏବଂ ୫୦ ପ୍ରତିଶତ ପର୍ଯ୍ୟନ୍ତ ପୁଂଜିନିବେଶ ସବ୍?ସିଡି ରାଶି ପାଇବା ନିମନ୍ତେ ସେମାନେ ଯୋଗ୍ୟ ବିବେଚିତ ହେବେ । ରାଜ୍ୟରେ କୃଷି ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ଏବଂ ବିପୁଳ କର୍ମସଂସ୍ଥାନ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହା ଦ୍ୱାରା ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କୃଷି ସହିତ ଜଡ଼ିତ କୃଷକମାନଙ୍କର ଆୟବୃଦ୍ଧି ଘଟିବା ସହିତ ଗ୍ରାମାଂଚଳରେ କର୍ମନିଯୁକ୍ତି ସୃଷ୍ଟି ହୋଇପାରୁଛି । ଏହି ସଂଶୋଧିତ ମାର୍ଗଦର୍ଶିକା ୨୦୨୩ ମସିହା ଅପ୍ରେଲ ୧ ତାରିଖଠାରୁ ଅନ୍ ଲାଇନ୍ ରେ ଆବେଦନ କରିଥିବା ଉଦ୍ୟୋଗୀଙ୍କ ନିମନ୍ତେ ଲାଗୁ କରାଯାଇଛି ।

କଟକର ପ୍ରକଳ୍ପ ପାଲଟିଛି ମରଣଯନ୍ତ୍ର।

ଅସ୍ଥାୟୀ ପୋଲ ଦେଇ ପାର୍ ହେଉଥିବା ବେଳେ ଖସି ପଡି ନାବାଳିକା ମୃତ

କଟକ(ଭାସ୍କର ନ୍ୟୁଜ୍): ୨୪ ଘଂଟାରେ ଜାଇକା ନେଇଛି ଦୁଇଟି ମୂଲ୍ୟବାନ୍ ଜୀବନ । ଫଳରେ କଟକରେ ଜାଇକା ପ୍ରକଳ୍ପ ମରଣ ଯନ୍ତ୍ର ପାଲଟିଛି ବୋଲି ଆଲୋଚନା ହେଉଛି । ଆଜି କେଶରପୁରରେ ବନ୍ଧ ଡ୍ରେନ୍ କାମ ଚାଲୁଥିବାବେଳେ ଜଣେ ନାବାଳିକା ଲୁହାପାଇପ୍ ତଳେ ଚାପି ହୋଇ ମୃତ୍ୟୁ ବରଣ କରିଛି । କେଶରପୁର ନିକଟରେ ଆଜି ଅପରାହ୍ନ ସମୟରେ ପୋଲ ଭୁଶୁଡ଼ିବା କାରଣରୁ ଗୁରୁତର ହୋଇଥିବା ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ନାବାଳିକା ଜଣକ ନୂଆ ରାଉସାପାଟଣା ଅଂଚଳର ମୋହିନୀ ଦାସ (୧୭) । ସେ ଇମର୍ତି ଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ର ଛାତ୍ରୀ ବୋଲି ଜଣାପଡ଼ିଛି । ସେ ପାଇପ୍ ଡେଇଁ ପୋଲ ଉପରକୁ ଯାଉଥିଲେ । ଏହି ସମୟରେ ବନ୍ଧ ଡ୍ରେନ୍ ଉପରେ ଯାଇଥିବା ପୁରୁଣା ଲୁହା ପୋଲ ଭୁଶୁଡ଼ି ପଡ଼ିବାରୁ ଏହି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା । ଫଳରେ ସେ ପୋଲ ଓ କଡ଼ରେ ଥିବା ଲୁହା ପାଇପରେ ଚାପି ହୋଇ ଯାଇଥିଲେ । ତାଙ୍କୁ ଗୁରୁତର ଭାବେ ପ୍ରଥମେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ବାରମ୍ବାର ଏଭଳି ଅଘଟଣ ଘଟୁଥିବା ଅଭିଯୋଗ ଉଠିଛି । ତେବେ ଏଭଳି ଅଘଟଣ ଘଟିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଜାଇକା କିମ୍ବା ଦାୟିତ୍ୱରେ ଥିବା କୌଣସି କର୍ତ୍ତୃପକ୍ଷଙ୍କ ଦେଖା ମିଳିନଥିଲା । ସୂଚନାଥାଉକି ଗତକାଲି ବିଭାଗୀୟ ଜାଇକା ଅବହେଳା ଯୋଗୁଁ ତାଳଦଣ୍ଡା କେନାଲ ଭିତରେ କାର ଖସିପଡ଼ିଥିଲା । କାରରେ ଥିବା ଦମ୍ପତି ବାହାରକୁ ବାହାରି ପାରିନଥିବାବେଳେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲ ନିଆଯାଇଥିଲା । ସେଠାରେ ଜ୍ଞାନରନ ଜେନାଙ୍କ ମୃତ୍ୟୁ ହୋଇଥିବାବେଳେ ପତ୍ନୀ ଅଂଜନା ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଗଳ୍ପ ସଂକଳନ 'କେତେବେଳେ କୋଉ କଥା' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କବି ରକ୍ଷକ ନାୟକଙ୍କ ପ୍ରଥମ ଗଳ୍ପ ସଂକଳନ 'କେତେବେଳେ କୋଉ କଥା' କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନ ଠାରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପ୍ରକାଶକ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଗଙ୍ଗାଧର ତ୍ରିପାଠୀ ଉପସ୍ଥିତ ଥିଲେ।

ଭଞ୍ଜକଳା ମଣ୍ଡପରେ ଆୟୋଜିତ ଦେବସ୍ମୃତି ଫେଷ୍ଟିଭାଲ୍‌ର ଏକ ମନୋରମ ଦୃଶ୍ୟ

ରାଜଭବନରେ ଗୋଆ ଦିବସ ପାଳିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଭିନ୍ନତା ମଧ୍ୟରେ ଏକତା ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ । ଭାରତୀୟତାର ମହକ ଓ ଆଲୋକ ହିଁ ଆମର ପରିଚୟ । ଭାରତର ପରିଚିତିକୁ ଗୋଆ ବହୁ ଭାବରେ ପ୍ରକାର୍ତ୍ତିତ କରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ମଙ୍ଗଳବାର ରାଜଭବନରେ ଗୋଆ ଦିବସ ପାଳନ ଅବସରରେ ରାଜ୍ୟପାଳ ଗଣେଶୀ ଲାଲ ଗୋଆର ଇତିହାସ ଓ ଐତିହ୍ୟ ସଂପର୍କରେ ଆଲୋଚନା କରି ଏକ ଭାରତ: ଶ୍ରେଷ୍ଠ ଭାରତର ଲକ୍ଷ୍ୟ ପାଳନରେ ବିଭିନ୍ନ ରାଜ୍ୟର ଦିବସ ପାଳନ ବିଶେଷ ଉପଲବ୍ଧି ବୋଲି କହିଥିଲେ । ଭୁବନେଶ୍ୱରରେ ରହୁଥିବା ଗୋଆର ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ରାଜ୍ୟ ଖବର

ତାଳଚେର (ଭାସ୍କର ନ୍ୟୁଜ୍): ଏମ୍‌ସିଏଲ ତାଳଚେର ଦ୍ୱାରା ବାସଚ୍ୟୁତ୍ ଓ ଜମି କ୍ଷତିଗ୍ରସ୍ତ ପ୍ୟାପ ପାର୍ଟନରସିପ୍ ମହାସଂଘ ତରଫରୁ ଠିକା କୋଇଲା ପରିବହନ ଭାଗିଦାରୀ ସଂସ୍ଥାରେ ଅନିୟମିତତା ଓ ଦୁର୍ନିତିକୁ ପ୍ରମାଣ ସହ ପ୍ରମାଣ କଲାପରେ ଜିଲ୍ଲା ପ୍ରଶାସନ ଅନୁଗୋଳ ଏହାକୁ ପୁଙ୍ଖାନୁପୁଙ୍ଖଭାବେ ତର୍ଜମାକରି ଗତ ତା ୨୨/୦୨/୨୦୨୩ ରିଖ ଦିନ ବୈଠକ କରି ଦୁର୍ନିତୀଗ୍ରସ୍ତ ଫାର୍ମ ଗୁଡ଼ିକୁ ତୁରନ୍ତ ଖାରଜ କରିବାକୁ ନିର୍ଦ୍ଦେଶ ଦେଇ ମିନଟ୍‌ସ୍‌ରେ ପ୍ରକାଶ ପାଇବା ପରେ ମଧ୍ୟ ଏହାକୁ ଉପଖଣ୍ଡ ପ୍ରଶାସନ ତାଳଚେର ଓ ଏମସିଏଲର ଜଗନ୍ନାଥ କ୍ଷେତ୍ର, ଲିଙ୍ଗରାଜ କ୍ଷେତ୍ର ଓ ଭରତପୁର କ୍ଷେତ୍ରର ଅଧିକାରୀମାନେ ମିଳିତ ମସୁଧାରେ ଜାଣିଶୁଣି କାଳବିଳମ୍ବ କରି ଜିଲ୍ଲା ପ୍ରଶାସନ ଅନୁଗୋଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଦୁର୍ନିତୀ ଗ୍ରସ୍ତ ଠିକାସଂସ୍ଥା ପରିବହନ ଭାଗିଦାରୀ ସଂସ୍ଥା ଗୁଡ଼ିକୁ ଖାରଜ କରିବାରେ ଅବହେଳା କରିଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ପ୍ରାୟ ଦୁଇମାସ ବିତିଯିବା ପରେ ମଧ୍ୟ ଅଧିକାରୀମାନେ ଦାୟୀତ୍ୱ ତୁଲାଇବାରେ ଅବହେଳା କରିବା ସହ ଉକ୍ତ ସଂଘକୁ ଅବମାନନା କରିଛନ୍ତି । ଏହାକୁ ତୀବ୍ର ବିରୋଧକରି ଆଜି ୮ଘଟିକା ସମୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ସଂଘ ପକ୍ଷରୁ ପୁନର୍ବାର ଶାନ୍ତିପୂର୍ଣ୍ଣ ଗଣଧାରଣାରେ ଦେଇଥିଲେ । ମାତ୍ର କାର୍ଯ୍ୟାଳୟ ପକ୍ଷରୁ ୭ଦିନ ସମୟ ମାଗିବା ପରେ ଗଣାଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି । ତେବେ ଏମାନେ ନ୍ୟାୟ ପାଇବେ କେବେ ଦେଖିବାକୁ ବାକି ରହିଲା ।

ସମ୍ପାଦିକାଙ୍କ ନାମରେ ଅର୍ଥହଡପ ଅଭିଯୋଗ

କାକଟପୁର,(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତ ତଇଲୋ ଗ୍ରାମରେ ଥିବା ମାବାଟମଙ୍ଗଳା (ସ୍ୱୟଂ) ସହାୟିକା ଗୋଷ୍ଠୀର ସମ୍ପାଦିକା ଗ୍ରୁପ ସଭ୍ୟାମାନଙ୍କ ଠାରୁ ମାସିକ ଆଦାୟ ହେଉଥିବା ସଞ୍ଚୟ ଅର୍ଥ ଓ ଋଣ କିସ୍ତି ଅର୍ଥ ବ୍ୟାଙ୍କରେ ଜମା ନକରି ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଗୋଷ୍ଠୀର ସଭ୍ୟାମାନେ କାକଟପୁର ସିଡିପିଓ ନିକଟରେ ଅଭିଯୋଗ କରିବା ସହିତ ଘଟଣାର ତଦନ୍ତ ଦାବୀ କରିଛନ୍ତି। ପୂର୍ବରୁ କୋଣାର୍କ ଥାନାରେ ମଧ୍ୟ ସଂପୃକ୍ତା ସମ୍ପାଦିକାଙ୍କ ନାମରେ ଜମାଅର୍ଥ ହଡପ ଅଭିଯୋଗରେ ଏତଲା ଦିଆଯିବା ପରେ ସମ୍ପାଦିକା ଶ୍ରୀମତୀ ବେହେରା ଟଙ୍କା ଫେରାଇବାକୁ ଏକ ଚୁକ୍ତିପତ୍ର କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଟଙ୍କା ଫେରାଇବାକୁ ମନାକରିଦେବାରୁ ବାଧ୍ୟ ହୋଇ ଗୋଷ୍ଠୀର ସଭ୍ୟାମାନେ କାକଟପୁର ବ୍ଲକ ସିଡିପିଓ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି କ୍ଷ ଅଭିଯୋଗରୁ ପ୍ରକାଶଯେ ବାଟମଙ୍ଗଳା (ସ୍ୱୟଂ) ସହାୟିକା ଗୋଷ୍ଠୀର ମହିଳାମାନେ ସେମାନଙ୍କର ବ୍ୟାଙ୍କ ଜମାଖାତା ସୋରଭା ସ୍ଥିତ କାନରା ବ୍ୟାଙ୍କରେ ଖୋଲିଥିବା ବେଳେ ୨୦୨୦ ମସିହାରେ ବ୍ୟାଙ୍କରୁ ୩ ଲକ୍ଷ ୫କ୍ଷ ହଜାର ଟଙ୍କା ଋଣ ନେଇଥିଲେ କ୍ଷ ପ୍ରତିମାସରେ ସଭ୍ୟାମାନେ ଆଦାୟ କରୁଥିବା ସେମାନଙ୍କ ମାସିକ ସଂଚୟ ଅର୍ଥ ସହ ଋଣ ଶୁଝିବା ବାବଦରେ ସଭ୍ୟା ମାନେ ସେମାନଙ୍କ ମାସିକ ଋଣ କିସ୍ତି ଟଙ୍କା ମଧ୍ୟ ଗୋଷ୍ଠୀର ସଂପାଦିକାଙ୍କ ନିକଟରେ ଦାଖଲ କରୁଥିଲେ ବୋଲି ପ୍ରକାଶ କରିଛନ୍ତି। ସଂପାଦିକା ସଭ୍ୟାମାନଙ୍କ ଠାରୁ ମାସିକ ଋଣ କିସ୍ତି ଟଙ୍କା ଓ ମାସିକ ବ୍ୟାଙ୍କ ସଞ୍ଚୟ ଅର୍ଥ ଆଦାୟ କରି ସାରିବାପରେ ପ୍ରମାଣ (ସ୍ୱରୂପ)ଏକ ଛୋଟ ଖାତାରେ (ସ୍ୱାକ୍ଷର) କରି ସଭ୍ୟାମାନଙ୍କୁ ଦେଉଥିଲେ । ସଭ୍ୟାମାନେ ଭାବୁଥିଲେଯେ ସଂପାଦିକା ପ୍ରତିମାସରେ ଆଦାୟ ହେଉଥିବା ବ୍ୟାଙ୍କରେ ଋଣ କିସ୍ତି ଟଙ୍କା ସହ ମାସିକ ଆଦାୟ ହେଉଥିବା ସଭ୍ୟାମାନଙ୍କ ସଞ୍ଚୟ ଅର୍ଥ ବ୍ୟାଙ୍କରେ ଜମାରଖୁଛନ୍ତି। ମାତ୍ର ବ୍ୟାଙ୍କ ପକ୍ଷରୁ ଗୋଷ୍ଠୀର ସଭାନେତ୍ରୀ ମିନାକ୍ଷୀ (ସ୍ୱାଇଁ)ଙ୍କ ନିକଟକୁ ଫୋନ ଆସିଲାଯେ ଗ୍ରୁପ ନେଇଥିବା ଋଣ ଅର୍ଥ ଠିକ ଭାବେ ବ୍ୟାଙ୍କରେ ପୈଠ କରାଯାଉନାହିଁ କି ଗ୍ରୁପର ମାସିକ ସଞ୍ଚୟ ଜମା ଖାତାରେ ସଭ୍ୟାମାନେ ଅର୍ଥ ଜମା କରୁନାହାନ୍ତି। ଏହାପରେ ସମସ୍ତ ସଭ୍ୟାମାନେ ଗ୍ରୁପର ବ୍ୟାଙ୍କ ଜମା ଖାତା ଓ ଋଣ ଖାତାକୁ ଯାଞ୍ଚ କରିବା ପରେ ଜଣାପଡିଲାଯେ ସଭ୍ୟାମାନେ ୨ ବର୍ଷ ଧରି ଦେଇ ଆସୁଥିବା ଅର୍

ସିନ୍ଦେ ଦଳର ବିଧାୟକ ଆମ ଯୋଗାଯୋଗରେ | ୧୦

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ପ୍ରଶଂସକଙ୍କ ସ୍ନେହ ଭୁଲିବା କଷ୍ଟକର | ୧୧

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୬୯ Vol. 20 No-69 31 MAY 2023 WEDNESDAY BHUBANESWAR ବୁଧବାର, ୩୧ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ସଂକ୍ଷେପରେ...

ଆରଆଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସାଲେପୁର,୩୦।୫(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲିସ୍ଥିତ ତହସିଲ କାର୍ଯ୍ୟାଳୟର ଉପର ମହଲାରୁ ଜଣେ ଆର୍‌ଆଇଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି । ତାଙ୍କ ନାମ ସଞ୍ଜୟ ଦାସ । ସେ ତରତ ସର୍କଲର ଆରଆଇ ଭାବେ କାର୍ଯ୍ୟରତ ଥିଲେ । ତେବେ ସେ ଆତ୍ମହତ୍ୟା କାହିଁକି କଲେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ । ପୋଲିସ ତଦନ୍ତ ଆରମ୍ଭ କରିଛି ।

ଜେଲ୍ ଗଲେ ତହସିଲଦାର

କରଞ୍ଜିଆ,୩୦।୫(ଭାସ୍କର ନ୍ୟୁଜ): ୧୨ ଲକ୍ଷ ଟଙ୍କାର ଚେକ୍ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା କରଞ୍ଜିଆ ତହସିଲଦାର ଚାର୍ଲ୍ସ ନାୟକ ଶେଷରେ ଜେଲ୍ ଯାଇଛନ୍ତି । ସେ ଆସନ୍ତା ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରହିବେ । ଚଢାଉ ସମୟରେ ତାଙ୍କର ୧ କୋଟି ୨୫ ଲକ୍ଷର ବ୍ୟାଙ୍କ ଜମା, ୭୧ ଲକ୍ଷର ୩ ମହଲା କୋଠା, ୧୨ ଲକ୍ଷର କ୍ରେଟା କାର୍ ଓ ବିପୁଳ ପରିମାଣର ସୁନାଗହଣା ଠାବ କରାଯାଇଛି ।

ବାଲିଗୁଡ଼ାରେ ବାଘ ଆତଙ୍କ

ବାଲିଗୁଡ଼ା,୩୦।୫(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବଡ଼ଗାଁ ପମ୍ପ ହାଉସ ନିକଟରେ ଦୁଇଟି କଲରାପତରିଆ ବାଘ ବୁଲୁଥିବାର ଗ୍ରାମବାସୀ ସୂଚନା ଦେଇଛନ୍ତି । ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ପାଦଚିହ୍ନ ଠାବ କରିବା ସହ ଏକାକୀ ନଦୀ କିମ୍ବା ଜଙ୍ଗଲକୁ ନ ଯିବା ପାଇଁ ସ୍ଥାନୀୟ ଅଧିବାସୀଙ୍କୁ ପରାମର୍ଶ ଦେଇଛନ୍ତି । ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

ସେନ୍‌ସେକ୍ସ: ୬୨,୯୬୯.୧୩
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮.୬ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

୩୦।୫ର ମତାମତ

ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶନରେ ବିଳମ୍ବ ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଦାୟୀ ନୁହନ୍ତି କି ?



ଆଜିର ପ୍ରସଙ୍ଗ

ଡିଜିଟାଲ ଲାଞ୍ଚ କାରବାର ରୋକିବା ପାଇଁ ସରକାର ପଦକ୍ଷେପ ନେବା ଜରୁରି ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ମୋ ଘର ଯୋଜନା କଲେ ସରକାର
ରହିବନି କଚାଘର
ନବୀନ ସର୍କାର ବିକାଶକୁ ଦେଖି
ବିରୋଧୀଏ ଥରହର
ଆସେ ନିର୍ବାଚନ ଜୋର
ଶାସକ ବିରୋଧୀ ରଣ ଚାଲିଅଛି
ଦେଖାନ୍ତି ବସି ପାଞ୍ଚାର...।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି

ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି

ଆହୁରି ୩ରୁ ୪ଦିନ ପ୍ରଚଣ୍ଡ ତାତି
୩ ପର୍ଯ୍ୟନ୍ତ ଜାରି ରହିବ କାଳବୈଶାଖୀ
୪୨ ଡିଗ୍ରୀ ଉପରେ ରହିବ ପଶ୍ଚିମ ଓଡ଼ିଶା ପାରଦ
୪୩.୩ ଡିଗ୍ରୀ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୩୦।୫ (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି । ଦିନରେ ପ୍ରବଳ ତାତି ସହ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଅପରାହ୍ନରେ କାଳବୈଶାଖୀ ବର୍ଷା ହେଉଛି । ତେଣୁ ତାତିରୁ ଅପରାହ୍ନରେ ସାମାନ୍ୟ ଆଶ୍ୱସ୍ତି ମିଳୁଛି । ଦିନରେ ଅସହ୍ୟ ଗରମ ସହ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି । କେବଳ ମଣିଷ ନୁହଁନ୍ତି ପଶୁ, ପକ୍ଷୀମାନେ ମଧ୍ୟ ପ୍ରଚଣ୍ଡ ଗରମରେ ଛଟପଟ ହେଉଥିବା ଦେଖିବାକୁ ମିଳୁଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆହୁରି ୪ରୁ ୫ଦିନ ସାରା ରାଜ୍ୟରେ କାଳବୈଶାଖୀର ପ୍ରଭାବ ଜାରି ରହିବ । ବିଜୁଳି, ଘଡଘଡି ସହ ବର୍ଷା ଓ ପବନ ଲାଗି ରହିବ । ତେବେ ଏହି ସମୟରେ ଦିନର ତାପମାତ୍ରାରେ କୌଣସି ପରିବର୍ତ୍ତନ ଘଟିବ ନାହିଁ । ସବୁଠୁ ବେଶୀ ତାତି ପଶ୍ଚିମ ଓଡ଼ିଶାରେ ଅନୁଭୂତ ହେଉଛି । ପ୍ରଚଣ୍ଡ ତାତିରେ ପଶ୍ଚିମ ଓଡ଼ିଶାର ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଏପରିକି ପଶ୍ଚିମ ଓଡ଼ିଶାର ଅଧିକାଂଶ ସହରରେ ତାପମାତ୍ରା ୪୨ଡିଗ୍ରୀ ଉପରେ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉପକୂଳ, ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀର ପ୍ରଭାବ ବେଶ ଅନୁଭୂତ ହେବ । ବିଜୁଳି ଘଡଘଡି ସହ ବର୍ଷା ପବନ ଜାରି ରହିବ । ତେଲେଙ୍ଗାନା ଓ ଏହାର ଆଖପାଖରେ ଏକ ଘୂର୍ଣ୍ଣି ବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ରାଜ୍ୟରେ ଖରା ବର୍ଷାର ଲୁଚକାଳି ଖେଳ ଜାରି ରହିଛି । କାଳବୈଶାଖୀ ବର୍ଷା ପାଇଁ ୨୩ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଭଦ୍ରକ, ● ପୃଷ୍ଠା ୮ ଦେଖନ୍ତୁ

ଅଗ୍ରସର ହେଲା ମୌସୁମୀ ବାୟୁ

ଭୁବନେଶ୍ୱର,୩୦।୫ (ଭାସ୍କର ନ୍ୟୁଜ) : ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି । ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରର କିଛି ଅଞ୍ଚଳ, ସମ୍ପୂର୍ଣ୍ଣ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ମୌସୁମୀ ବାୟୁ ପ୍ରବେଶ କରିସାରିଛି । ଆଗାମୀ ୨ ରୁ ୩ଦିନ ମଧ୍ୟରେଏହା ମାଲଦ୍ୱୀପ, କୋମୋରିନ ଅଞ୍ଚଳ, ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରର କେତେକ ଅଂଶ ତଥା ଉତ୍ତରପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳକୁ ମୌସୁମୀ ବାୟୁ ପ୍ରବେଶ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଜୁନ୍ ୪ ସୁଦ୍ଧା ମୌସୁମୀ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିବା ବେଳେ ଜୁନ୍ ୧୪ପରେ ଏହା ଓଡ଼ିଶାରେ ପ୍ରବେଶ କରିବ ବୋଲି ସୂଚନା ଦିଆଯାଇଛି । ସାଧାରଣତଃ ମୌସୁମୀ କେରଳ ଉପକୂଳ ଛୁଇଁବାର ୧୦ ଦିନ ପରେ ଓଡ଼ିଶାରେ ପ୍ରବେଶ କରିଥାଏ ।

ଆଜି ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର,୩୦।୫ (ଭାସ୍କର ନ୍ୟୁଜ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବ । ପୂର୍ବାହ୍ନ ୧୧ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟଠାରେ ଏହି ରେଜଲ୍ଟ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି । ସେହିପରି ଜୁନ୍ ୮ସୁଦ୍ଧା କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଚଳିତବର୍ଷ ମୋଟ ୩ଲକ୍ଷ ୫୭ହଜାର ୯୪୨ଜଣ ଛାତ୍ରଛାତ୍ରୀ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୧ଲକ୍ଷ ୭୩ହଜାର ୫୩୪ଜଣ ଛାତ୍ର ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ରହିଛି ୧ଲକ୍ଷ ୮୪ହଜାର ୪୦୮ । କଳାରେ ୨ଲକ୍ଷ ୨୯ହଜାର ୧୧୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୯୧ହଜାର ୩୭୯ଜଣ ଓ ବାଣିଜ୍ୟରେ ୨୩ହଜାର ୧୪୮ଜଣ ପିଲା ପରୀକ୍ଷା ଦେଇଛନ୍ତି । ଗତ ମାର୍ଚ୍ଚ ୧ରୁ ଏହି ପରୀକ୍ଷା ଆରମ୍ଭ ହୋଇ ଏପ୍ରିଲ ୫ତାରିଖରେ ଶେଷ ହୋଇଥିଲା । ମୋଟ ୧୧୪୫ ପରୀକ୍ଷା କେନ୍ଦ୍ରରେ ଏହି ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ । ଖାତା ମୂଲ୍ୟାୟନ ଏପ୍ରିଲ ୧୦ତାରିଖରୁ ଆରମ୍ଭ ହୋଇଥିଲା । ତେବେ ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ ଘଟିଥିବାରୁ ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା ।

ବଢ଼ିବ ଯୁକ୍ତ ଦୁଇ ସିଟ୍ ସଂଖ୍ୟା

ଭୁବନେଶ୍ୱର,୩୦।୫ (ଭାସ୍କର ନ୍ୟୁଜ) : ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ସଫଳତା ହାରକୁ ଦୃଷ୍ଟିରେ ରଖି ଯୁକ୍ତ ୨ରେ ସିଟ୍ ସଂଖ୍ୟା ବୃଦ୍ଧି ପାଇ ନିଷ୍ପତ୍ତି ନିଆଯାଇଥିବା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ସୂଚନା ଦେଇଛନ୍ତି । ସେ କହିଛନ୍ତି ୧୦୬ଟି ନୂତନ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୧୩ହଜାର ସିଟ୍ ରଖାଯିବ । ମୋ ସ୍କୁଲ ଅଭିଯାନରେ ଏହି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ହୋଇଥିବା ସେ ସୂଚନା ଦେବା ସହ କହିଥିଲେ ଯେ, ୨୦୨୩ ଶେଷ ସୁଦ୍ଧା ରାଜ୍ୟର ସବୁ ହାଇସ୍କୁଲରେ ଆଇଟି ଲ୍ୟାବ ଉପଲବ୍ଧ ହେବ । ୪.୨ଲକ୍ଷ ପରିବାରର ୬ଲକ୍ଷରୁ ଅଧିକ ପିଲା ୧୭୩୫ ବିଦ୍ୟାଳୟରେ ପାଠ ପଢୁଛନ୍ତି । ଏହି ବିଦ୍ୟାଳୟଗୁଡ଼ିକ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି ।

ସାକାର ହେବ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ

ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ପାଇବ ଶ୍ରୀକ୍ଷେତ୍ର

ପୁରୀ,୩୦।୫(ଭାସ୍କର ନ୍ୟୁଜ): ସାକାର ହେବ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ । ବିଶ୍ୱ ମାନଚିତ୍ରରେ ଶ୍ରୀକ୍ଷେତ୍ର ପାଇବ ସ୍ୱତନ୍ତ୍ର ପରିଚୟ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଜାରି ରହିଛି ବିଭିନ୍ନ ବିକାଶମୂଳକ କାର୍ଯ୍ୟ । ସେଥିମଧ୍ୟରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଏକ ପ୍ରମୁଖ ଓ ମହତ୍ୱପୂର୍ଣ୍ଣ ପ୍ରକଳ୍ପ । ଏହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ନେଇ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଇତିମଧ୍ୟରେ ପ୍ରି-ଫିଜିବିଲିଟି ରିପୋର୍ଟ ପ୍ରଦାନ କରାଯାଇଛି । ଏହି ବିମାନବନ୍ଦର ନିର୍ମାଣ ପାଇଁ ୧୧୪୨ ଏକର ଜମି ମଧ୍ୟ ଚିହ୍ନଟ ହୋଇସାରିଛି । ସେଥିମଧ୍ୟରୁ ୨୨୧ ଏକର ଜମି ଅଧିଗ୍ରହଣ ନେଇ ଜନଶୁଣାଣି ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ସିପସରୁବାଲି ମୌଜାର ୧୫୩ ଏକର ଜମି ଅଧିଗ୍ରହଣକୁ ନେଇ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ତେବେ ଜନଶୁଣାଣିରେ ଉପସ୍ଥିତ ଥିବା ବହୁ ଲୋକ ଏହି ପ୍ରକଳ୍ପକୁ ସମର୍ଥନ କରିଥିବା ସୂଚନା ମିଳିଛି । ପୁରୀରେ ବିମାନବନ୍ଦର ସ୍ଥାପନ ହେଲେ ପର୍ଯ୍ୟଟନର ବିକାଶ ହେବା ସହ ଗମନାଗମନ ସୁବିଧା ଯୋଗାଇ ଦିଆଯାଇପାରିବ । ବିଶ୍ୱ ମାନଚିତ୍ରରେ ପୁରୀ ଏକ ପ୍ରମୁଖ ବିକଶିତ ସହରର ମାନ୍ୟତା ପାଇବ । ରାଜ୍ୟ ସରକାରଙ୍କ ଏହି ଯୋଜନା ବିଶ୍ୱ ସହ ଶ୍ରୀକ୍ଷେତ୍ରକୁ ଯୋଡ଼ିବାରେ ସହାୟକ ହୋଇପାରିବ । ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପମାନ ଗ୍ରହଣ କରାଯାଉଥିବାବେଳେ ବିମାନବନ୍ଦର ପାଇଁ ଚିହ୍ନଟ ଜମିରେ ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି ।

■ ବୈଷ୍ଣୋଦେବୀ ଦର୍ଶନ ନୋହିଲା ■

ପୋଲ ତଳକୁ ବସ୍ ଖସି ୧୦ମୃତ

ଶ୍ରୀନଗର,୩୦।୫ : ସେମାନେ ଘରୁ ମନ ଖୁସିରେ ବୈଷ୍ଣୋ ଦେବୀଙ୍କ ଦର୍ଶନ ପାଇଁ ବାହାରି ଥିଲେ । ହେଲେ ସେମାନଙ୍କ ଆଶା ଆଶାରେ ହିଁ ରହିଗଲା । ଅଧା ବାଟରେ ସତେ ଯେପରି କାଳ ଜଗିଥିଲା । ସେମାନଙ୍କୁ ନେଇ ଯାଉଥିବା ବସ୍‌ଟି ପୋଲ ତଳକୁ ଖସି ପଡିବାରୁ ଘଟଣାସ୍ଥଳରେ ୧୦ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୧୬ଜଣ ଆହତ ହୋଇଛନ୍ତି । ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜାମ୍ମୁ କାଶ୍ମୀରର କୋଟଲୀ ଅଞ୍ଚଳରେ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ ଅମୃତସରରୁ ଜାମ୍ମୁ କାଶ୍ମୀରର କଟରା ଅଭିମୁଖେ ଯାଉଥିବା ଏହି ବସ୍‌ଟି ଜମ୍ମୁ ଜିଲ୍ଲା କୋଟଲି ଅଞ୍ଚଳରେ ଭାରସାମ୍ୟ ହରାଇ ଏକ ପୋଲ ତଳକୁ ଖସି ପଡିଥିଲା । ଜାମ୍ମୁ ଠାରୁ ଏହି ସ୍ଥାନଟି ୩୫କିମି ଦୂରରେ ଅବସ୍ଥିତ । ତେବେ ଖବର ମିଳିବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ସେତେବେଳକୁ ବସରେ ଥିବା ୧୦ଜଣଙ୍କର ମୃତ୍ୟୁ ହୋଇ ସାରିଥିଲା । ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ● ପୃଷ୍ଠା ୮ ଦେଖନ୍ତୁ

ସ୍କୁଟିକୁ ପିଟିଲା ଟ୍ରକ୍ ମା',ଝିଅ ମୃତ

ଜଗତ୍‌ସିଂହପୁର,୩୦।୫ (ଭାସ୍କର ନ୍ୟୁଜ) : ଝିଅ ଦେହ ଖରାପ ଥିବାରୁ ମେଡ଼ିକାଲ ଯାଉଥିଲେ । ହେଲେ ରାସ୍ତାରେ ଜଗି ରହିଥିଲା ମୃତ୍ୟୁ । ଟ୍ରକ୍ ଚାପାରେ ଚାଲିଗଲା ମା ଓ ଝିଅଙ୍କ ଜୀବନ । ଏଭଳି ଏକ ଅଭାବନୀୟ ଘଟଣା ଜଗତ୍‌ସିଂହପୁର ଜିଲ୍ଲା ଚଷାପଡା ଢ଼ିହ ସାହି ନିକଟରେ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ କଲିମା ବିବି ଓ ତାଙ୍କର ୬ମାସର ଝିଅ ଅଲିଆ ଖାତୁନ୍ ଏକ ସ୍କୁଟରେ ହସ୍ପିଟାଲ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଚଷାପଡା ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ମା' ଓ ଝିଅଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ଭିତରକୁ ଆସିଥିଲା ।



VIT-AP UNIVERSITY
Apply Knowledge. Improve Life!®

The VITAL place for Higher Education

ADMISSIONS OPEN - 2023

APPLY NOW at www.vitap.ac.in

PROGRAMMES OFFERED

with unique Curriculum for Outstanding Professional Success (COPS)®
- Majors : CSE, ECE & Mech
- CSE with specialisation in Business Systems (in collaboration with TCS)

Under Design Your Own Degree (DYOD)® student chooses B.TECH. SPECIALISATIONS / MINORS / DOUBLE MAJOR within 4 Years
Data Analytics, Networking and Security, Artificial Intelligence, Edge Computing, Software Engineering, Geo Informatics, Blockchain, VLSI, Embedded Systems, IoT, Computational Mathematics, Image and Video Processing, Digital Manufacturing, Robotics, Digital Marketing, Econometrics, FinTech, Corporate Law, Electrical Vehicle Technology, Performing Arts

5-YEAR INTEGRATED PROGRAMMES
(For students after their 12th Standard)
- M.Tech Software Engineering
- M.Tech CSE (In collaboration with Virtusa)

Ph.D PROGRAMMES
Engineering, Sciences | Management | Commerce Law | Humanities | Languages

BUSINESS PROGRAMMES
- B.B.A (General Management/ FinTech Digital Marketing / Business Analytics)
- B.B.A (with 2+2 option of continuing at University of Michigan at Dearborn)
- B.B.A in Business Analytics (with 2+2 option of continuing at Arizona State University)
- B.Com. (Finance)

LAW PROGRAMMES
- B.B.A., LL.B. (Hons.)
- B.A., LL.B. (Hons.)

DUAL DEGREE PROGRAMMES with UG Exit Option
- B.Sc. - M.Sc. Data Science
- B.A. - M.A. Public Service with integrated training for UPSC

PG PROGRAMMES
- M.Tech. (VLSI Design)
- M.Sc. Data Science
- M.Sc. Physics
- M.Sc. Physics (Specialization in Energy Technologies)
- M.Sc. Chemistry Specializations : Pharmaceutical Chemistry / Analytical Chemistry)

VITEEE ONLINE COUNSELLING DATES
Phase-1 : 29-04-2023 to 30-04-2023 (Rank : 1 - 20000)
Phase-2 : 10-05-2023 to 11-05-2023 (Rank : 20001 - 45000)
Phase-3: 21-05-2023 to 22-05-2023 (Rank : 45001 - 70000)
Phase-4: 01-06-2023 to 02-06-2023 (Rank : 70001 - 100000)
Phase-5: 13-06-2023 to 14-06-2023 (Rank : More than 1 Lakh)

HIGHLIGHTS
Ranked #1 among Emerging State Private Universities in India (Outlook University Rankings 2022) | 45 Industry Partners | 2+2 3+1 Study options in Universities abroad | 707 Super Dream & Dream Offers | Total Offers 1519 still counting Data for 2023 Graduating Batch

VIT-AP University, Beside AP Secretariat, Near Vijayawada, Andhra Pradesh-522237 admission@vitap.ac.in 08632370444 7901091283
Hyderabad Admin Office: 4th Floor, Bansal Pride Building, Near YSR Statue, Madhapur, Hyderabad - 500081 04029559555 7901311658
www.vitap.ac.in vitap.university vitap.university vit-ap VITAPuniversity VITAP

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଅବାରସିଂ ଗ୍ରାମ ପଞ୍ଚାୟତର ଡୁମ୍ବା ପାର୍କଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ କାଫେକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ୍ କୁମାର ଓ ମିଶନ ଶକ୍ତିର ମା' ବ୍ରାହ୍ମଣୀ ଦେବୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଡୁମ୍ବାଙ୍କ ଦ୍ୱାରା କାଫେ କେନ୍ଦ୍ରକୁ ଶୁଭ ଉଦ୍‌ଘାଟନ କରିଥିଲେ। ମହିଳା ସଦସ୍ୟମାନେ ଏହି କାଫେ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଲାଭାନ୍ୱିତ ହେବା ସଙ୍ଗେସଙ୍ଗେ ଲୋକଙ୍କୁ ସୁଲଭ ଦରରେ ବିଭିନ୍ନ ପ୍ରକାର ଖାଦ୍ୟ ଆଦି ଉପଲବ୍ଧ ହୋଇପାରିବ ବୋଲି କୁହା ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମିଶନ ଶକ୍ତି ଅଧିକାରୀ ରଶ୍ମୀ ରଞ୍ଜନ ସେଠୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସଂସ୍ଥା ସାଧାରଣ ପରିଚାଳକ ସୁନାରାମ ସିଂ, ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ସ୍ଥାନୀୟ ସିଡିପିଓ, ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ମିଶନ ଶକ୍ତିର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମିଶନ ଶକ୍ତି ଅଧିକାରୀ ରଶ୍ମୀ ରଞ୍ଜନ ସେଠୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସଂସ୍ଥା ସାଧାରଣ ପରିଚାଳକ ସୁନାରାମ ସିଂ, ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ସ୍ଥାନୀୟ ସିଡିପିଓ, ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ମିଶନ ଶକ୍ତିର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଆହତ ବ୍ୟକ୍ତିକୁ ହସ୍ପିଟାଲ୍ ନେବାକୁ ଆସିଲାନି ଆମ୍ବୁଲାନ୍ସ

ଖଟରେ ଭାର କରି ୮ କିଲୋମିଟର ବୋହିଲେ ଗ୍ରାମବାସୀ

ବାଲିମେଳା/ଖଇରପୁଟ, (ଭାସ୍କର ନ୍ୟୁଜ୍): ପୁଣି ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି ସରକାରଙ୍କ ବିକାଶର ନଗ୍ନଚିତ୍ର। ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲ ପହଞ୍ଚାଇବାକୁ ଆସିଲାନି ଆମ୍ବୁଲାନ୍ସ। କାଉଡିରେ ହସ୍ପିଟାଲ ବୁହାହେଲେ ବ୍ୟକ୍ତି ଜଣକ। ଏହି ଚିତ୍ର ହିଁ ବୟାନ କରୁଛି ସରକାରଙ୍କ ବିକାଶମୂଳକ କାର୍ଯ୍ୟ କେତେ ସଫଳ। ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ରାସବେଡା ପଞ୍ଚାୟତରେ। ଆମ୍ବୁଲାନ୍ସ ନ ଆସିବାରୁ ଜଣେ ଆହତ ବ୍ୟକ୍ତିଙ୍କୁ କାଉଡିଆରେ ବୋହି ୮ କିଲୋମିଟର ଆଣି ହସ୍ପିଟାଲରେ ଚିକିତ୍ସା କରାଇଛନ୍ତି ଗ୍ରାମବାସୀ। ସୂଚନା ମୁତାବକ, ଗତକାଲି ତାଗାବେଡା ଗ୍ରାମର ମଙ୍ଗଳା ମୁଦୁଲି ନାମକ ଜଣେ ବଣ୍ଡା ଯୁବକ ଗଛରୁ ପଡି ଗୁରୁତର ଆହତ ହୋଇଥିଲେ। ହେଲେ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଶେଷରେ ତାଗାବେଡା ଗ୍ରାମର କିଛି ଯୁବକ ଓ ପରିବାରବର୍ଗ ମିଶି ଖାଲଢିପ, ଜଙ୍ଗଲର ପାହାଡ଼ିଆ ରାସ୍ତାରେ ତାଙ୍କୁ ୮ କିଲୋମିଟର କାଉଡିରେ ବୋହି ରାସବେଡା ପହଞ୍ଚିଥିଲେ। ସେଠାରୁ ଏକ ଗାଡି ଦ୍ୱାରା ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଖଇରପୁଟ ଡାକ୍ତର ମଙ୍ଗଳା ମୁଦୁଲିଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ପରେ ମଙ୍ଗଳାଙ୍କ ପରିବାର ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଉଥିବା ସୂଚନା ମିଳିଛି। ଦୀର୍ଘ ଦିନ ହେବ ତାଗାବେଡାକୁ ଭଲ ରାସ୍ତା ପାଇଁ ଗ୍ରାମବାସୀ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ପାଖରେ ଦାବି କରି ଆସୁଥିଲେ ମଧ୍ୟ ସେମାନଙ୍କ ଗୁହାରି ସରକାର ଶୁଣୁ ନାହାନ୍ତି। ଫଳରେ ରାସବେଡା ପଞ୍ଚାୟତର ତାଗାବେଡା ଭଳି ଅନେକ ଗାଁରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଯାହା ଫଳରେ କେବେ ଗର୍ଭବତୀ ତ ଆଉ କେବେ ଗୁରୁତର ରୋଗୀ ତ ଆଉ କେବେ ଗୁରୁତର ଆହତଙ୍କୁ କାଉଡିରେ ବୋହି ଖଇରପୁଟ ଚିକିତ୍ସାଳୟକୁ ନିଆଯାଉଥିବା ଦୃଶ୍ୟ ନଜରକୁ ଆସିଛି। ସୂଚନା ମୁତାବକ, ଗତକାଲି ତାଗାବେଡା ଗ୍ରାମର ମଙ୍ଗଳା ମୁଦୁଲି ନାମକ ଜଣେ ବଣ୍ଡା ଯୁବକ ଗଛରୁ ପଡି ଗୁରୁତର ଆହତ ହୋଇଥିଲେ। ହେଲେ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଶେଷରେ ତାଗାବେଡା ଗ୍ରାମର କିଛି ଯୁବକ ଓ ପରିବାରବର୍ଗ ମିଶି ଖାଲଢିପ, ଜଙ୍ଗଲର ପାହାଡ଼ିଆ ରାସ୍ତାରେ ତାଙ୍କୁ ୮ କିଲୋମିଟର

ଖଇରପୁଟ,(ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ, ଓଡିଶା ଗଭର୍ନର ପ୍ରଭୁଦତ ସୁବୁଧି ଆଜି ମାଲକାନଗିରି ଜିଲ୍ଲା ଦିନିକିଆ ଗସ୍ତ କରିଛନ୍ତି। ମାଲକାନଗିରି ଜିଲ୍ଲା ରୋଟାରି କ୍ଲବ ତରଫରୁ ହୋଟେଲ ସ୍ୱାଗତ ସମ୍ମିଳନୀ କକ୍ଷରେ ସୁବୁଦ୍ଧିଙ୍କୁ ସ୍ୱାଗତ କରାଯିବା ସହ ରୋଟାରି କ୍ଲବର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ରୋଟାରି କ୍ଲବ ସଭାପତି କିଶୋର କୁମାର ଚୌଧୂରୀ, ସମ୍ପାଦକ ରାମହରି ପଣ୍ଡା, ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ।ମାଲକାନଗିରି ଜିଲ୍ଲା ରୋଟାରି କ୍ଲବ ସଭାପତି ଏ. ଇଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଏକସଭା ଅନୁଷ୍ଠିତ ହୋଇଥିଲା। ମାଲକାନଗିରି ରୋଟାରି କ୍ଲବ ବିଗତ ତିନିବର୍ଷ ଧରି ଜିଲ୍ଲାରେ କୋବିଡ ମହାମାରି ସମୟରେ ଜନ ସଚେତନତା ଏବଂ ବିଭିନ୍ନ ସାମଗ୍ରୀ ଆଭ୍ୟନ୍ତରୀଣ ଅଞ୍ଚଳରେ ବାଣ୍ଟିବା ସହ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ନିଶା ନିବାରଣ ଇତ୍ୟାଦି କାର୍ଯ୍ୟକ୍ରମ କରି ଆସୁଥିବା ସମ୍ପାଦକ ଜି. ଶ୍ୟାମବାବୁ ଦୋରା ତାଙ୍କ ବିବରଣୀରେ ପ୍ରଦାନ କରିଥିଲେ। ମାଲକାନଗିରି ରୋଟାରି କ୍ଲବ ସାଧାରଣ ଗରୀବ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିବା ବେଳେ ଆଜି ମାଲକାନଗିରି ବ୍ଲକ ଗୋଡଗୁଡା ସଦର ପଞ୍ଚାୟତର ଜଣେ ଅସହାୟ ଯୁବତୀ ଇନ୍ଦିରା ମାଢିଙ୍କୁ କ୍ଲବ ତରଫରୁ ଏକ ସିଲେଇ ମେସିନ ଏବଂ ମାଲକାନଗିରି ସଦର ମହୁକମାର ସୁମିତ୍ରା ଦୋରା ନାମକ ମହିଳା ଛୋଟ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରି ଅକ୍ଷମ ହେଉଥିବା ଜାଣି ତାଙ୍କୁ ଏକ ମିକସ୍‌ଚର ମେସିନ ମୁଖ୍ୟ ଅତିଥି ଶ୍ରୀ ସୁବୁଦ୍ଧିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

କାର୍ ଦୁର୍ଘଟଣାରେ ବାପ ପୁଅ ମୃତ, ଝିଅ ଗୁରୁତର

ବେଲପାହାଡ଼, (ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ଗୁମାଡେରାର ବାପ ଓ ପୁଅଙ୍କ ସଡ଼କ ଦୁର୍ଘଟଣାରେ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ମାନେ ଗୁମାଡେରାର ପ୍ରଭାସ ଚନ୍ଦ୍ର ବୋଷ (୫୪) ଓ ତାଙ୍କ ପୁତ୍ର ପ୍ରିତ୍ୟୁଶ (ଓରଫ ଓମ୍) ବୋଷ (୨୧)। ପତ୍ନୀ ସଙ୍ଗୀତା ବୋଷ (୪୮) ଓ ଝିଅ ସ୍ୱସ୍ତିକା ବୋଷ (୧୩) ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ଗତ କିଛି ଦିନ ପୂର୍ବରୁ ପ୍ରଭାସ ନିଜ ପରିବାର ସହିତ ନିଜ କାର (ଓଡ଼ି-୨୩ଏମ-୩୬୩୬) ଯୋଗେ ପୁରୀ ଧାମକୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ଘରକୁ ଫେରିଥିବା ବେଳେ ସୋମବାର ଅପରାହ୍ନ ପ୍ରାୟ ୩ ଟା ୨୦ ମିନିଟରେ ଅନୁଗୁଳ ଜିଲାର ହଣ୍ଡପା ଥାନା ଅର୍ନ୍ତଗତ ସର୍ଗୀପାଲି ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୫୫ରେ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଭାସ ଓ ତାଙ୍କ ପୁତ୍ର ପ୍ରିତ୍ୟୁଶଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପତ୍ନୀ ସଙ୍ଗୀତା ଓ ଝିଅ ସ୍ୱସ୍ତିକା ଗୁରୁତର ଆହତ ହୋଇଛନ୍ତି। ସଙ୍ଗୀତା ବିପଦ ମୁକ୍ତ ଥିବା ବେଳେ ଝିଅ ସ୍ୱସ୍ତିକାଙ୍କୁ ଗୁରୁତର ଆହତ ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ଅନୁଗୁଳ ଓ ପରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି। ସଙ୍ଗୀତା ବେଲପାହାଡ଼ ମହାବିଦ୍ୟାଳୟରେ ଜଣେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ମୃତ ସ୍ୱାମୀ ଜଣେ ବ୍ୟବସାୟୀ ଥିଲେ ଓ ମୃତ ପୁଅ ବୁର୍ଲାସ୍ଥିତ ଭିଏସଏସୟୁଟି ଅନୁଷ୍ଠାନର ଜଣେ ଇଞ୍ଜିନିୟରିଂ ଛାତ୍ର ଥିବା ଜଣାପଡିଛି। ପୁରୀରୁ ମହାପ୍ରଭୁ ଜଗନ୍ନାଥ ଦର୍ଶନ ସାରି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିବା ସହ ମୃତକଙ୍କ ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣା ପ୍ରଚାରିତ ହେବାମାତ୍ରେ ବେଲପାହାଡ଼ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ରାଜ୍ୟ ଆଇନ ସେବା ପ୍ରାଧିକରଣ ଆଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନର ଶେଷ ଦିନରେ ଚନ୍ଦାହାଣ୍ଡି ବ୍ଲକ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷୀକା ଏସ୍.ସୁଶ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାତ୍ର.ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନଜୀବୀ ହୁମେଶ୍ୱର ହଁସ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୧ଜଣଙ୍କୁ ହୁଇଲ ଚେୟାର, ୧୮ଜଣଙ୍କୁ ଆଶାବାଡି, ୨ ଜଣଙ୍କୁ ଅନ୍ଧବାଡି, ଜଣଙ୍କୁ ସହାୟକ ଆଶାବାଡି, ୩ ଜଣକୁ କର୍ଣ୍ଣ ଉପକରଣ ଏବଂ ୨୦ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଅଭୀଯାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଲୋକଙ୍କ ଘର ଘର ବୁଲି ଦିବ୍ୟାଙ୍ଗମାନେ କିପରି ସେମାନଙ୍କର ନାର୍ଯ୍ୟ ଅଧିକାରରୁ ବଞ୍ଚିତ ନହେବେ ସେଥିପାଇଁ ପ୍ରଚାର ଜାରି ରଖିଛନ୍ତି। ଏବଂ ଯେଉଁମାନେ ସେମାନଙ୍କର ନାର୍ଯ୍ୟ ଅଧିକାରରୁ ବଞ୍ଚିତ ସେମାନଙ୍କୁ ଚିହ୍ନଟ କରୁଛନ୍ତି। ସାରା ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏହି ଘର ଘର ବୁଲା କାର୍ଯ୍ୟକ୍ରମ ଅଭିଯାନ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

ଜିଲ୍ଲା ଓକିଲ ସଂଘ ପକ୍ଷରୁ ନୂତନ ରେଜିଷ୍ଟାର ନୀତିଶା ଚାନ୍ଦଙ୍କୁ ସମ୍ବର୍ଦ୍ଧନା

ଫୁଲବାଣୀ, (ଭାସ୍କର ନ୍ୟୁଜ୍): ଫୁଲବାଣୀ ଜିଲ୍ଲା ଓକିଲ ସଂଘ ତରଫରୁ ନୂତନ ରେଜିଷ୍ଟାର ନୀତିଶା ଚାନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା, ବରିଷ୍ଠ ଦେୱାନୀ ଏବଂ ସହକାରୀ ଦୌରା ଜଜ ବିଶ୍ୱ କଲ୍ୟାଣି ମିଶ୍ର, ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ସଞ୍ଜିତ କୁମାର ବେହେରା, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଅନୁଶୀଳା ରାୟ,ଜେ ଏମ ଏଫ ସି ସୌମ୍ୟାଶ୍ରୀ ମହାପାତ୍ରଙ୍କ ସମେତ ଅନ୍ୟ ଜଜମାନେ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ସଭାକୁ ଫୁଲବାଣୀ ଓକିଲ ସଂଘର ସମ୍ପାଦକ କମଳ କୁମାର ବେହେରା ଓ ସଭାପତି ଭଗବାନ ମହାନ୍ତି ଉପସ୍ଥିତ ଥିବା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ନୂତନ ଭାବରେ ଯୋଗ ଦେଇଥିବାରେ ଜିଷ୍ଟାର ନୀତିଶା ଚାନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରେଜିଷ୍ଟାର ନୀତିଶା ଚାନ୍ଦଙ୍କ ସଫଳ, କାର୍ଯ୍ୟ ଉପରେ ବିସ୍ତୃତ ଭାବେ ବିସ୍ତାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତି, ବଂଶୀଧର ମହାପାତ୍ର, ଅସୀମ ପ୍ରହରାଜ, ଦେବବ୍ରତ ପ୍ରଧାନ, ସଂଘ ଉପସଭାପତି ବୀଣାପାଣି ପ୍ରଧାନ, ସହ ସମ୍ପାଦକ ରଞ୍ଜନ କୁମାର ଦାସ, ହରିଶ୍ଚନ୍ଦ୍ର ମହାରଣା, ଅଗସ୍ତି ଯାନୀ, ପ୍ରତାପ କୁମାର ବେହେରା, ଦୀପକ ମହାପାତ୍ର,ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବିରେନ୍ଦ୍ର ସୁବୁଦ୍ଧି, ଗୌରୀ ଶଙ୍କର ବେହେରା, କୁଞ୍ଜ ଶତପଥୀ, ଦୁର୍ଗା ଶଙ୍କର ପଟ୍ଟନାୟକ, ଜୟନ୍ତୀ ପାଣିଗ୍ରାହୀ, ନନ୍ଦିତା କୁମାରୀ, ନମିତା ସାହୁ, ସୁଶାନ୍ତ ପଟ୍ଟନାୟକ, ମନୋଜ କୁମାର ପଟ୍ଟନାୟକ, ବିରୁପାକ୍ଷ ପଣ୍ଡା, ରାଜୀବ କୁମାର ପ୍ରଧାନଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

କାଳବୈଶାଖୀରେ ଉପୁଡ଼ିଲା ଗଛ ଓ ବିଦ୍ୟୁତଖୁଣ୍ଟ

କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ୍):ରାୟଗଡା ଜିଲ୍ଲା କୋଳନରା ବ୍ଲକ ଆଜି ଅପରାହ୍ନ ସମୟରେ ବିଜୁଳି ଘଡଘଡି ତୀବ୍ର ଗତିର ପବନ ବର୍ଷା ହେବା ଫଳର କାଳବୈଶାଖୀ ତାଣ୍ଡବରେ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଳ ଛପର ଉଡିବା ସହ ଗଛ ପତ୍ର ଭାଙ୍ଗି ଯାଇଥିବା ଏବଂ ବିଦ୍ୟୁତ ଖୁଣ୍ଟ ଗୁଡ଼ିକ ପୋଡି ଯାଇଥିବା ଯୋଗୁଁ ରାସ୍ତା ଅବରୋଧ ହୋଇଯାଇଥିବା ଦେଖିବାକୁ ମିଳିଥିଲା, ଜାନ ବାହାନ ଚଳ ଚଳରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥିଲା, ଯାହା ଫଳରେ ଅନେକ କ୍ଷୟକ୍ଷତି ଘଟିଥିବା ଦେଖିବା ମିଳିଛି, ବିଦ୍ୟୁତଖୁଣ୍ଟ ଗୁଡ଼ିକ ପୋଡିଯିବା ଫଳରେ ଶିକାର ପାଇ ଠୁ ଥେରୁବାଲି ଯାଇଥିବା ୩୩କେବି ବିଦ୍ୟୁତ ପୋଲ ପୋଡିଯାଇଥିବା ଫଳରେ ଥେରୁବାଲି ଏବଂ କଲ୍ୟାଣସିଂହପୁର ଅଞ୍ଚଳବାସୀ ବର୍ତ୍ତମାନ ଅନ୍ଧାର ଘେରରେ ଏହି ସମ୍ପର୍କ ରେ ବିଦ୍ୟୁତ ବିଭାଗ ସହ ଯୋଗା ଯୋଗ କରିବାରୁ ୩ ଦିନ ପର୍ଯ୍ୟନ୍ତ ବିଦ୍ୟୁତ ସେବା କଷ୍ଟକର ହୋଇ ପଡ଼ିବ ବୋଲି କହିଛନ୍ତି।

ସଟ୍ଟ ଖେଳଉପରେ ପୋଲିସ ଚଢାଉ, ୧ ଗିରଫ

ବେଲପାହାଡ,(ଭାସ୍କର ନ୍ୟୁଜ):ବେଲପାହାଡ ଥାନା ଅନ୍ତର୍ଗତ ଗୁମାଡେରା ହନୁମାନ ମନ୍ଦିର ପଛପଟ ଏକ ମୋବାଇଲ ଦୋକାନରୁ ଜଣେ ଯୁବକକୁ ପୋଲିସ ସଟ୍ଟା ଖେଳହେଉଥିବା ଅଭିଯୋଗରେ ଗିରଫ କରିଛି। ଝାରସୁଗୁଡା ଏସ୍‌ପିଙ୍କ ନିଦ୍ଦେଶ କ୍ରମେ ବେଲପାହାଡ ପୋଲିସ ସୋମବାର ସନ୍ଧ୍ୟାରେ ଗୁମଡେରା ହନୁମାନ ମନ୍ଦିର ପଛ ଗୁପ୍ତା ମୋବାଇଲ ଦୋକାନ ଉପରେ ଆତକିର୍ତ ଚଢାଉ କରି ଦୋକାନ ମାଲିକ ରିଙ୍କୁ ଗୁପ୍ତାକୁ ସଟ୍ଟା ଖେଳଉଥିବା ଅବସ୍ଥାରେ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ସଟ୍ଟା ଖେଳରେ ବ୍ୟବହୃତ ମୋବାଇଲ ଫୋନ, ନଗଦ ୨୪ ହଜାର ଟଙ୍କା, କାବର୍ନ ପେପର, କାଲ୍‌କୁଲେଟର, ସଟ୍ଟା ପେପର ପ୍ରଭୃତି ମଧ୍ୟ ଜବତ କରିଛି। ବେଲପାହାଡ ପୋଲିସ ଏକ ମାମଲା ରଜୁ କରି ସଟ୍ଟା ଖେଳେଇବା ଅଭିଯୋଗରେ ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ବାମରା,(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଗରା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସଗରା ସରପଞ୍ଚ ଗୋଲାପି ବାଘଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବାମରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଷ୍କର ପ୍ରଧାନ, ତହସିଲଦାର ଦିଲ୍ଲୀପ ପ୍ରଧାନ, ଏବିଡିଓ ସୁଶାନ୍ତ ପଣ୍ଡାଙ୍କ ସମେତ ସଗରା ସମିତି ସଭ୍ୟ ହାବିଲ ଏକ୍କା, ଫରେଷ୍ଟ ଗାଡ ଜୀବନ ବୁଡୁଲା, ବିପିସି ଯୋଗେଶ ସାମଲ, ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜକ ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ଗଡପୋଷ, ସଗରା, ପିଣ୍ଡାପଥର, ରବଗା ଓ କିନାବଗା ରହିଥିବା ବେଳେ ଏଥିରେ ମାତ୍ର ୩ ଗୋଟି ଅଭିଯୋଗ ଆସିଥିଲା।

ଟ୍ରେନ ଦୁର୍ଘଟଣାରେ ଦାଦନ ଶ୍ରମିକ ମୃତ

ଶବ ଆଣିବା ଓ ସତ୍କାର ପାଇଁ ସହାୟତାର ହାତ ବଢ଼ାଇଲେ ତହସିଲଦାର

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ଗ୍ରାମର ହିରାସାଗର ଜଗତ (୨୫) ନାମକ ଜଣେ ଶ୍ରମିକ ଆନ୍ଧ୍ରର କୋଇମ୍ବାଟୁରକୁ ଦାଦନ ଖଟି ଯାଇଥିଲେ । ହିରାସାଗରଙ୍କ ବାପା ଜଣେ ପକ୍ଷାଘାତ ରୋଗି ହୋଇଥିବା ବେଳେ ପରିବାର ପୋଷଣ ସହ ବାପାଙ୍କ ଚିକିତ୍ସା ପାଇଁ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିଲେ । ସେ ଟ୍ରେନରେ ଶନିବାର ଦିନ ଘରକୁ ଫେରୁଥିବା ବେଳେ ହାଇଦ୍ରାବାଦର ଭିମାପୁରମ ଠାରେ କୌଣସି କାରଣରୁ ଟ୍ରେନରୁ ଖସିପଡ଼ି ଥିଲେ ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଏ ନେଇ ତାଙ୍କ ବଡବାପା ବୈରାଗି ଜଗତ ଖପ୍ରାଖୋଲ ତହସିଲଦାରଙ୍କୁ ଲିଖିତ ଜଣାଇଥିଲେ। ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ରେଡକ୍ରସ ପାଣ୍ଠିରୁ ଶବ ଆଣିବା ଓ ସତ୍କାର କରିବା ପାଇଁ ୧୦ ହଜାର ଟଙ୍କା ଦେଇ ଥିବା ଜଣାପଡିଛି। ଏନେଇ ତହସିଲଦାର ଶ୍ରୀ ମିଶ୍ରଙ୍କୁ ପଚାରିବାରୁ ଘଟଣା ବିଷୟରେ ସବିଶେଷ ସୂଚନା ପାଇ ଶବ ଆଣିବା ଓ ସତ୍କାର କରିବା ପାଇଁ ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ।

ବିଜୁ ସେତୁ ବ୍ରିଜ କାମ ଅନୁଧ୍ୟାନ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍), ଗଜପତି ଜିଲ୍ଲାର ମୋହନା ବ୍ଲକ ଅନ୍ତର୍ଗତ ଆଜି ଅର୍ଥାତ୍ ୨୯.୫ ୨୦୨୩ ରଖା ଦିନ,ମାନ୍ୟବର ବିଜୁ ସେତୁ ଯୋଜନାର ଉପଦେଷ୍ଟା ଶରତ ପାତ୍ର, ମୋହନା ଗ୍ରାମ ପଞ୍ଚାୟତର ଡ଼େପସାହୀ (ନାରାୟଣ ନଗର)ନିକଟରେ ନିର୍ମାଣଧୀନ ଗୁଦ୍ରୀଗୁଡା ବିଜୁ ସେତୁ ବ୍ରିଜ କାମ ଅନୁଧ୍ୟାନ ଓ ତଦନ୍ତ କରିବା ନିମନ୍ତେ, ମୋହନା ଗ୍ରାମ ପଞ୍ଚାୟତର ସମିତିସଭ୍ୟ ବାଳକୃଷ୍ଣ ମଲିକଙ୍କ ସହ ଗସ୍ତ କରାଯାଇଥିଲା। ସ୍ଥାନୀୟ ଲୋକମାନଙ୍କର ସମସ୍ୟା ଉପରେ ଅଲୋଚନା ସହ ଆବଶ୍ୟକତା ପୂରଣ କରିବା ପାଇଁ ଉପଦେଷ୍ଟା ମହୋଦୟ କହିଥିଲେ। ଆପ୍ରୋଚ୍ ରୋଡର ଉଭୟ ପାର୍ଶ୍ୱରେ ଗାର୍ଡ ୱେଲ୍ ନିର୍ମାଣ କରିବା ପାଇଁ ମଧ୍ୟ ନିବେଦନ କରାଗଲା।

ବରଯାତ୍ରୀ ଶୋଭାଯାତ୍ରାରେ ଅଘଟଣ

ଛୁରା ମାଡ଼ରେ ୩ ଗୁରୁତର ୨ ଆହତ

ବେଲପାହାଡ଼,(ଭାସ୍କର ନ୍ୟୁଜ): ବେଲପାହାଡ଼ ସହରରେ ଏକ ବରଯାତ୍ରୀ ଶୋଭାଯାତ୍ରା ବେଳେ ଅଭାବନୀୟ ଘଟଣା ଘଟିଛି। ବେଲପାହାଡ଼ ସ୍ଥାନୀୟ ମିର୍ଦ୍ଧାଡେରାକୁ ଆସିଥିବା ଏକ ବରଯାତ୍ରୀର କେତେକ ଦୁର୍ବୃତ୍ତଙ୍କ ମରଣାନ୍ତକ ଛୁରା ମାଡରେ ୩ ଜଣ ଯୁବକ ଗୁରୁତର ଆହତ ହୋଇଥିଲା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ମିର୍ଦ୍ଧାଡେରାର ଅକ୍ଷୟ ପ୍ରଧାନ (୨୩), ଆଶିଷ ପ୍ରଧାନ (୨୧), କରନ ଖଡ଼ିଆ (୨୦) ଗୁରୁତର ଆହତ ଓ ମହେନ୍ଦ୍ର ଖଡ଼ିଆ (୩୭) ଓ ମନୋଜ ସୋରେନ (୨୫) ଆହାତ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ବେଲପାହାଡ଼ ମିର୍ଦ୍ଧାଡେରାର ସ୍ୱର୍ଗତ କାର୍ତ୍ତିକ ସୋରେନଙ୍କ ଝିଅ ବାହାଘର ପାଇଁ ହୀରାକୁଦ ଲର୍ପଙ୍କ ଗାଁସ୍ଥିତ ଖଡ଼ିଆପଡ଼ା ଅଞ୍ଚଳରୁ ଏକ ବରଯାତ୍ରୀ ଦଳ ଆସିଥିଲେ। କିଛି ସମୟ ପରେ କନ୍ୟା ଘର ଅଭିମୁଖେ ବରଯାତ୍ରୀଙ୍କ ଶୋଭାଯାତ୍ରା ବାହାରିଥିଲା। ଗୀତବାଦ୍ୟର ତାଳେ ତାଳେ ସମସ୍ତେ ମସଗୁଲ ଥିଲେ। ତେବେ ଏହି ସମୟରେ କୌଣସି କଥାକୁ ନେଇ ହଠାତ୍ ବରଯାତ୍ରୀର କେତେକ ଦୁର୍ବୃତ୍ତ ମିଶି କନ୍ୟାପକ୍ଷର ଲୋକଙ୍କୁ ଆସ୍ତୁରା ଯୋଗେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଆହତ ମାନଙ୍କ ମଧ୍ୟରୁ ଅକ୍ଷୟ ପ୍ରଧାନ, ଆଶିଷ ପ୍ରଧାନ ଓ କରନ ଖଡ଼ିଆଙ୍କୁ ବେଲପାହାଡ଼ ସ୍ଥିତ ଟିଆରଏଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅକ୍ଷୟ ଓ ଆଶିଷଙ୍କ ମାଆ ସନ୍ତୋଷିନୀଙ୍କ ଅଭିଯୋଗ କ୍ରମେ ବେଲପାହାଡ଼ ପୋଲିସ ତଦନ୍ତ ଚଳେଇଛି।

ଲାଞ୍ଚୁଆ ଷ୍ଟେନୋକୁ ତିନି ବର୍ଷ ଜେଲଦଣ୍ଡ ସହ ୫ ହଜାର ଜରିମାନା

କନ୍ଧମାଳ, (ଭାସ୍କର ନ୍ୟୁଜ୍),ବିଜୁଳି ବିଲ୍ ସଂଶୋଧନ କରିବା ପାଇଁ ୨୦୧୯ ମସିହାରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ ଷ୍ଟେନୋ ମନ୍ମଥ କୁମାର ଗଡ଼ନାୟକ । ସେହି ମାମଲାର ବିଚାର କରି ମାନ୍ୟବର ଭିଜିଲାନ୍ସ ଅଦାଲତର ଜଜ ସମର ବିଳାସ ବେହେରା ୧୦ ଜଣଙ୍କ ସଂଖ୍ୟା ଗ୍ରହଣ ପରେ ଗଡ଼ନାୟକଙ୍କୁ ତିନି ବର୍ଷ ଜେଲଦଣ୍ଡ ସହ ପାଞ୍ଚ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଜୋରିମାନା ଅନାଦେୟରେ ଅଧିକ ତିନିମାସ ଦଣ୍ଡ ଶୁଣାଣି କରିଛନ୍ତି ମାନ୍ୟବର ଅଦାଲତ। ସୂଚନା ପ୍ରକାରରେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ଗିରିସିଙ୍ଗ ଗ୍ରାମ ନିବାସୀ ସତ୍ୟବାନ୍ ପ୍ରଧାନ ନାମକ ବ୍ୟକ୍ତିଙ୍କ ୨୦୧୯ ମସିହା ମାର୍ଚ୍ଚ ମାସରେ ଏକକାଳୀନ ୪୧୮୮୧ ଟଙ୍କାର ବିଲ୍ ଆସିଥିଲା । ଏନେଇ ଶ୍ରୀ

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର

ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ

ମଣିପୁରରେ ଥମୁନି ହିଂସା

ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଗସ୍ତର ଗୁରୁତ୍ୱ

ଆମ ଦେଶର ଅନ୍ୟତମ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୁଇ ଆଦିମ ସଂପ୍ରଦାୟ ମଧ୍ୟରେ ଅନେକ ଦିନ ହେଲା ସଂଘର୍ଷ ଓ ହିଂସାକାଣ୍ଡ ଘଟି ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଛି । ରାଜ୍ୟର ସଂଖ୍ୟାବହୁଳ ମଇତି ସଂପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍.ଟି) ସଂରକ୍ଷଣ ପ୍ରଦାନ କରାଯାଇଥିବାରୁ ଆଦିବାସୀ କୁକି ସଂପ୍ରଦାୟ ପକ୍ଷରୁ ତାହାକୁ ପ୍ରବଳ ବିରୋଧ କରାଯାଉଛି । ରାଜ୍ୟର ମୋଟ ୧୬ଟି ଜିଲ୍ଲା ମଧ୍ୟରୁ ଅଧିକାଂଶ ଜିଲ୍ଲାରେ ଏହି ଦୁଇ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ଘଟି ସ୍ଥିତି ଜଟିଳ ହେବାରେ ଲାଗିଛି । ଏହି ପୃଷ୍ଠଭୂମିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ସୋମବାର ଠାରୁ ୪ଦିନିଆ ମଣିପୁର ଗସ୍ତରେ ଯାଇଛନ୍ତି । ତେବେ ସେ ମଣିପୁରରେ ପହଞ୍ଚିବାର କିଛି ଘଣ୍ଟା ପୂର୍ବରୁ ରାଜ୍ୟରେ ସାନି ହିଂସାକାଣ୍ଡ ଘଟି ଜଣେ ପୁଲିସ କର୍ମଚାରୀଙ୍କ ସମେତ ୫ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ସାନି ହିଂସା ଯୋଗୁ ରାଜଧାନୀ ଇମ୍ଫାଲରେ ପୁଣିଥରେ କର୍ଫ୍ୟୁ ଜାରି କରାଯିବା ସହିତ ଦୋକାନ ବଜାର ବନ୍ଦ ରହିଛି । ଚଳିତ ମାସ ପ୍ରାରମ୍ଭରେ ମଣିପୁରରେ ଘଟିଥିବା ହିଂସା ପରବର୍ତ୍ତୀ ସମୟରେ ପଡୋଶୀ ରାଜ୍ୟ ମେଘାଳୟକୁ ବ୍ୟାପିଯାଇଥିଲା । ସେଠାରେ କିଛି ଜନଜାତି ସଂଗଠନ ପକ୍ଷରୁ ସଭା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ରାଜଧାନୀ ଦିଲ୍ଲୀରେ ମଧ୍ୟ ଏହାର ତାତି ଦେଖିବାକୁ ମିଳିଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୁକି ଜନଜାତି ଓ ମଇତି ସଂପ୍ରଦାୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛୋଟ ଧରଣର ସଂଘର୍ଷ ମଧ୍ୟ ଘଟିଥିଲା । ସରକାରୀ ତଥ୍ୟ ଅନୁଯାୟୀ ମଣିପୁର ଉପତ୍ୟକାରେ ତଥା ରାଜ୍ୟର ପାଞ୍ଚଟି ଜିଲ୍ଲାରେ ମଇତି ସଂପ୍ରଦାୟର ସର୍ବାଧିକ ଲୋକ ବସବାସ କରନ୍ତି । ରାଜ୍ୟର ମୋଟ ଜନସଂଖ୍ୟାର ୫୩ ପ୍ରତିଶତ ହେଉଛନ୍ତି ଏହି ସଂପ୍ରଦାୟର ଓ ସେମାନେ ସମସ୍ତେ ହିନ୍ଦୁ । ଅନ୍ୟପକ୍ଷରେ ରାଜ୍ୟର ବୃହତ୍ ଆଦିବାସୀ ସଂପ୍ରଦାୟ ହେଉଛି କୁକି ଓ ସେମାନେ ମୁଖ୍ୟତଃ ପାହାଡ଼ିଆ ଅଞ୍ଚଳରେ ବସବାସ କରନ୍ତି । ସେମାନେ ମୁଖ୍ୟତଃ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଓ ସେମାନଙ୍କ ସହ ନାଗା ଖ୍ରୀଷ୍ଟିଆନ୍ ରହିଛନ୍ତି । ରାଜ୍ୟର ୪ଟି ଜିଲ୍ଲାରେ ଏହି ସଂପ୍ରଦାୟର ପ୍ରଭାବ ରହିଛି । ତେଣୁ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନିଆଯିବା ଆଦୌ ସମୀଚିନ ନୁହେଁ । ରାଜ୍ୟ ଓ କେନ୍ଦ୍ର ସରକାର ଏହି ଦଙ୍ଗାକୁ ନିୟନ୍ତ୍ରଣ କରିବାକୁ ସୁଚିନ୍ତିତ ପଦକ୍ଷେପ ନେବା ସମୟର ଆହ୍ୱାନ । ରାଜ୍ୟରେ ହିଂସା ଓ ଅରାଜକତା କ୍ରମାଗତ ଭାବରେ ବୃଦ୍ଧି ପାଇବାରୁ ମୁଖ୍ୟମନ୍ତ୍ରୀ ନିକଟରେ ଏକ ସର୍ବଦଳୀୟ ବୈଠକ ଡକାଇଥିଲେ । ଗଣ୍ଡଗୋଳକାରୀଙ୍କୁ ଦେଖିଲା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ପରିସ୍ଥିତିରେ ସେଭଳି କୌଣସି ଉନ୍ନତି ଘଟିନଥିଲା । ଏଇ କିଛିଦିନ ମଧ୍ୟରେ ରାଜ୍ୟରେ ୪୦ଜଣ ଉଗ୍ରପନ୍ଥୀଙ୍କୁ ଗୁଳିକରି ହତ୍ୟା କରାଯାଇଥିବାର ସରକାରୀ ସୂତ୍ରରୁ ଜଣାପଡିଛି । ଆତଙ୍କବାଦୀମାନେ ସାଧାରଣ ନାଗରିକଙ୍କ ଉପରେ ଏମ୍-୧୬ ଓ ଏ.କେ-୪୭ ଦ୍ୱାରା ଆକ୍ରମଣ କରୁଥିବାର ଜଣାପଡିଛି । ସେମାନେ ବିଭିନ୍ନ ଗ୍ରାମକୁ ଆସି ଲୋକଙ୍କ ଘରଦ୍ୱାର ଜାଳି ଦେଉଛନ୍ତି । ମହିଳା ଓ ଶିଶୁଙ୍କ ସମେତ ନିରୀହ ଲୋକଙ୍କୁ ଢାଲ ଭାବରେ ବ୍ୟବହାର କରି ଏକ ବଡ଼ଧରଣର ଆକ୍ରମଣର ଯୋଜନା କରିଛନ୍ତି । ପାଖାପାଖି ଏକମାସ ଧରି ରାଜ୍ୟରେ ଭୀଷଣ ହିଂସାକାଣ୍ଡ ଲାଗି ରହିଥିବାବେଳେ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଏହି ଗସ୍ତ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି । ମଣିପୁରରେ ଅବିଳମ୍ବେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଅମିତ୍ ଶାହାଙ୍କ ଗସ୍ତର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଭାରତୀୟ ସେନାମୁଖ୍ୟ ଜେନେରାଲ୍ ମନୋଜ ପାଣ୍ଡେ ମଧ୍ୟ ରାଜ୍ୟର ସୁରକ୍ଷା ସ୍ଥିତି ନେଇ ସମୀକ୍ଷା କରିଥିବାର ଖବର ମିଳିଛି । ରାଜଧାନୀ ଇମ୍ଫାଲ ଓ ଆଖପାଖ ଜିଲ୍ଲାଗୁଡ଼ିକରେ ଏବେ ସେନାବାହିନୀ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ମଣିପୁର ପୋଲିସ କମାଣ୍ଡୋ ଓ ରାପିଡ୍ ଆକ୍ସନ୍ ଫୋର୍ସର ଯବାନମାନେ ଶାନ୍ତିଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏହି ଗସ୍ତ ଫଳପ୍ରଦ ହେଲେ ଦେଶର ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଓ ସ୍ଥିରତା ଫେରିଆସିବ ବୋଲି ଆଶା କରାଯାଉଛି ।

ବିଶ୍ୱ ତମାଖୁ ଦିବସ ପାଳନର ତାତ୍ପର୍ଯ୍ୟ

ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ : ୬୩୭୦୬ ୭୫୫୬୨

ନିଶାର ପରିସର ଖୁବ୍ ବ୍ୟାପକ । ଏହା ନିପଟ ଓଡ଼ିଆ ଭାଷାରେ ଦେଶୀୟ ବିଡି, ସିଗାରେଟ, ଗଞ୍ଜେଇ, ଅଫିମ ଓ ଭାଙ୍ଗ ଠାରୁ ଆରମ୍ଭ କରି ପାଶ୍ଚାତ୍ୟର ହେରୋଇନ୍ ଏବଂ ଚରସ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏ ସମସ୍ତ ମନୁଷ୍ୟର ଶରୀର ପାଇଁ ପ୍ରଭୂତ କ୍ଷତି ସାଧନ କରିଥାଏ । କେବଳ ଅଶିକ୍ଷିତ ଯୁବଗୋଷ୍ଠୀ ନୁହଁନ୍ତି, ଆଜିର ଅଗଣିତ ଶିକ୍ଷିତ ଯୁବକ ଯୁବତୀ ଏହି କ୍ଷତି କାରକ ନିଶାଦ୍ରବ୍ୟ ପ୍ରତି ଆସକ୍ତ ହୋଇ ପଡୁଚନ୍ତି । ବିଡି, ସିଗାରେଟ, ତମାଖୁ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ । ଏହାକୁ ସେବନ କରି ଭାରତରେ ପ୍ରତି ଘଣ୍ଟାରେ ୯୦ରୁ ଊର୍ଦ୍ଧ୍ୱ ଜୀବନ ହାନି ଘଟୁଥିବା ବେଳେ ୧.୩୫ ମିଲିୟନ ଲୋକ ଏହି ତମାଖୁ ସେବନ ଯୋଗୁ ପ୍ରାଣ ହରାଉଛନ୍ତି ଏବଂ ବିଶ୍ୱରେ ପ୍ରତିବର୍ଷ ୭୦ ଲକ୍ଷ ଲୋକ ଏହି ତମାଖୁ ବା ଟବାକୋ ସେବନ କରିବା ଦ୍ୱାରା ମୃତ୍ୟୁମୁଖରେ ପଡୁଛନ୍ତି । ଏହି ତମାଖୁ ସେବନ ଦ୍ୱାରା ମଣିଷ କର୍କଟ, ହୃଦରୋଗ ତଥା ପକ୍ଷାଘାତ ଭଳି ରୋଗରେ ଆକ୍ରାନ୍ତ ହେବା ସହ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଆଜିକାଲି ବିଭିନ୍ନ ସିଗାରେଟ ଓ ଗୁଟ୍‌ଖା ମାଧ୍ୟମରେ ବହୁଳ ପରିମାଣରେ ସଭ୍ୟ ଯୁବପିଢି ନିଶାଶକ୍ତ ହେବାର ଦେଖାଯାଉଛି । ଅନ୍ୟପକ୍ଷରେ କର୍ମକ୍ଳାନ୍ତ ମଣିଷ ଜୀବନରେ ଏହି ଗୁଟ୍‌ଖା, ବିଡି ସିଗାରେଟ କ୍ଷୁଦ୍ର ବିଷ ବୀଜ ବପନ କରିଥାଏ । ଧୀରେ ଧୀରେ ଏହା ମଣିଷ ଶରୀରରେ ନିକୋଟିନ ବିଷ ପ୍ରତିକ୍ରିୟା ସୃଷ୍ଟି କରି ମୃତ୍ୟୁର ଶୀତଳ ସ୍ପର୍ଶ ପ୍ରଦାନ କରିଥାଏ । ଶେଷରେ ବିଶ୍ୱର ସର୍ବଶ୍ରେଷ୍ଠ ବୁଦ୍ଧିମାନ ମନୁଷ୍ୟ ସର୍ବଗ୍ରାସୀ କାଳ ପାଖରେ ହାତ ଟେକିଦିଏ । ଭାତ, ରୁଟି , ଚୁଡା, ମୁଢି ପରି ଏହି ପାନ, ବିଡି, ଗୁଟ୍‌ଖା ଅତ୍ୟାବଶ୍ୟକ ଖାଦ୍ୟ ଦ୍ରବ୍ୟ ନୁହେଁ ଯାହାକୁ ନଖାଇଲେ ଆମେ ବଞ୍ଚିପାରିବା ନାହିଁ । ବର୍ତ୍ତମାନ ମନକୁ ପ୍ରଶ୍ନ

ପଚାରନ୍ତୁ 'ଯାହାକୁ ଖାଇଲେ ଆମେ ମରିବା ଓ ଯାହାକୁ ଛାଡିଲେ ଆମେ ବଞ୍ଚିବା' ତେବେ ଆମେ କ'ଣ କରିବା ଦରକାର । ଏହି ନିଶାର ସେବନ ଏକ ବଦଭ୍ୟାସ । ଆଜିର ସମାଜରେ ସିଗାରେଟ ସେବନ କରି ଏପରିକି ନିଜର କାର୍ଯ୍ୟାଳୟରେ କାର୍ଯ୍ୟ କରବାକୁ ବାବୁମାନେ ଭଦ୍ର କାର୍ଯ୍ୟ ଭାବିଥାନ୍ତି । ପ୍ରକୃତରେ ଏହାଠାରୁ ବଳି ଅଭଦ୍ରକାର୍ଯ୍ୟ ଆଉ କିଛି ନାହିଁ । ସିଗାରେଟ ପ୍ୟାକେଟ ଉପରେ ନିର୍ମଳ ଭାବରେ ଲେଖାହୋଇଛି 'ଧୂମ୍ରପାନ ଶରୀର ପକ୍ଷରେ ଅହିତ କାରକ', ତଥାପି ମଣିଷ ଜାଣି ଶୁଣି ଏହି ହଳାହଳ ବିଷକୁ ସେବନ କରୁଛି । ଏଭଳି ବ୍ୟକ୍ତି ବିଶେଷଙ୍କୁ ଆମେ ଶିକ୍ଷିତ ମୂର୍ଖ କହିବା ନା ଆଉ କ'ଣ ? ଏ ଦିଗରେ ଆମ ଛାତ୍ର ସମାଜର ବଳିଷ୍ଠ ଭୂମିକା ରହିଛି । ମଣିଷ ମନ ଗୋଟିଏ ପାଗଳ ମାଙ୍କଡ ପରି । ମନସ୍ଥିର କଲେ ତମାଖୁଠାରୁ ଦୂରେଇ ରହିବା । ଦୃଢ ସଂକଳ୍ପ ନେଲେ ଆମେ ଆମ ଦେଶରୁ ତଥା ବିଶ୍ୱକୁ ତମାଖୁମୁକ୍ତ କରିପାରିବା । ସାଧାରଣତଃ ଦେଖାଯାଏ ଗାଁ ଗହଳିରେ ବୟସ୍କ ବ୍ୟକ୍ତି ବିଡି ସିଗାରେଟ୍ ଟାଣି ତାଙ୍କର ପିଲାମାନଙ୍କୁ ସେଥିରୁ ନିବୃତ ରହିବା ପାଇଁ ଉପଦେଶ ଦେଇଥାନ୍ତି କିନ୍ତୁ ଏହା ଫଳପ୍ରଦ ହୋଇନଥାଏ । ବଡମାନେ ଜୀବନରେ ଯେଉଁ ମାର୍ଗରେ ଯାଆନ୍ତି, ଛୋଟମାନେ ସେହି ପନ୍ଥା ଅନୁସରଣ କରିଥାନ୍ତି । ତେଣୁ ଆସନ୍ତୁ ଆମେ ଆଜିର ଏହି 'ତମାଖୁ' ଦିବସ ପାଳନ ଅବସରରେ ସଂକଳ୍ପ ନେବା ଆମ ପରିବାର, ଗ୍ରାମ, ସହରକୁ ତମାଖୁ ମୁକ୍ତ କରିବା । ଆମ ସରକାର ଆଜିର ଏହି ଦିବସ ପାଳନର ତାତ୍ପର୍ଯ୍ୟ ରଖିଛନ୍ତି "we need food, not tabacoo" । ଆମ ଦେଶରେ ଏହି ଟବାକୋ ଚାଷ ବଦଳରେ ଶସ୍ୟ ଉତ୍ପାଦନ କରିବା ପାଇଁ ଉଭୟେ କେନ୍ଦ୍ର ତଥା ରାଜ୍ୟ ସରକାର ଏକ ନୀତିଗତ ନିଷ୍ପତ୍ତି ନେବାକୁ ଦଳ ଗତ ନିର୍ବିଶେଷରେ ଉତ୍ସାହିତ କରିବା ଦରକାର । ଏହି ପରିପ୍ରେକ୍ଷୀରେ ନିଉଜିଲ୍ୟାଣ୍ଡ ହେଉଛି ବିଶ୍ୱର ପ୍ରଥମ ଦେଶ ଯିଏକି ଏହି ସ୍ମୋକିଂ ପ୍ରଥାକୁ ନିଷେଧ କରିଛି । ସେହିଭଳି ଭୂଟାନ ମଧ୍ୟ ନିଜ ଦେଶରେ ତମାଖୁ ବିକ୍ରି ଓ ସେବନକୁ ନିଷେଧ କରିଛି । ଆମ ଭାରତରେ 'ହିମାଚଳ ପ୍ରଦେଶ' ହେଉଛି ପ୍ରଥମ ସ୍ମୋକିଂ ଫ୍ରି ରାଜ୍ୟ ଭାବେ ପରିଗଣିତ । ଏହି ନିଶା ନିବାରଣ ପାଇଁ ଆମ ସମ୍ବିଧାନରେ ଧାରା ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ତାହା କିଛି କାମ କରୁନାହିଁ ଏବଂ ଏହାର ଖୁଲମଖୁଲା ଉଲ୍ଲଙ୍ଘନ ହେଉଛି । ତେଣୁ ଆଜିର ଦିନରେ ଆମେ ସାଧନା କରିବା ସହ ସଙ୍କଳ୍ପବଦ୍ଧ ହୋଇ ଧୂଆଁପତ୍ରର ଧୂଆଁରେ ପ୍ରଦୂଷିତ ସୁନ୍ଦର ପୃଥିବୀକୁ କାନ୍ତ କୋମଳ କରିବାକୁ ପ୍ରୟାସ କରିବା ।

ବିଚିତ୍ର ଯେ ବିରୋଧାଭାଷ..

ସୌମ୍ୟଶ୍ରୀ ପାଣିଗ୍ରାହୀ
'ଛାଇ' ଜଗନ୍ନାଥ ବିହାର, ଭଦ୍ରକ
ମୋ: ୭୦୦୮୬୦୧୧୬୧

ଏବେ ଆମ ସହରରେ ହେଲମେଟ ଚେକିଂ ଚାଲିଛି । ସ୍ଥାନେ ସ୍ଥାନେ ଟ୍ରାଫିକ୍ ନିୟମ ସହ ହେଲ୍‌ମେଟ୍ ପିନ୍ଧିବା ପାଇଁ ଉପଦେଶ ଦେଇ ପୋଷ୍ଟର ବି ମରା ହୋଇଛି । ବିନା ହେଲମେଟ୍‌ରେ ପେଟ୍ରୋଲ ନଦେବା ପାଇଁ ସହରର ସବୁ ପେଟ୍ରୋଲ ପମ୍ପକୁ ତାଗିଦ୍ କରାଯାଇଛି । ଯାକୁ ନେଇ ବେଳେବେଳେ ଯୁକ୍ତିତର୍କ ଓ ଝଗଡା ବି ହେଉଛି । ଅବଶ୍ୟ ଦିନରାତି ପୋଲିସ ପ୍ରଶାସନ ବି ଜଗିବାରେ ଲାଗିଛି । ପୋଲିସ୍ ଚେକିଂର ଭୟରେ ସ୍ଥାନେ ସ୍ଥାନେ ଦୁର୍ଘଟଣା ଘଟିବାର ବି ଶୁଣାଯାଉଛି । ବ୍ୟାରିକେଡ୍ ଦେହରେ ପିଟିହୋଇ ଦୁଇଜଣ ଯୁବକ କ୍ଷତାକ୍ତ ହେବାର ମଧ୍ୟ ଖବର ଆସିଛି । କିନ୍ତୁ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଏ ସୁଧାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ତାହା ସମ୍ପୂର୍ଣ୍ଣ ସଫଳ ହୋଇଛି କି, ଏହା ବିଚାରର ବିଷୟ ।

ମୋ ବ୍ୟକ୍ତିଗତ ମତରେ କିଛିଟା ପ୍ରଭାବ ତ ନିଶ୍ଚୟ ପଡିଛି । ରାସ୍ତାରେ ଆଗରୁ ମାଳମାଳ ମୁଣ୍ଡ ଦିଶୁଥିବା ବେଳେ ଏବେ ହଳହଳ ହେଲ୍‌ମେଟ୍ ଦିଶୁଛି । ଆଗରୁ କାଁ ଭାଁ କେଉଁଠି ହେଲମେଟ ବିକ୍ରି ହେଉଥିବା ବେଳେ, ଏବେ ଊଣା ଅଧିକ ପ୍ରାୟ ସବୁ ଛକରେ ଯୋଡେ ତିନିଟା ଲେଖାଁଏ ହେଲମେଟର ପସରା ମେଲିଛି । ତଥାପି ମୋ ମନରେ ପ୍ରଶ୍ନ, ଏ ଦୃଶ୍ୟ ଆଉ କେତେ ଦିନ ? ଏବେ ପୋଲିସ ପ୍ରଶାସନ ତତ୍ପର ଅଛି ବୋଲି କିମ୍ବା ଧରପଗଡ କରି ତୁରନ୍ତ ଜୋରିମାନା କରୁଛି ବୋଲି ସିନା ହେଲମେଟ ପିନ୍ଧା ଚାଲିଛି । ଦିନ କେଇଟା ପରେ ଏ ସବୁ ଢ଼ିଲା ପଡିଯିବନି ତ ? ପୁଣି ସେଇ ବିନା ହେଲ୍‌ମେଟର ଦିନ ସବୁ ଫେରିଆସିବନିତ ?

ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ଯେ, କେବଳ ଜୋରିମାନାରୁ ବଞ୍ଚିବା ପାଇଁ ଏବେ ହେଲମେଟ ପିନ୍ଧା ଚାଲିଛି । ନିଜ ମୁଣ୍ଡର ସୁରକ୍ଷା କଥାକୁ ପଚାରେ କିଏ ? ଅବଶ୍ୟ ଆଜିର ଯୁଗ ସେୟା । ଆମର ସ୍ମାର୍ଟଫୋନ୍‌କୁ ସୁରକ୍ଷା ଦେବା ପାଇଁ ଆମେ ମହଙ୍ଗା କଭର ଲଗେଇ ପାରିବୁ, ସ୍କିନ୍ ଉପରେ ପୁଣି ଗରିଲା ଗ୍ଲାସ୍ ଲଗେଇପାରିବୁ ଅଥଚ ନିଜ ମୁଣ୍ଡର ସୁରକ୍ଷା ପାଇଁ ହେଲମେଟ ପିନ୍ଧିପାରିବୁନି । ସମୟ କେମିତି ବଦଳି ଯାଉଛି ଦେଖିଲେ । ଆଗରୁ ଲୋକେ ଖାଦ୍ୟ ଖାଇବା ପାଇଁ ଅନେକ ପରିଶ୍ରମ କରୁଥିଲେ । ଗୁଡାଏ ବାଟ ଚାଲୁଥିଲେ । ବୁଲି ବୁଲି ଖାଦ୍ୟ ଖୋଜି ଖାଉଥିଲେ । ଆଉ ଏବେ ସୁସ୍ଥ ରହିବା ପାଇଁ କସରତ କରିବା ସହ ଖାଦ୍ୟ ହଜମ କରବା ପାଇଁ ଚାଲିବାକୁ ପଡୁଛି । ମୁଠାଏ ଅନ୍ନ ପାଇଁ କେତେ ପରିଶ୍ରମ କରିବାକୁ ପଡେ, ଜାଣି ମଧ୍ୟ ଏବେ ଖାଇବା ଥାଳିରେ ଖାଦ୍ୟ ଛାଡିବାର ପ୍ରତିଯୋଗିତା ଚାଲିଛି ।

କି ଅଦ୍ଭୁତ ଏ ବିଚାରଧାରା ଦେଖିଲେ, ଆମେ ଗୋଡରେ ମାଡିବାକୁ ଥିବା ଜୋତା ଆଜି ବାତାନୁକୁଳୀତ ସୋ'ରୁମ୍‌ରେ ସଜେଇ ହେଇ ବିକ୍ରି ହେଉଛି ଅଥଚ ଆମେ ଖାଉଥିବା ଖାଦ୍ୟଶସ୍ୟ ଓ ପରିବା ଆଜି ଫୁଟ୍‌ପାଥ୍‌ରେ ଗଦା ହୋଇ ବିକ୍ରି ହେଉଛି । ଉପଯୁକ୍ତ ଦାମ ମିଳୁନି ବୋଲି ରାସ୍ତାରେ କ୍ଷୀର ଢ଼ାଳି ଦିଆଯାଉଛି ଅବା ପନିପରିବା ଫୋପାଡି ଦିଆଯାଉଛି । ଅଥଚ ଅନାବଶ୍ୟକ ଅତ୍ୟାଧୁନିକ ବିଳାସ ସାମଗ୍ରୀର ଦାମ ଦିନକୁ ଦିନ ବଢ଼ିଚାଲିଛି । ଏଠି ଖାଇବା ପାଇଁ ପିଜ୍ଜା ଅର୍ଡର କଲେ ଅଧଘଣ୍ଟାରେ ଘରେ ପହଞ୍ଚି ଯାଉଛି ଅଥଚ ଅତି ଦରକାରୀ ସମୟରେ ବାରମ୍ବାର ଫୋନ୍ କରି ମଧ୍ୟ ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଧରି ପହଞ୍ଚିପାରୁନି । କେଉଁଠି ରାସ୍ତା ମରାମତି ହେଇନି ବୋଲି ଦମକଳ ଗାଡ଼ି ମଧ୍ୟ ଘରପୋଡ଼ି ପାଖରେ ପହଞ୍ଚି ପାରୁନି ପୁଣି ଆଉ କେଉଁଠି ଦୁର୍ଘଟଣା ପରେ ରାସ୍ତାରୋକରେ ଫସି ଡାକ୍ତରଖାନା ଯାଉଥିବା ରୋଗୀଟିଏର ବି ଜୀବନ ଚାଲିଯାଉଛି । କେଉଁଠି ପିଲାଏ ଅଣ୍ଟେ ଲେଖାଁଏ ପାଣିରେ ପଶି କୁମ୍ଭୀର ଥିବା ବିପଦଶଙ୍କୁଳ ନଈ ପାରି ହୋଇ ପାଠ ପଢ଼ିବାକୁ ଯାଉଛନ୍ତି ତ ଆଉ କେଉଁଠି ଆମ୍ବୁଲାନ୍ସ ବିନା ସାଇକେଲ/ଖଟ/ଭାରରେ ବୁହା ହୋଇ ରୋଗୀ ଡାକ୍ତରଖାନାକୁ ଆସୁଛି । ଏସବୁ କ'ଣ ଆମ ଦେଶର ବହୁବର୍ଣ୍ଣା ବିଚିତ୍ର ବିରୋଧାଭାଷର ନମୁନା ନୁହେଁ କି ?

ସତରେ ଏ ଦେଶ ବଡ଼ ବିଚିତ୍ର । ଏଠି ଚାଉଳ ବିକ୍ରି ହୁଏ ୫୦ ଟଙ୍କାରେ ତ ସିମ୍‌କାର୍ଡ ମାଗଣା ବଣ୍ଟାଯାଏ । ଅଟାଡାଲି ଓ ପରିବାର ଦାମ୍ ହୁ ହୁ ହୋଇ ବଢ଼ିଚାଲିଛି ସେଥିପାଇଁ ଯାବତୀୟ ଆନ୍ଦୋଳନ ଓ ବିକ୍ଷୋଭ, କିନ୍ତୁ ମଦର ମୂଲ୍ୟ ଯେତେ ବଢ଼ିଲେ ମଧ୍ୟ କାହାରି ସାମାନ୍ୟତମ ଉଁ କି ଚୁଁ ପ୍ରତିବାଦର ସ୍ୱର ଉଠୁନାହିଁ । ଏଠି କେବଳ ବିରୋଧ କରିବା ପାଇଁ ରାଜନୀତି ଚାଲିଛି । ନିତି ବିହୀନ ରାଜନୀତିରେ କେବଳ ସ୍ୱାର୍ଥର ଲଢ଼େଇ ଚାଲିଛି । ନିଜ ଦରମା ଭତା ଆଦି ବୃଦ୍ଧି କରିବା ପାଇଁ ସବୁ ରାଜନୈତିକ ଦଳ ଏକାଠି ଛିଡ଼ା ହେଉଥିଲା ବେଳେ ରାଷ୍ଟ୍ରୀୟ ଅସ୍ମିତାର ପ୍ରତିକ ନୂତନ ସଂସଦ ଭବନର ଉଦ୍‌ଘାଟନକୁ ନେଇ ଅଯଥା ବିବାଦର ସୂତ୍ରପାତ ହୋଇଛି । ଏଠି ଗାଡ଼ି କିଣିବା ପାଇଁ ଋଣର ସୁଧ ୬% ତ ପାଠପଢ଼ା ପାଇଁ ଋଣର ସୁଧ ୧୩% । ଗଛ ମୂଳରେ କିମ୍ବା ଚାଳଘରେ ରହୁଥିବା ଏବଂ ଘର କରିବା ପାଇଁ ସ୍ୱପ୍ନଦେଖୁଥିବା ମଣିଷଟେ ପାଇଁ ସବୁ ରାସ୍ତା ବନ୍ଦ କିନ୍ତୁ ସେଇ ଘର ତିଆରି କରିବା ପାଇଁ ଋଣ ଆଣିବାକୁ ଗଲେ ଗଣିବାକୁ ପଡେ ୧୦% ସୁଧ ।

ଏଠି ଦେବୀ ଦୁର୍ଗାଙ୍କୁ ଆବାହନ କରି ପୂଜା ସିନା କରାହୁଏ ହେଲେ ଶିଶୁ କନ୍ୟାଟିଏ ଜନ୍ମ ହେବା ପୂର୍ବରୁ ହିଁ ଗର୍ଭରେ ହିଁ ତାକୁ ମାରି ଦିଆହୁଏ । ଏଠି ସବୁ ମା' ଚାହାଁନ୍ତି ଯେ, ତାଙ୍କ ଝିଅ ତା ସ୍ୱାମୀକୁ ନିଜ ଅଙ୍କିୟାରରେ ରଖୁ କିନ୍ତୁ ଆଶା କରନ୍ତି ଯେ, ତାଙ୍କ ପୁଅ ତା'ସ୍ତ୍ରୀ (ବୋହୂକୁ ନିଜ ନିୟନ୍ତ୍ରଣ ଭିତରେ ରଖୁ । ସବୁ ପରିବାର ଚାହାଁନ୍ତି ଯେ ତାଙ୍କ ବୋହୂ ଶାଢି ଚୁଡ଼ି ପିନ୍ଧି ସାଣୁଣାର ସହ ଘର କୋଣରେ ବସି ରହୁ କିନ୍ତୁ, ନିଜ ଝିଅ ଯେତେବେଳେ ଆଉ କାହା ଘରର ବୋହୂ ପାଲଟେ ସେତେବେଳେ ସେ ଉଗ୍ର ଆଧୁନିକା ହେଉ, ଚାକିରି କରୁ ଏବଂ ନାରୀ ସ୍ୱାଧୀନତାର ଯୁକ୍ତିବାଢୁ । ସବୁ ବାପା ମା' ଚାହାଁନ୍ତ ଯେ, ତାଙ୍କ ପିଲା କିଛି ଗୋଟେ ବିଶେଷ ଗୁଣରେ ଗୁଣୀ ହେଉ, ସମାଜରେ ପ୍ରସିଦ୍ଧି ଓ ପ୍ରତିଷ୍ଠା ଲାଭ କରୁ ଯେମିତି ସେମାନେ ନିଜ ପିଲାଙ୍କୁ ନେଇ ଗର୍ବ ଅନୁଭବ କରିବେ ମାତ୍ର ଅନ୍ୟ ସମସ୍ତଙ୍କ ପରି ସେ ବି ନିହାତି ସାଧାରଣ ଜୀବନଟେ ଜିଉଁ ।

ଆମେ

ଦାଦନ ଶ୍ରମିକଙ୍କ ଘର ବାହୁଡ଼ା ପର୍ବ

ଯାତ୍ରୀବାହୀ ବସ୍‌ରେ ଦେଖିବାକୁ ମିଳୁଛି ଓଭରଲୋଡିଂ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ସାଧାରଣ ଭାବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼-ଦଣ୍ଡପାଟ ଅଞ୍ଚଳକୁ ଦାଦନ ଅଞ୍ଚଳ ଭାବେ ପରିଗଣନା କରାଯାଇ ଥାଏ। ପ୍ରାୟ ଶହଶହ ସଂଖ୍ୟାରେ ଦୈନଦିନ ଦାଦନ ଏହି ଅଞ୍ଚଳରୁ ଚଳାନ ହୋଇଥିବା ନଜିର ରହିଛି। ଦଲାଲମାନେ ସକ୍ରିୟ ରହି ଲୋକଙ୍କୁ ଅନେକ ପ୍ରକାର ଲୋଭନୀୟତା ଦେଖାଇ କିଛି ଅଗ୍ରୀମ ଟଙ୍କା ଦେଇ ବିଭିନ୍ନ ରାଜ୍ୟକୁ ଚାଲାଣ କରି ଥାଆନ୍ତି। ତେବେ ଧର୍ମଗଡ଼ -ବେହେରା ଆମପାଣି ଦେଇ ହାଇଦ୍ରାବାଦ, ଜଗଡଲପୁର, ବିଶାଖାପାଟଣା ଭିତ୍ତିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବସ୍‌ମାନଙ୍କରେ ଏବେ ଦାଦନ ଶ୍ରମିକଙ୍କ ଭିଡ଼ ପରିଲକ୍ଷିତ ହେଉଛି। କେବଳ ଦାଦନ ଚାଲାଣ କରିବା ଉଦ୍ଦେଶ୍ୟରେ ଅନେକ ବସ୍ ଯାତାୟାତ କରୁଥିବା ଲୋକଙ୍କ ଭିତରେ ଚର୍ଚ୍ଚା ହୁଏ। ତାହା ଭିତରୁ ଅନେକ ବସର ପରମିସନ ଥିବା ବେଳେ ଅନେକ ଟୁରିଷ୍ଟ ପରମିଟ୍‌ରେ ଯାତ୍ରୀଙ୍କୁ ଦୈନଦିନ ନେବା ଆଣିବା କରୁଥିବା ବି ଲୋକଙ୍କ ମଧ୍ୟରେ ଆଲୋଚନା ହୁଏ। ବର୍ତ୍ତମାନ ଦାଦନ ଶ୍ରମିକଙ୍କ ଘର ବାହୁଡ଼ା ପର୍ବ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଶହଶହ ଦାଦନ ଶ୍ରମିକ ନିଜ ପରିବାରକୁ ଧରି ବିଭିନ୍ନ ରାଜ୍ୟରେ କାମରେ ନିୟୋଜିତ ରହି ଏବେ ଗାଁ ବାହୁଡା ହେଉଛନ୍ତି। ବିଶେଷ ଭାବେ ଯେଉଁ ଦାଦନ ଶ୍ରମିକମାନେ ଇଟା ଭାଟିରେ ନିୟୋଜିତ ରହିଥିଲେ ସେମାନେ ପ୍ରତ୍ୟାବର୍ତ୍ତନ କରୁଥିବା କୁହାଯାଏ। ପ୍ରାୟ ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶ, ଚିନ୍ନାଇ ବିଶାଖାପାଟଣା ଆଦି ସ୍ଥାନରେ ବିଭିନ୍ନ ଘରୋଇ ଠିକାଦାର ନିକଟରେ ଇଟା ଭାଟିରେ କାମ କରୁଥିଲେ। ଏମାନେ ବର୍ଷର ଡିସେମ୍ବର ମାସରେ ଯାଇ ପ୍ରାୟ ମେ, ଜୁନ ମାସ ବେଳକୁ ଫେରିଥାନ୍ତି। ଯାହା ଏବେ ବାହୁଡା ପର୍ବ ଆରମ୍ଭ ହୋଇ ଯାଇଛି। ଗତ ଶନିବାର ଦିନ ଗୁପ୍ତା ବସ ନାମକ ଏକ ଘରୋଇ ବସ୍‌ରେ ଓଭରଲୋଡ଼ ଭାବେ ଶ୍ରମିକମାନେ ବେହେରା ଛକ ନିକଟରେ ଓହ୍ଲାଇ ଥିବା ଦେଖିବାକୁ ମିଳିଛି। ଏପରିକି ବସ୍‌ର କେବିନ ଉପରେ ମଧ୍ୟ ଦାଦନ ଶ୍ରମିକମାନେ ବସି ଫେରୁଥିବା ଦେଖିବାକୁ ମିଳେ। ବେହେରା ଛକ ନିକଟରେ ଶହଶହ ଦାଦନ ଶ୍ରମିକ ଓହ୍ଲାଉ ଥିବା ଦୃଶ୍ୟ ଏବେ ସୋସିଆଲ ମେଡିଆମାନଙ୍କରେ ଭାଇରାଲ ହେବାକୁ ଲାଗିଛି। ତେବେ ସିଜି୧୭ ଏଫ୍‌୪୫୧୯ ନମ୍ବର ଗୁପ୍ତାବସ କେବଳ ଟୁରିଷ୍ଟ ଅନୁମତି ଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳ ବେନିୟମ ଭାବେ ଓଭରଲୋଡ଼ ନେଇ ଯାତ୍ରୀ ନେବା ଆଣିବା କରୁଥିବା ଏକ ଚର୍ଚ୍ଚାର ପରିସରକୁ ଆସିଛି। ଅଞ୍ଚଳର ବୁଦ୍ଧିଜୀବୀମାନେ ପରିବହନ ବିଭାଗ ଓ ପୋଲିସ ଜାଣିଶୁଣି ଏସବୁକୁ ପ୍ରସୟ ଦେଉଥିବା ନୀତିକୁ ଘୋରନିନ୍ଦା କରନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି।

ପୁନଃଗଠିତ ହେଲା ବୋର୍ଡା ଡିଗ୍ରୀ କଲେଜର ପରିଚାଳନା କମିଟି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସଦର ବ୍ଲକ ବୋର୍ଡାସ୍ଥିତ ଚନ୍ଦ୍ରିକା ଜୈନ ଡିଗ୍ରୀ କଲେଜ୍‌ର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ମନୁରାଜ ନାଏକ, ଅଧକ୍ଷ ତଥା ସମ୍ପାଦକ ତିଲେଶ୍ୱର ନିଆଲ, ସଭ୍ୟ ରୋଶନଲାଲ ଛତର, ଅରିହନ୍ତ ଜୈନ, ମମତା ଚଲାନ, ସୁଜାତା ଦାଶ, ସଞ୍ଜୀବ ସାଗରିଆ, ମାନସୀ ନାଏକ, ହେମବତୀ ମାଝୀ, ଉଦିତ ନାରାୟଣ ସିଂମାଝୀ ଓ ବଜରଙ୍ଗ ନାଗ ମନୋନୀତ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ର, ବିଜେଡି ପୂର୍ବ ବ୍ଲକ୍ ସଭାପତି ପ୍ରଦୀପ ଭୋଇ, ବିଜେଡି ଯୁବନେତା ସୁଲପାଣି ବାଗ, ଯୁଧିଷ୍ଠିର ଜାଲ, କୋଦଣ୍ଡ ମହାନନ୍ଦ, ପୂର୍ବ ସରପଞ୍ଚ ସଂଗୀତା ନାଏକ, ବିଜେଡି ଏସ୍‌ସି ମୋର୍ଚ୍ଚା ବ୍ଲକ ସଭାପତି ନାଗେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣି ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ସଦର ସବ୍ ଡିଭିଜନ ଅନ୍ତର୍ଗତ ମଦନପୁର ରାମପୁର ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ୨୯ ତାରିଖ ସୋମବାର ଦିନ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଭିଳାଷ ଜି'ଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲ୍ଲାପାଳ, ଭବାନୀପାଟଣା ଡ. ବିଶ୍ୱଜିତ ଦାସ, ବ୍ଲକ ଅଧକ୍ଷ ମନ୍ଦାକିନୀ ସିଂହଦେଓ, ବିଡିଓ ବିନୟ କୁମାର ଭୋଇ, ତହସିଲଦାର ଜ୍ୟୋତ୍ସ୍ନା ମାଝୀଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୬୬ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ଥିଲା ବେଳେ ୨୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଅଭିଯୋଗ ଥିଲା। ୧୦ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବମକ୍ ପଞ୍ଚାୟତ କୁଟିଗୁଡୁମ୍ ଗ୍ରାମର ବିମଳା ଭୋଇଙ୍କୁ ୫୦୦୦ ଟଙ୍କା ଓ ଏମ.ରାମପୁରର ରଞ୍ଜିତ ମାଝୀଙ୍କୁ ୨୦,୦୦୦ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରଯାଇଥିଲା।

ମାଉଣ୍ଟ ଏଭରେଷ୍ଟ ଦିବସ ପାଳିତ

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ରୁପ୍ରା ଗ୍ରାମପଞ୍ଚାୟତ ନିକଟସ୍ଥ ଟାଙ୍ଗିରି ପାହାଡରେ ୨୯ ମଇ ଦିନ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରାଯାଇଥିଲା। ପ୍ରକାଶ ଥାଉକି, ୨୯ ମଇ ୧୯୫୩ ମସିହାରେ ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟକୁ ତେନଜିଙ୍ଗ ନର୍ଗେ ସେରପା ଓ ସାର ଏଡମଣ୍ଡ ହିଲାରୀ ସଫଳତାର ସହିତ ଆରୋହଣ କରି ବିଶ୍ୱ ଯୁବପିଢିଙ୍କୁ ଦୁଃସାହସିକ ପର୍ବତାରୋହଣର ମାର୍ଗ ଦେଖାଇଥିଲେ। ଏଭରେଷ୍ଟ ବିଜେତା ଯୋଗବ୍ୟାସ ଭୋଇଙ୍କ ସହିତ ରୁପ୍ରାର ବରିଷ୍ଠ ପର୍ବତାରୋହୀ ରୋମାଞ୍ଚଳ ଭୋଇ, କେସିଙ୍ଗା ଫରେଷ୍ଟ କେନ୍ଦୁଲିଫରେ କାର୍ଯ୍ୟରତ ଦୁଃସାହସିକ କର୍ମଚାରୀ କମଲେଶ ନାୟକ, ରୁପ୍ରାର ସୁମିତ ସାହୁ, ଶିକ୍ଷକ ବିବେକାନନ୍ଦ ସାହୁ ସଫଳତାର ସହିତ ଏକ ହଜାର ଫୁଟ ଉଚ୍ଚତା ପାହାଡକୁ ଦୁଇ ଘଣ୍ଟା ସମୟରେ ଚଢିଥିଲେ। ପାହାଡ ଶିଖରରେ ପହଞ୍ଚିବା ପରେ ବ୍ୟାନର ସହିତ 'ସେଭ ହିମାଳୟ, ସେଭ ନେଚର' ସ୍ଲୋଗାନ ଦେଇ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିଥିଲେ। ଏହା ସହିତ କଳାହାଣ୍ଡି ଜିଲ୍ଲା, ଓଡ଼ିଶା ତଥା ଦେଶର ସମସ୍ତ ଜନସାଧାରଣଙ୍କୁ ଜଙ୍ଗଲ ପାହାଡ଼ର ସୁରକ୍ଷା ହେଲେ ମାନବଜାତିର ସୁରକ୍ଷା ହୋଇ ପାରିବ ବୋଲି ବାର୍ତ୍ତା ଦେଇଥିଲେ।

ଅନ୍ଧାରରେ ଜିଲ୍ଲାପରିଷଦଙ୍କ ଗାଁ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଦୀର୍ଘ ୧୦ଦିନ ହେଲା ଅନ୍ଧାରରେ ଖୋଦ ଜିଲ୍ଲା ପରିଷଦଙ୍କ ଗାଁ। ଟ୍ରାନ୍ସଫର୍ମର ପୋଡି ଯାଇ ଥିଲେ ହିଁ ବର୍ତ୍ତମାନ ସୁଦ୍ଧା ମରାମତି ହୋଇ ପାରି ନ ଥିବା ନେଇ ଚର୍ଚ୍ଚାରେ ଜିଲ୍ଲା ପରିଷଦ ସଭ୍ୟ। ଏବେ ତାଙ୍କ ଦକ୍ଷତା ଓ କାର୍ଯ୍ୟକଳାପ ଉପରେ ସମାଲୋଚନା କରିଛନ୍ତି ଗାଁ ଲୋକେ। ଲୋକଙ୍କ ସମସ୍ୟା ଓ ତାର ସମାଧାନ ପାଇଁ ଆମ୍ ବିଶ୍ୱାସ ନେଇ ଲୋକେ ପ୍ରତିନିଧିମାନଙ୍କୁ ଭୋଟ ଦେଇ ବିଜୟୀ କରିଥାଆନ୍ତି। ହେଲେ ପ୍ରତିନିଧିମାନଙ୍କ ଅପାରଗତା ସାଧାରଣ ଲୋକଙ୍କ ପାଇଁ ଆପେ ଆପେ ଆଶା ବିଶ୍ୱାସ ମଉଳି ଯିବା ସ୍ୱାଭାବିକ ହୋଇପଡେ। ଧର୍ମଗଡ଼ ବ୍ଲକ ଧଅରପୁର ପଞ୍ଚାୟତ ଭାଲୁଗୁଆ ଗାଁରେ ଦୀର୍ଘ ୧୦ ଦିନ ହେବ ବିଦ୍ୟୁତ ଚ୍ୟୁତ ହେବା ଫଳରେ ଲୋକେ ନାନା ସମସ୍ୟାରେ ଛନ୍ଦି ହୋଇ ପଡିଛନ୍ତି। ଗାଁରେ ଲାଗିଥିବା ଟ୍ରାନ୍ସଫର୍ମର ପୋଡି ଯାଇଥିବା ବେଳେ ଅନ୍ଧାର କାଳଦିପାତ କରୁଛନ୍ତି ଲୋକେ। ଏବେ ଦୈନଦିନ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିରହିଛି। ଏପରିକି ଛାତ୍ରଛାତ୍ରୀଙ୍କ ନାମ ଲେଖା ଆରମ୍ଭ ହୋଇଛି। ଆଧୁନିକତା ଓ ଡିଜିଟାଲ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ବିଦ୍ୟୁତ ଆବଶ୍ୟକ ରହିଥିବା ବେଳେ ଗାଁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ସବୁଠି ବଡ ଆଶ୍ଚର୍ଯ୍ୟ ବିଷୟ ଜିଲ୍ଲା ଧର୍ମଗଡ଼ ଜୁନ ୨-ପରିଷଦ ସଭ୍ୟ ଏହି ଗାଁର ହୋଇଥିବା ଓ ଏହା ଉପରେ ଦୃଷ୍ଟି ଦେଇ ନ ଥିବା ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଦ୍ୟୁତ ବିଭାଗକୁ ଗାଁ ଲୋକ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଦ୍ୟୁତ ବିଲ ଟଙ୍କା ପୈଠ କରାଗଲେ ନୂତନ ଟ୍ରାନ୍ସଫର୍ମର ଦିଆଯିବ ବୋଲି ବିଦ୍ୟୁତ ବିଭାଗ ଅଧିକାରୀ କହିଥିବା ଗାଁ ଲୋକେ ପ୍ରକାଶ କରନ୍ତି। ଅନ୍ୟପଟେ ଗାଁ ଲୋକେ ଟଙ୍କା ପୈଠ ପାଇଁ ଚାନ୍ଦା କରି ଟଙ୍କା ସଂଗ୍ରହ କରୁଥିବା ଜଣାପଡିଛି। ଏନେଇ ଧର୍ମଗଡ଼ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା। ଅନ୍ୟପଟେ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼ ଖୁବ ଜଲଦି ନୂତନ ଟ୍ରାନ୍ସଫର୍ମର ଲାଗିଯିବ ବୋଲି କହିଥିଲେ।

'ମୁକ୍ତା' ଯୋଜନାର ଅନିୟମିତତା ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ପୌରପାଳିକାର ୨୦ଟି ୱାର୍ଡରେ ୨୦୨୨-୨୩ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କର୍ମତପର ଅଭିଯାନ (ମୁକ୍ତା) ଯୋଜନାରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ୨ କୋଟି ୮୯ ଲକ୍ଷ ୫୬ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ସହରର ପୁରୁଣାପଡ଼ା, ପରଦେଶୀପଡ଼ା, ବଡ଼ପଡ଼ା, ଅରକା ବାହାଲିପଡ଼ା, ବାହାଦୂର ବଗିଚାପଡ଼ା ସମେତ ୨୦ଟି ୱାର୍ଡରେ ୬୨୩ଟି ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ୩ କୋଟି ୨ ଲକ୍ଷ ୭୩ ହଜାର ୯୯୫ ଟଙ୍କାର ବ୍ୟୟ ଅଟକଳ ହୋଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଳରେ ଠିକାଦାରମାନଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରି ଅତିନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହେବା ସହ ଠିକାଦାର ପୋଷା ନୀତିରେ ଗୋଟାଏ ଜାଗାରେ ୨ରୁ ଅଧିକ ପ୍ରକଳ୍ପ ନିର୍ମାଣ କରାଯାଇଥିବା ଦର୍ଶାଇ ସରକାରୀ ଅର୍ଥର ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ତଦନ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଡୋକରୀଦରରେ ବୁଡି ଯୁବକ ନିଖୋଜ ଘଟଣା

୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାର

କୋକସରା, (ଭାସ୍କର ନ୍ୟୁଜ୍): ରବିବାର ଅପରାହ୍ନରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ହାଣ୍ଡି ଡୋକରୀଚଞ୍ଚରାର ଡୋକରୀଦର ଝରଣାରେ ବୁଡ଼ି ନିଖୋଜ ହୋଇଥିବା ଯୁବକ ଅମନ ଅଗ୍ରୱାଲଙ୍କ ମୃତଦେହ ମିଳିଛି। ଅଗ୍ନିଶମ ବିଭାଗର ଅନେକ ଚେଷ୍ଟାରେ ଦୀର୍ଘ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ସୋମବାର ଶବ ଉଦ୍ଧାର ହୋଇଛି। ସୂଚନା ଅନୁସାରେ, ଧର୍ମଗଡ଼ ସହରର ଅମନ ଅଗ୍ରୱାଲ (୨୫)ଙ୍କ ସହିତ ରବିବାର ଅପରାହ୍ନରେ ସାଙ୍ଗ ଅଜିତ ପାଟ୍ଟଯୋଷୀ, ଦେବେଶ ଅଗ୍ରୱାଲ ଓ ପ୍ରଭୁଦତ୍ତ ବେହେରା ପର୍ଯ୍ୟଟନ ସ୍ଥଳୀ ଡୋକରୀ ଚଞ୍ଚରାକୁ ବୁଲିବାକୁ ଆସିଥିଲେ। ଏଠାରେ ଥିବା ଡୋକରୀଦର ଝରଣାର ଗଭୀର ପାଣି ଭିତରେ ୪ଜଣ ସାଙ୍ଗ ଗାଧୋଉ ଥିବାବେଳେ ଅମନ ପାଣି ଭିତରେ ବୁଡ଼ି ଯାଇଥିଲା। ତେବେ ତାଙ୍କୁ ଉଦ୍ଧାର କରିବା ପାଇଁ ସାଥୀରେ ଥିବା ସାଙ୍ଗମାନେ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ବି ବିଫଳ ହୋଇଥିଲେ। ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଆମପାଣି ଥାନା ପୁଲିସ ଓ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଝରଣାର ଗଭୀର ପାଣି ଭିତରେ ଖୋଜାଖୋଜି ଆରମ୍ଭ କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ସୋମବାର ସକାଳୁ ଧର୍ମଗଡ଼ ଉପଜିଲ୍ଲାପାଳ ବେଦ ଭୁଷଣ, ଉପଖଣ୍ଡ ପୁଲିସ ଅଧିକାରୀ ଧିରଜ କୁମାର ଚୋପଦାର, ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ଉପସ୍ଥିତରେ ପୁଣି ଥରେ ଭବାନୀପାଟଣା ଓ କୋକସରା ଅଗ୍ନିଶମ କର୍ମଚାରୀ ମାନେ ଖୋଜା ଖୋଜି ଆରମ୍ଭ କରିଥିବାବେଳେ ଦୀର୍ଘ ୨୪ ଘଣ୍ଟା ପରେ ଶବ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ଶବ ଜବତ୍ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚତୁର୍ଭୁଜ ନାଏକ ସୂଚନା ଦେଇଛନ୍ତି।

ବିନା କାଗଜପତ୍ରରେ ଚାଲିଛି ବନ ବିଭାଗର ଗାଡ଼ି



କୋକସରା, (ଭାସ୍କର ନ୍ୟୁଜ୍): ଦେଶରେ ନୂଆ ମଟୋର ଯାନ ଆଇନ୍ ଲାଗୁ ହେବା ପରେ ଟ୍ରାଫିକ ନିୟମକୁ କଡ଼ାକଡ଼ି କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଆବଶ୍ୟକ କାଗଜପତ୍ର ନଥିବ ଓ ସଡ଼କ ସୁରକ୍ଷା ଆଇନ ଉଲଂଘନ କଲେ ଉଲଂଘନକାରୀଙ୍କୁ ମୋଟା ଅଙ୍କର ଫାଇନ ଆଦାୟ କରୁଛି ପରିବହନ ବିଭାଗ ଓ ପୋଲିସ ପ୍ରଶାସନ। ଏମିତି କି ସରକାରୀ ଗାଡ଼ିଗୁଡ଼ିକ ମଧ୍ୟ ବିନା କାଗଜ ପତ୍ରରେ ବୁଲି ପାରିବ ନାହିଁ, ଯାହା ନୂଆ ମଟୋର ଯାନ ଆଇନ୍‌ରେ ଉଲ୍ଲେଖ ରହିଛି।

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମାଇବା ପାଇଁ ରାଜ୍ୟ ସରକାର ଗତ ଏପ୍ରିଲ ମାସରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରିଥିବାବେଳେ ପ୍ରତି ଜିଲ୍ଲାରେ ଏହାକୁ ପାଳନ କରାଯାଇଛି। ତେବେ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୁଣି ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହାରକୁ କମାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମେ ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ସପ୍ତାହ ପାଳନ ଜାରି ରହିଛି।

ତେବେ ସାଧାରଣ ଲୋକଙ୍କ ଗାଡ଼ି ମଟୋରର କାଗଜ ପତ୍ର ଠିକ୍ ନଥିଲେ କିମ୍ବା ନିୟମ ଉଲ୍ଲଙ୍ଘନ କଲେ ତାଙ୍କୁ ହଜାର ହଜାର ଟଙ୍କା ଫାଇନ ଦେବାକୁ ପଡୁଛି। ଏଭଳି ସ୍ଥିତିରେ ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ଅଧିନରେ ଥିବା ଆମପାଣି ଫରେଷ୍ଟ ସେକ୍ସନ କାର୍ଯ୍ୟଳୟରେ ବ୍ୟବହାର ହେଉଥିବା ଗାଡିର ଫିଟନେସ ପ୍ରମାଣପତ୍ର, ପ୍ରଦୂଷଣ ପ୍ରମାଣପତ୍ର ଏବଂ ଗାଡ଼ିର ବୀମା ଆଦି ନଥିବା ଏମ୍ ପରିବହନରୁ ମିଳିଥିବା ସୂଚନାରୁ ଜଣାପଡିଛି। ବନ କାର୍ଯ୍ୟାଳୟରେ ବ୍ୟାବହାର ହେଉଥିବା ଏହି ଗାଡ଼ି ଯାହାର ନମ୍ବର (ଓଆର୍ ୦୨ ଏଜେ ୫୨୬୮) ରହିଛି। ଏହି ଗାଡିର ଫିଟନେସ୍ ୨୭ ମାର୍ଚ୍ଚ ୨୦୨୧ରେ ସରିଛି। ହେଲେ ଏହି ଗାଡ଼ିଟି ଅଫିସ କାର୍ଯ୍ୟରେ ଏବେ ଘୁରି ବୁଲୁଛି। ତେବେ ଫିଟନେସ୍ ପ୍ରମାଣପତ୍ର, ପ୍ରଦୂଷଣ ପ୍ରମାଣପତ୍ର ଏବଂ ଗାଡ଼ିର ବୀମା ଆଦି ନଥିବା ଏହି ଗାଡ଼ିଟି କିଭଳି ଭାବରେ ସରକାରୀ କାର୍ଯ୍ୟାରେ ବ୍ୟବହାର ହେଉଛି ତାହାକୁ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି।

ଏମିତି କି ଗାଡ଼ିରେ ଉଚ୍ଚ ସୁରକ୍ଷା ନମ୍ବର ପ୍ଲେଟ୍ ମଧ୍ୟ ଲାଗି ନାହିଁ। ଯଦି ସାଧାରଣ ଲୋକଙ୍କ ଗାଡ଼ିର କାଗଜ ପତ୍ର ଠିକ୍ ନଥିଲେ କିମ୍ବା ଆଇନ୍ ଉଲଂଘନ କଲେ ମୋଟା ଅଙ୍କର ଫାଇନ ଦେବାକୁ ପଡୁଛି ତେବେ କାଗଜ ପତ୍ର ଠିକ

ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆପଟଣା ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଓ ମଙ୍ଗଳପୁର ଗ୍ରାମର ଆରାଧ୍ୟ ଦେବୀ ମା' ମଙ୍ଗଳାଙ୍କୁ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ନିୟୋଜନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମଙ୍ଗଳବାର ଦର୍ଶନ କରିଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ ପ୍ରଥମେ ବାବା ଆଖଣ୍ଡଳମଣି ଦର୍ଶନ କରି ସାରିବା ପରେ ସିନ୍ଦୋଳ ଲକ୍ଷ୍ମୀନାରାୟଣ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ମଙ୍ଗଳପୁର ଗ୍ରାମକୁ ଯାଇ ମା ମଙ୍ଗଳାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସିନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁପ୍ରଭା ପାଣି, ସମିତିସଭ୍ୟ ନକୁଳ ବାରିକଙ୍କ ସହିତ ପ୍ରଦୀପ ଦାସ, ମନୋଜ ସାହୁ, କପୀଳେନ୍ଦ୍ର ବାରିକ, ଜଗବନ୍ଧୁ ବାରିକ, ସୁଶାନ୍ତ ବାରିକ୍, ଦେବବ୍ରତ ଦାସ, ଦେବେନ୍ଦ୍ର ମହାଳିକ, କୈଳାସ ବେହେରା ପ୍ରମୁଖଙ୍କ ସହିତ ବିଜେଡି ନେତା ଓ କର୍ମୀମାନେ ମନ୍ତ୍ରୀ ଶ୍ରୀ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ମଙ୍ଗଳପୁରରେ ମନ୍ତ୍ରୀ ମା' ମଙ୍ଗଳାଙ୍କୁ ଦର୍ଶନ ସମୟରେ ମୀନକେତନ ନାୟକ, ଶ୍ରଦ୍ଧାପ୍ରକାଶ ନାୟକ, ପ୍ରଦୀପ ରାଉତ, ରାଜେଶ ଲେଙ୍କା, ସାର୍ତ୍ତିକ ମଳିକ, ଘନଶ୍ୟାମ ପରିଡ଼ା, ସୁନୀଲ ରାଉତ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଗଞ୍ଜାମର ୧୨ଟି ବ୍ଲକରେ ବୃହତ ଜଳଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି

ଉପକୃତ ହେବେ ୨୨୮ଟି ପଞ୍ଚାୟତର ୯ଲକ୍ଷ ଜନସାଧାରଣ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଏଠାକାର ସମସ୍ୟା ସମାଧାନ କ୍ଷେତ୍ରରେ ସବୁବେଳେ ସେ ତତ୍ପରତା ଦେଖାଇଛନ୍ତି। ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଆଦି କ୍ଷେତ୍ରରେ ବହୁବିଧ ସୁବିଧା କରି ଆସୁଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ସେ ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ୧୨ଟି ବ୍ଲକରେ ହେବାକୁ ଥିବା ବୃହତ ଜଳଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏନେଇ ସ୍ଥାନୀୟ ଭାବାନଗର ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲ୍ଲାରେ ୧୮୦୯ କୋଟି ୯୧ ଲକ୍ଷ ଟଙ୍କାରେ ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଜିଲ୍ଲାର ୧୨ଟି ବ୍ଲକ ଅଧୀନରେ ଥିବା ୨୨୮ଟି ପଞ୍ଚାୟତ ଅନ୍ତର୍ଗତ ୭୭୦ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୯ ଲକ୍ଷ ଜନସାଧାରଣ ଉପକୃତ ହେବେ ବୋଲି ଜିଲ୍ଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏଠାରେ କହିଛନ୍ତି। ଏହି ଜଳପ୍ରକଳ୍ପ ଦ୍ୱାରା ଜିଲ୍ଲାର କବିସୂର୍ଯ୍ୟନଗର ଅଧୀନରେ ଥିବା ୧୭ଟି ପଞ୍ଚାୟତ ଅଧୀନସ୍ଥ ୪୧ଟି ଗ୍ରାମର ୬୮ହଜାର ଜନସାଧାରଣ, ଆସିକା ବ୍ଲକର ୨୨ଟି ପଞ୍ଚାୟତ ଅଧୀନସ୍ଥ ୪୫ଟି ଗ୍ରାମର ୯୧ ହଜାର ଲୋକ, ସୋରଡ଼ା ବ୍ଲକ ଅଧୀନରେ ଥିବା ୨୩ଟି ପଞ୍ଚାୟତ ଅନ୍ତର୍ଗତ ୧୨୦ଟି ଗ୍ରାମର ପ୍ରାୟ ୧ଲକ୍ଷ ଜନସାଧାରଣ ଉପକୃତ ହେବେ ବୋଲି ଏଠାରେ କୁହାଯାଇଛି। ସେହିଭଳି ଧରାକୋଟ ବ୍ଲକର ୨୦ଟି ପଞ୍ଚାୟତର ୧୦୦ଟି ଗ୍ରାମର ଜନସାଧାରଣ, ପୁରୁଷୋତ୍ତମପୁର ବ୍ଲକ ଅଧୀନର ୪୩ଗାଁ ର ଜନସାଧାରଣ, ପୋଲସରା ବ୍ଲକ ଅଧୀନସ୍ଥ ୫୫ଗ୍ରାମର ଜନସାଧାରଣ, ଜଗନ୍ନାଥପ୍ରସାଦ ବ୍ଲକର ୮୬ ଗାଁର ଜନସାଧାରଣ, ଭଞ୍ଜନଗର ବ୍ଲକ ଅଧୀନସ୍ଥ ୮୮ଟି ଗ୍ରାମର ଜନସାଧାରଣ, ବେଲଗୁଣ୍ଡା ବ୍ଲକ ଅଧିନସ୍ଥ ୬୩ଟି ଗ୍ରାମର ଗ୍ରାମବାସୀ, ବୁଗୁଡ଼ା ବ୍ଲକ ଅଧୀନସ୍ଥ ୪୪ଟି ଗ୍ରାମର ଗ୍ରାମବାସୀ, ବେଗୁନିଆପଡ଼ା ବ୍ଲକ ଅଧିନସ୍ଥ ୫୯ଟି ଗାଁ ଲୋକେ ଓ ଗଞ୍ଜାମ ବ୍ଲକ ଅଧୀନସ୍ଥ ୨୬ଟି ଗ୍ରାମର ଜନସାଧାରଣ ବୃନ୍ଦ ଉପକୃତ ହୋଇପାରିବେ ବୋଲି ଏଠାରେ କୁହାଯାଇଛି। ସମସ୍ତ ପ୍ରକଳ୍ପଗୁଡ଼ିକୁ ୨୪ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜିଲ୍ଲା ସଭାପତି ଡାକ୍ତର ଚ୍ୟାଉପଟ୍ଟନାୟକ ଏଠାରେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ଼ୀ, ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାଷ ମହାରଣାଙ୍କ ସମେତ ଅନ୍ୟ ନେତା ଓ କର୍ମୀମାନେ ଉପସ୍ଥିତ ରହି ଆଜି ଗଞ୍ଜାମ ଜିଲ୍ଲା ପାଇଁ ଐତିହାସିକ ଦିନ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

ରତିରଞ୍ଜନଙ୍କ କିଡ୍‌ନୀ ପ୍ରତିରୋପଣ ଲାଗି ଆର୍ଥିକ ସହାୟତା

କୁଜଙ୍ଗ, (ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକ୍ ବାଗୋଇ ପଞ୍ଚାୟତ ଅନ୍ତର୍ଗତ ଚରଦିଆ ଗ୍ରାମର କିଡ୍‌ନୀ ରୋଗରେ ପୀଡିତ ରତିରଞ୍ଜନ ପଣ୍ଡାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବିପଦର ବନ୍ଧୁ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ, ରତିରଞ୍ଜନଙ୍କ ବୟସ ମାତ୍ର ୨୫ ବର୍ଷ, ଗତ କିଛିମାସ ହେବ କିଡ୍‌ନୀ ରୋଗରେ ପୀଡିତ ହୋଇ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରତିରଞ୍ଜନ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ପିଲା, ବାପା ମଧ୍ୟ କର୍କଟ ରୋଗରେ ପୀଡିତ। ସେ ନିଜ ଗ୍ରାମରେ ପିଲାଙ୍କୁ ଟ୍ୟୁସନ କରି ନିଜେ ଚଳିବା ସହ ବାପାଙ୍କର ଚିକିତ୍ସା କରୁଥିଲେ। ହେଲେ ଗତ ୬ ମାସ ହେଲା ନିଜେ ଅସୁସ୍ଥ ଅନୁଭବ କଲା ପରେ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାପଡିଲା କି ତାଙ୍କର ଦୁଇଟି ଯାକ କିଡ୍‌ନୀ ଖରାପ ହୋଇଯାଇଛି। ବର୍ତ୍ତମାନ ସେ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ମା' ତାଙ୍କୁ ଗୋଟେ କିଡ୍‌ନୀ ଦାନ କରିବେ, ଆସନ୍ତା ଜୁନ ମାସ ୧୫ ତାରିଖରେ ସମ୍ ହସ୍ପିଟାଲରେ ତାଙ୍କର କିଡ୍‌ନୀ ପ୍ରତିରୋପଣ ହେବ। ପାଖାପାଖି ୧୦ ଲକ୍ଷ ଟଙ୍କା ଦରକାର କିଡ୍‌ନୀ ପ୍ରତିରୋପଣ ଲାଗି। କିଡ୍‌ନୀ ପ୍ରତିରୋପଣ ପାଇଁ ଲାଗି ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଞ୍ଜିନିୟର ଶଙ୍କେଶ୍ୱର ପ୍ରସାଦ ମହାନ୍ତି, ସଂଯୋଜକ କୁନେଶ ବାରିକ, ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ସଞ୍ଜୟ ବେହେରା, ସିଦ୍ଧାର୍ଥ ଶଙ୍କର ପ୍ରତିହାରୀ, ଚିନ୍ମୟ କୁମାର ମିଶ୍ର ଏବଂ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ରତିରଞ୍ଜନଙ୍କ ବାସଭବନରେ ପହଞ୍ଚି ତାଙ୍କ ବାପାଙ୍କୁ କୋଡିଏ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ରତିରଞ୍ଜନଙ୍କ ବାପା, ପିଉସୀ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୀୟସୀ ପ୍ରଶଂସା କରାଯାଇଛି।

ମଝିହରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଚୋରି

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ଆଜି ବାଲିପାଟଣା ତହସିଲ୍ ଅଧୀନ ମଝିହରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଚୋରି ହୋଇଥିବା ବାଲିପାଟଣା ଥାନାରେ ରାଜସ୍ୱ ନିରିକ୍ଷକ ଅଭିଯୋଗ କରିଥିବା ସୂଚନା ମିଳିଛି। ସୂଚନା ମୁତାବକ ଆଜି ଦିନ ୭ଟା ବେଳେ ମଝିହରା ରାଜସ୍ୱ ନିରୀକ୍ଷକ ରାଜକିଶୋର ସାହୁ ତାଙ୍କ କାର୍ଯ୍ୟାଳୟକୁ ଆସି ଦେଖିଥିଲେ ଅଫିସ୍ ସ୍କାଇଲାଇଟ୍ ଭଙ୍ଗା ଯାଇଥିବାବେଳେ ଦୁଇଟି ଝରକା ଖୋଲା ଅବସ୍ଥାରେ ରହିଛି । ଚୋରି ଉଦ୍ୟମ ହୋଇଥିବା ଜାଣି ତୁରନ୍ତ ଥାନା ପିସିଆର୍‌କୁ ଖବର କରିଥିଲେ। ପିସିଆର୍ ପହଞ୍ଚିଲା ପରେ କାର୍ଯ୍ୟାଳୟ ଗୃହ ଖୋଲି ଦେଖିଥିଲେ ଅଫିସ୍ ଡ୍ରୟରରୁ ପାଖାପାଖି ୮ଶହ ଟଙ୍କା ସହିତ କଲମ ଏବଂ ପେନ୍‌ସିଲ୍ ଚୋରି ଯାଇଥିବାବେଳେ କିଛି ଅଫିସ୍ ନଥିପତ୍ର ନଷ୍ଟ କରାଯାଇଛି। ତୁରନ୍ତ ରାଜସ୍ୱ ନିରୀକ୍ଷକ ଶ୍ରୀଯୁକ୍ତ ସାହୁ ବାଲିପାଟଣା ତହସିଲ୍‌ଦାର ବୁଲ୍ ବୁଲ୍ ବେହେରାଙ୍କୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ୨୦୨୧ ମସିହା ଡିସେମ୍ବର ୨୪ ତାରିଖ ଦିନ ମଧ୍ୟ ଉକ୍ତ କାର୍ଯ୍ୟାଳୟରୁ ଚୋରି ଉଦ୍ୟମ ହୋଇଥିଲା। ଏ ବାବଦକୁ ରାଜସ୍ୱ ନୀରିକ୍ଷକ ଶ୍ରୀଯୁକ୍ତ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ ପ୍ରାୟ ସମୟରେ ଏହି କାର୍ଯ୍ୟାଳୟରୁ ଚୋରି ଉଦ୍ୟମ କରାଯାଉଛି। କିଛି ଅସାମାଜିକ ଯୁବକମାନେ ବିଳମ୍ବିତ ରାତିରେ ମଦ ପିଇ ମଦ ବୋତଲ କାର୍ଯ୍ୟାଳୟ ପରିସରରେ ପକାଉଛନ୍ତି ତ କେତେବେଳେ କାର୍ଯ୍ୟାଳୟକୁ ସଂଯୋଗ କରାଯାଇଥିବା ବିଦ୍ୟୁତ୍ ତାର ଚୋରି କରିନେଉଛନ୍ତି। ଏ ନେଇ ଖୋଦ୍ ତହସିଲଦାର ବାଲିପାଟଣା ଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଣାଇଛନ୍ତି।

ଭିଜିଲାନ୍ସ ଜାଲରେ ବ୍ରହ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗର ୩ କର୍ମଚାରୀ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଏକ ଚୁକ୍ତିନାମା ପ୍ରଦାନ ପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟର ୩ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଓ ଏଷ୍ଟିମେଟର ଧୀରେନ୍ କୁମାର ପଣ୍ଡା ଓ ଖାଲାସି ଅଜୟ କୁମାର ପାତ୍ର ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ କୁକୁଡ଼ାଖଣ୍ଡି ବ୍ଲକର ମୋନୋହରା ଗ୍ରାମ ନିକଟରେ ଥିବା ବଡ଼ ବନ୍ଦର ଜଳସେଚନ ଉନ୍ନତିକରଣ ନିମନ୍ତେ ଏକ ଚୁକ୍ତିନାମା ହୋଇଥିଲା। ଏହି ଚୁକ୍ତିନାମା ଫାଇଲ୍ ପ୍ରକ୍ରିୟାକରଣ ନିମନ୍ତେ ଠିକାଦାରଙ୍କୁ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଠିକାଦାର ଜଣଙ୍କ ଭିଜିଲାନ୍ସର ନିକଟରେ ଅଭିଯୋଗ କରିଥିଲେ। ଉପରୋକ୍ତ ଅଭିଯୁକ୍ତଙ୍କ ଦାବି ମୁତାବକ ଠିକାଦାର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟର ପହଞ୍ଚି କନିଷ୍ଠ ଯନ୍ତ୍ରୀ ଧୀରେନ୍ କୁମାର ପଣ୍ଡାଙ୍କୁ ସମସ୍ତ ଲାଞ୍ଚ ଟଙ୍କା ପ୍ରଦାନ କରିଥିଲେ । ଏହି ସମୟରେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟ କନିଷ୍ଠ ଯନ୍ତ୍ରୀ ଓ ଖଲାସିଙ୍କୁ ଗିରଫ କରିବା ସହ ଉକ୍ତ ଲାଞ୍ଚ ଟଙ୍କା ଜବତ କରିଥିଲା। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟାଳୟ ଭିତରେ ଥିବା ଚାମ୍ବର ସମେତ ବ୍ରହ୍ମପୁରରେ ଥିବା ଘରେ ଚଢଉ କରିଥିଲେ। ପୂର୍ବରୁ ଠିକାଦାରଙ୍କଠାରୁ ଉକ୍ତ କାମ ନିମନ୍ତେ ପ୍ରସନ୍ନ କୁମାର ପାଢ଼ୀ ଓ ଅଜୟ କୁମାର ପାତ୍ର ଫୋନ୍ ଜରିଆରେ ୧୪ ହଜାର ଟଙ୍କା ନେଇଥିଲେ । ବିଭାଗ ପକ୍ଷରୁ ଉକ୍ତ ଟଙ୍କା ଜବତ କରିବା ସହ ଉଭୟଙ୍କୁ ଗିରଫ କରିଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ୬।୨୦୨୩ରେ ଏକ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଗହଣା ସଫେଇ ବାହାନାରେ ସୁନା ଅଳଙ୍କାର ଲୁଟ୍

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ବେଲପାହାଡ଼ ଥାନା ଅନ୍ତର୍ଗତ ବାବା ପଡ଼ାରେ ସୁନା ଅଳଙ୍କାର ସଫା କରିବା ବାହାନାରେ ଜଣେ ମହିଳାଙ୍କ ନିକଟରୁ ଦୁର୍ବୃତ୍ତମାନେ ସୁନା ଠକି ନେଇଥିବା ଜଣାପଡିଛି। ସୋମବାର ଦିନ ଦ୍ୱି-ପ୍ରହରରେ ସ୍ଥାନୀୟ ବାବା ପଡ଼ାର ଅରବିନ୍ଦ ସେଠିଙ୍କ ଧର୍ମ ପତ୍ନୀ ସାଗରିକାଙ୍କଠାରୁ ଦୁର୍ବୃତ୍ତମାନେ ଅଳଙ୍କାର ସଫା କରିବା ବାହାନାରେ ସୁନା ଠକି ନେଇଥିବା ଅଭିଯୋଗ ହୋଇଛି। ସୋମବାର ଅଭିଯୁକ୍ତ ଦୁଇ ଜଣ ଯୁବକ ସାଗରିକାଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାମୀ ସେମାନଙ୍କୁ ତାଙ୍କ ସୁନା ସଫା କରିଦେବା ପାଇଁ ପଠେଇଥିବା କଥା କହିଥିଲେ। ସାଗରିକା ସେମାନଙ୍କ କଥାରେ ବିଶ୍ୱାସ କରି ଗୋଟିଏ ହାତ ମୁଦି ଓ କାନ ଫୁଲ ସଫା କରିବା ପାଇଁ ଦେଇଥିଲେ। ଅଭିଯୁକ୍ତ ଦ୍ୱୟ କୌଶଳ କ୍ରମେ ସେଗୁଡିକୁ ହାତସଫେଇ କରି ନେଇଥିଲେ। ତା' ବଦଳରେ ଗୋଟିଏ କାଗଜରେ ସମ ପରିମାଣର ପଥର ଗୁଡେଇ ତାକୁ ୧୦ ମିନିଟ ପରେ ଖୋଲିବାକୁ କହି ସ୍ଥାନ ଛାଡି ଫେରାର ହୋଇଯାଇଥିଲେ। ପରେ ମହିଳା ଜଣକ ୧୦-୧୫ ମିନିଟ ପରେ କାଗଜ ଖୋଲିଲା ବେଳକୁ ପଥର ଦେଖି ଠକେଇର ଶିକାର ହୋଇଥିବା ଜାଣିପାରି ପୋଲିସରେ ଅଭଯୋଗ କରିଥିଲେ। ଦୁର୍ବୃତ୍ତମାନେ ମହିଳାଙ୍କ ୧୦ ଗ୍ରାମ ସୁନା ନେଇଯାଇଥିବାବେଳେ ତା'ର ଅନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ। ବେଲପାହାଡ ପୋଲିସ ଏ ବାବଦରେ ଏକ ମାମଲା ରୁଜୁ କରି ତଦନ୍ତ ଚଳେଇଛି। ସହରବାସୀଙ୍କୁ ଏଥିପ୍ରତି ସତର୍କ କରେଇବା ସହ କାହାରି ଉପରେ ସନ୍ଦେହ ହେଲେ ତୁରନ୍ତ ପୋଲିସକୁ ଜଣେଇବାକୁ ଥାନାଧିକାରୀ ଅମିତାଭ ପଣ୍ଡା ଅନୁରୋଧ କରିଛନ୍ତି।

ତାଳଚେର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ତାଳଚେର, (ଭାସ୍କର ନ୍ୟୁଜ୍) : ରାଜା ରାଜୁଡ଼ା ଅମଳରୁ କାହିଁ କେତେ ବର୍ଷ ପୂର୍ବରୁ ତାଳଚେର ଐତିହାସିକ ରଥଯାତ୍ରା ପାଳନ ହୋଇ ଆସୁଛି । ଜଗତର ନାଥ ଜଗନ୍ନାଥଙ୍କ ଏହି ଯାତ୍ରାର ପରମ୍ପରାକୁ ବଜାୟ ରଖାଯାଇ ପ୍ରଶାସନ ସ୍ତରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ ତଥା ତାଳଚେର ଉପଜିଲ୍ଲାପାଳ ବିଶ୍ୱରଞ୍ଜନ ରଥଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ବୈଠକରେ ଚଳିତବର୍ଷ କିପରି ସୁଚାରୁରୂପେ ରଥଯାତ୍ରା ପାଳନ କରାଯିବ ସେଥିନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରଥ ନିର୍ମାଣ କାର୍ଯ୍ୟ ପାଇଁ କାଠର ଆବଶ୍ୟକତା ଉପରେ ସନାତନ ମହାରଣା ଓ ଭାଗିରଥି ମହାରଣାଙ୍କ ପରାମର୍ଶକ୍ରମେ କାଠର ବ୍ୟବସ୍ଥା କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ରଥ ପ୍ରକାଶ କରିଥିଲେ। ସେହିପରି ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ରାସ୍ତା, ଆଲୋକ, ଡ୍ରେନ ଏବଂ ପରିଷ୍କାର ପରିଚ୍ଛନ୍ନ ପାଇଁ ପୌରପରିଷଦକୁ ଦାୟିତ୍ୱ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରଥ ଚତୁଃପାର୍ଶ୍ୱରେ କର୍ଡ଼ନ କରାଯାଇ ପ୍ରଥମ କର୍ଡ଼ନରେ କେବଳ ସେବକମାନେ ରହି ପୂଜାକାର୍ଯ୍ୟ ତୁଲାଇବେ ଓ ସମସ୍ତ ଭକ୍ତଙ୍କ ସହ ମିଶି ରଥଟଣା କାର୍ଯ୍ୟରେ ସହଯୋଗ କରିବେ। ଏ ସମସ୍ତ ବ୍ୟବସ୍ଥା ପାଇଁ ପୌରପରିଷଦ ନଗରପାଳ ପବିତ୍ର ଭୂତିଆ, ସମସ୍ତ ଅଧିକାରୀମାନେ କ୍ଷେତ୍ର ଅନୁଧ୍ୟାନ କରି ଆନୁସାଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ପାର୍କିଂ ପାଇଁ ରଥଯାତ୍ରା ସମୟରେ ମଦୁଆଙ୍କୁ ସାବାଡ଼ କରିବା, ଏଣେତେଣେ ଗାଡ଼ି ପାର୍କିଂ ନକରିବା, ଗାଡ଼ିଗୁଡ଼ିକୁ ଭିତରକୁ ନଛାଡ଼ିବା ପାଇଁ ତାଳଚେର ସଦର ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ଏଥିସହ ରଥଯାତ୍ରା ପାଇଁ ଆନୁସାଙ୍ଗିକ ଅର୍ଥବ୍ୟବସ୍ଥା ପାଇଁ ରଥ କମିଟିର ସଭାପତି ନିଜେ କିଛି ବଦାନ୍ୟ ଶିଳ୍ପସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରି କିପରି ରଥ ନିର୍ମାଣ ପାଇଁ ଖର୍ଚ୍ଚର ବ୍ୟବସ୍ଥା ହୋଇପାରିବ ନିଷ୍ପତ୍

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ପୌରାଞ୍ଚଳରେ ବିଜେଡି ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଗତିଶୀଳ କରିବା ପାଇଁ ସ୍ଥାନୀୟ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପୌରାଞ୍ଚଳ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦଳର ବରିଷ୍ଠ ନେତା ସେକ ରକିବ୍‌ଉଦ୍ଦିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଜୁ ଜନତା ଦଳ ର ପୂର୍ବତନ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସ ଯୋଗ ଦେଇଥିଲେ । ସମାଜର ଅବହେଳିତ, ନିଷ୍ପେସିତ ଲୋକମାନଙ୍କୁ ସେବା କରିବା ସହ ପୌରାଞ୍ଚଳରେ କିପରି ବିଜେଡି ଲୋକମାନଙ୍କ ନିକଟରେ ଆଦୃତ ଓ ବିଶ୍ୱସନୀୟ ହେବ ସେ ସମ୍ପର୍କରେ କର୍ମୀମାନଙ୍କୁ ବିଝାଇବା ସହ ସଠିକ ମାର୍ଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଦଳର ନେତୃତ୍ୱ ନେଉଥିବା କିଛି ଲୋକଙ୍କ ଭୁଲ ନୀତି ପାଇଁ ଗତ ପୌର ନିର୍ବାଚନରେ ଦଳ ପରାଜିତ ହୋଇଥିବାରୁ ସେହି ତ୍ରୁଟିକୁ ସୁଧାରି ଲୋକପ୍ରିୟ ନେତା ଅମରେନ୍ଦ୍ର ଦାସ ନେତୃତ୍ୱରେ ଦଳ କୁ ଅଧିକ ମଜୁବୁତ କରିବା ପାଇଁ ଉପସ୍ଥିତ କର୍ମୀ ମାନେ ନିଷ୍ପତ୍ତି ନେଇଥିଲେ । ଏହି ବୈଠକରେ ପୌରପରିଷଦର ଯୁବ କାଉନସିଲର ଦେବାଶିଷ ସ୍ୱାଇଁ, ପୂର୍ବତନ କାଉନସିଲର ରବୀନ୍ଦ୍ର ନାଥ ସ୍ୱାଇଁ, ପୂର୍ବତନ କାଉନସିଲର ଦିଲ୍ଲୀପ ସ୍ୱାଇଁ, ପୂର୍ବତନ କାଉନସିଲର ସୁଶୀଲ ଦାସ, ପୂର୍ବତନ ସୁଶାନ୍ତ ରଞ୍ଜନ ସ୍ୱାଇଁ, ପୂର୍ବତନ କାଉନସିଲର ପାର୍ଥି ରବି ସେନାପତି, ୮ ନମ୍ବର ୱାର୍ଡ ର ଯୁବ ନେତା ପ୍ରଭାତ କେନା, ରଞ୍ଜନ ସିଂ,ଇନାମୁଲ୍ଲା ଖାଁ, ସେକ ନଇନଉଦ୍ଦିନ, ହେମନ୍ତ ବେହେରା,ସୁଶାନ୍ତ ଦାସ, ବିଜେନ୍ଦ୍ର ଦାସ, ବିଶିଷ୍ଟ ଯାଦୁଗର ଆର.କେ ହୀରାଲାଲ,ଲିଙ୍ଗା ଦାସ, କାଶୀ ଦାସ,ଦିଲ୍ଲୀପ ଦାସ, ଶିକ୍ଷାବିତ ବିଦୂଭୂଷଣ ତ୍ରିପାଠୀ, ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସସଂଦ ସଭାପତି ତନ୍ମୟ ମହାପାତ୍ର, ହିମାଂଶୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

ଗୁଆଳିପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାନାନ୍ତରଣ ମାମଲା

ହାଇକୋର୍ଟଙ୍କ ଆଦେଶକୁ ଫୁ' କରିଦେଲେ ତହସିଲଦାର ଓ ଥାନାଧିକାରୀ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଗୁଆଳିପଡ଼ାଠାରେ ଦୀର୍ଘ ୫ବର୍ଷ ଧରି ଚାଲିଆସୁଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ବୋଳକଣାକୁ ସ୍ଥାନାନ୍ତରଣ କରିବା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ବଳବତ୍ତର ଥିବାବେଳେ ସ୍ଥାନୀୟ ତହସିଲଦାର ଓ ଥାନାଧିକାରୀଙ୍କ ମନୋମୁଖୀ କାର୍ଯ୍ୟକଳାପ ତଥା ଅପାରଗତା ଯୋଗୁଁ ସମ୍ପ୍ରତି ଏହି ଆଦେଶର ଅବମାନନା ଓ ଉଲ୍ଲଂଘନ ହୋଇଥିବା ପରିଲକ୍ଷିତ ହୋଇଛି ।ଏଥିପାଇଁ ଏବେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଏହି ଅଧିକାରୀଦ୍ୱୟ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଉଲ୍ଲଂଘନ କରି ଗୁଆଳିପଡ଼ା କଲ୍ୟାଣମଣ୍ଡପଠାରେ ଅସ୍ଥାୟୀ ଭାବେ ଚାଲୁଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ତଥା ଜରୁରୀ କାଗଜପତ୍ରକୁ ବୋଳକଣାକୁ ସ୍ଥାନାନ୍ତର କରିବା ଦିଗରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବାରୁ ଏହା ବିରୁଦ୍ଧରେ ସମ୍ପ୍ରତି ଗ୍ରାମବାସୀମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନନା ମାମଲା ରୁଜୁ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି ।ପ୍ରାପ୍ତ ସୂଚନା ଅନୁଯାୟୀ, ଡେଲାଙ୍ଗ ତହସିଲ୍ ଅନ୍ତର୍ଗତ ବୋଳକଣାଠାରେ ଅବସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହେବାରୁ ଦୀର୍ଘ ୫ବର୍ଷ ଧରି ଗୁଆଳିପଡ଼ାଠାରେ ଅସ୍ଥାୟୀ ଭାବେ ଆରଆଇ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇ ଆସୁଥିଲା ।ତେବେ ଇତିମଧ୍ୟରେ ବୋଳକଣାଠାରେ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବାରୁ ଗତ ଫେବୃଆରୀ ୨୩ ତାରିଖ ଦିନ ଗୁଆଳିପଡ଼ା ଆରଆଇ ଅଫିସରୁ ସମସ୍ତ କାଗଜପତ୍ର ଓ ଆସବାବପତ୍ର ବୋଳକଣାକୁ ସ୍ଥାନାନ୍ତର ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।ଏପରିକି ଗ୍ରାମବାସୀମାନେ ଗୁଆଳିପଡ଼ାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁ ରଖିବା ଦାବିରେ ସ୍ଥାନୀୟ ଆରଆଇଙ୍କୁ ଅଟକ ରଖିଥିଲେ ।ଖବର ପାଇ ଡେଲାଙ୍ଗ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା,ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ଓ ଥାନାଧିକାରୀ ଅନିଲ କୁମାର ମହାନ୍ତି ଗୁଆଳିପଡ଼ାରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ହେଁ ଏଠାରେ ଆରଆଇ ଅଫିସ ଚାଲୁରଖିବାକୁ ନେଇ ଗ୍ରାମବାସୀ ଅଡି ବସିଥିଲେ ।ଅଧିକନ୍ତୁ ଗୁଆଳିପଡ଼ାଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିବା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପିସି ୨୦୮୨/୨୦୧୮, ତା - ୨୧/୦୩/୨୦୧୮ ରିଟ୍ ପିଟିସନ ଆଧାରରେ ଏକ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କରି ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବା ସମ୍ପର୍କିତ ଆଦେଶନାମାଟିକୁ ଆଇନଜୀବୀ ଡ଼ଃ ବସନ୍ତ କୁମାର ଦାଶ ଓ ସମାଜସେବୀ ହରେକୃଷ୍ଣ ସ୍ୱାଇଁ ଉପସ୍ଥିତ ତହସିଲଦାର ଓ ଥାନାଧିକାରୀଙ୍କୁ ଦେଖାଇବା ପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତାଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଗୁଆଳିପଡ଼ାଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପୂର୍ବପରି ଚାଲୁରହିବ ବୋଲି ଏହି ଅଧିକାରୀଦ୍ୱୟ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ।ତେବେ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଫୁ କରିବା ସହ ସ୍ୱଲିଖିତ ପ୍ରତିଶ୍ରୁତିକୁ ଭୁଲିଯାଇ ଏହି ଅଧିକାରୀଦ୍ୱୟ ବୋଳକଣାଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁ ରଖିବା ପାଇଁ ସମସ୍ତ ସହଯୋଗ ଯୋଗାଇଦେଇ ଥିବାରୁ ସମ୍ପ୍ରତି ଗ୍ରାମବାସୀମାନେ ଉଚ୍ଚ ନ୍ୟାୟାଳୟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ସଜବାଜ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି ।ତେବେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେବା ସହ ଅଯଥାରେ ଅଦାଲତ ଫାଶରେ ଛନ୍ଦି ନ ହୋଇ ତୁରନ୍ତ ବୋଳକଣା ପରିବର୍ତ୍ତେ ଗୁଆଳିପଡ଼ାଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁ ରଖିବା ଦିଗରେ ସମସ୍ତ ପ୍ରଶାସନିକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ତହସିଲଦାର ଓ ଥାନାଧିକାରୀ ଯତ୍ନବାନ ହେବା ନିମନ୍ତେ ସାଧାରଣରେ ଦାବି ହେଉଛି ।

ଏନ୍‌ଏସ୍‌ଏସ୍‌ଓ ରିପୋର୍ଟ

ସର୍ବନିମ୍ନ ସ୍ତରରେ ସହରାଞ୍ଚଳ ବେକାରୀ

ନୂଆଦିଲ୍ଲୀ : ଦେଶର ସହରାଞ୍ଚଳରେ ବେକାରୀ ହ୍ରାସ ପାଇଛି । ନ୍ୟାସ୍‌ନାଲ ସାମ୍ପୁଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ) ଜାରି କରିଥିବା ତାହାର ଏକ ରିପୋର୍ଟରେ ଏହା ଉଲ୍ଲେଖ କରିଛି । ଏହି ରିପୋର୍ଟ ଅନୁଯାୟୀ ଦେଶର ସହରାଞ୍ଚଳରେ ବେକାରୀ ହାର ଗତବର୍ଷର ପ୍ରଥମ ତ୍ରୈମାସିକ ତୁଳନାରେ ଚଳିତବର୍ଷର ପ୍ରଥମ ତ୍ରୈମାସରେ ହ୍ରାସ ପାଇଛି । ଯାହାକି ୫ବର୍ଷରେ ସର୍ବନିମ୍ନ ସ୍ତର ବୋଲି ଉଲ୍ଲେଖ କରାଯାଇଛି । ସହରାଞ୍ଚଳରେ ୧୫ବର୍ଷ ଏବଂ ତା'ଠାରୁ ଅଧିକ ବୟସର ବ୍ୟକ୍ତିଙ୍କ ମଧ୍ୟରେ ବେକାରୀ ହାର ୨୦୨୩ ଜାନୁଆରୀ-ମାର୍ଚ୍ଚ ମଧ୍ୟରେ ହ୍ରାସ ପାଇଛି । ଗତବର୍ଷ ଜାନୁଆରୀ-ମାର୍ଚ୍ଚରେ ବେକାରୀ ହାର ୮.୨% ରହିଥିବା ବେଳେ ଚଳିତବର୍ଷ ଏହା ହ୍ରାସ ପାଇ ୬.୮% ପହଞ୍ଚିଛି । ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୨୩ର ପ୍ରଥମ ତ୍ରୈମାସିକରେ ପୁରୁଷ ବେକାରୀ ହାରରେ ହ୍ରାସ ଘଟିଛି । ଗତବର୍ଷ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଏହି ହାର ୭.୭% ରହିଥିବା ବେଳେ ୨୦୨୩ ପ୍ରଥମ ତ୍ରୈମାସିକରେ ଏହି ହାର ୬% ହୋଇଛି । ଅକ୍ଟୋବର-ଡିସେମ୍ବର ୨୦୨୨ର ତଥ୍ୟ ଅନୁଯାୟୀ ୬.୫% ଏବଂ ଜୁଲାଇ-ସେପ୍ଟେମ୍ବର ୨୦୨୨ରେ ଏହି ହାର ୬.୬% ଥିଲା । ୨୦୨୨ର ଦ୍ୱିତୀୟ ତ୍ରୈମାସିକରେ ସଂଖ୍ୟା ହ୍ରାସ ପାଇ ୭.୧% ହୋଇଥିଲା । ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ସହରାଞ୍ଚଳରେ ମହିଳାଙ୍କ ମଧ୍ୟରେ ମଧ୍ୟ ବେକାରୀ ହାର ହ୍ରାସ ପାଇବାରେ ଲାଗିଛି । ୨୦୨୨ର ପ୍ରଥମ ତ୍ରୈମାସିକରେ ମହିଳା ବେକାରୀଙ୍କ ସଂଖ୍ୟା ୧୦.୧% ଥିବାବେଳେ ୨୦୨୩ ପ୍ରଥମ ତ୍ରୈମାସିକରେ ତାହା ହ୍ରାସ ପାଇଁ ୯.୨% ହୋଇଛି । ସେହିପରି ୨୦୨୨ର ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଏହି ବେକାରୀ ହାର ୯.୬% ରହିଥିବା ବେଳେ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୯.୪% ଏବଂ ଏପ୍ରିଲରୁ ଜୁନ୍ ୨୦୨୨ରେ ୯.୫% ରହିଥିଲା ।

ମେଧା ପ୍ରତିଭା ସମ୍ମାନ ଉତ୍ସବ

କୋରେଇ, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଦଶମ ପରୀକ୍ଷା ରେ ଏ ଗ୍ରେଡ଼ ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଙ୍କ ଉଦେଶ୍ୟ ରେ ଏକ ମେଧା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ର ଆୟୋଜନ ଗୋରପୁର ଗ୍ରାମପଞ୍ଚାୟତ ରେ ପ୍ରଥମ କରି ହୋଇ ଯାଇଛି ।ଆଜି ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ରଙ୍କ ନେତୃତ୍ୱ ରେ ପୂର୍ବତନ କୋରେଇ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଭିକାରି ଚରଣ ବରାଳଙ୍କ ସଭାପତିତ୍ୱ ରେ ଏକ ସଭାର ଆୟୋଜିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ବ୍ୟାସନଗର ରାଜସ୍ୱ କମିଶନର ଅକ୍ଷୟ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ କୋରେଇ ମଣ୍ଡଳ ଉର୍ଣ୍ଣୟନ ଅଧିକାରୀ ରଞ୍ଜନ କୁମାର ପରିଡା ଓ ଅନ୍ୟତମ ଅତିଥି ଭାବେ କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଯୋଗ ଦେଇଥିଲେ,ମୂଖ୍ୟ ଅତିଥି ଶ୍ରୀ ମାଲିକ ପିଲାମାନଙ୍କୁ କହିଥଲେ ପିଲାମାନେ ସ୍ୱପ୍ନ ଦେଖ, ଯେଉଁ ସ୍ୱପ୍ନ ତମକୁ ଶୁଆଇ ଦେବ ନାହିଁ ।ସମ୍ମାନିତ ଅତିଥି ଶ୍ରୀ ପରିଡା ପିଲା ମାନଙ୍କର ଜୀବନ ର ଲକ୍ଷ ପୂରଣ କରିବା ପାଇଁ ଅବିଭାବକ ଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ବୋଲି ତାଙ୍କ ଅଭଭାଷଣ ରେ କହିଥିଲେ । ପରେ ପରେ ଅତିଥି ମାନେ ପଞ୍ଚାୟତ ର ପ୍ରଭାକର ମିଶ୍ର ଉଚ୍ଚ ବିଦ୍ୟାଳୟ ଓ କୁନ୍ତଳା କୁମାରୀ ଉଚ୍ଚ ବିଦ୍ୟାପୀଠ ର ଚଳିତ ଦଶମ ବୋର୍ଡ ପରୀକ୍ଷା ରେ ଏ୨, ଏ୧ ଗ୍ରେଡ଼ ପାଇଥବା ୧୮ ଜଣ ପିଲା ଏବଂ ସେମାନଙ୍କର ଅଭିଭାବକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ ଉଭୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କୁ ମାନପତ୍ର ଓ ଅପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।ଏପରି ଏକ ପଞ୍ଚାୟତ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବାଭଳି ଅଭିନ୍ନ ପ୍ରୟାସ ପାଇଁ ସମସ୍ତ ଅତିଥି ମାନେ ସରପଞ୍ଚ ଙ୍କୁ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଇଥିଲେ ।ଏହି କାର୍ଯ୍ୟକ୍ରମ ରେ କୋରେଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଅନୁପସ୍ଥିତ ଥିଲେ ମଧ୍ୟ ପଞ୍ଚାୟତ ର କୃତି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ,ଗୌରପୁର ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଅଭିରାମ ବାରିକ, ପୂର୍ବତନ ସମିତିସଭ୍ୟ ପୂର୍ଣଚନ୍ଦ୍ର ମହାପାତ୍ର,ନକୁଳ ପଣ୍ଡା, ହରେକୃଷ୍ଣ ସାହୁ, ଧରଣୀଧର ଘଡାଇ, କୀର୍ତ୍ତନ ରାଉତ, ସଂକର୍ଷଣ ଦାସ, ଅଭୟ ସ୍ୱାଇଁ , ନାରାୟଣ କର, ପ୍ରତାପ ସାହୁ, ପ୍ରଦୀପ ସାହୁ, ଉମାକାନ୍ତ ସାହୁ, ଭକ୍ତ ସାହୁ ସମେତ ପଞ୍ଚାୟତ ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

ଆମକୁ ଖାଦ୍ୟ ଦରକାର- ତମାଖୁ ନୁହେଁ
(ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ବିଜେଇଏମ ସ୍କୁଲ ଭୁବନେଶ୍ୱରର ଛାତ୍ରୀ ଶ୍ରୀଷ୍ଟି ସରନ୍ୟାଙ୍କ ଚିତ୍ର)

ଡକାୟତି ଯୋଜନା ପଣ୍ଡ, ୨ ଗିରଫ

ଗୋପ, (ଭାସ୍କର ନ୍ୟୁଜ୍): ଗତ ସୋମବାର ବିଳମ୍ବିତ ରାତ୍ରିରେ ନାଗପୁର-ନୟାହାଟ ରାସ୍ତାର ଚେଙ୍ଗେଇଲ ବ୍ରିଜ ତଳେ ଡକାୟତି ଯୋଜନା କରୁଥିବା ସମୟରେ ଗୋପ ପୋଲିସ ହାତରେ ଧରାପଡି ୨ ଡକାୟତ ଜେଲ ଯାଇଛନ୍ତି । ସେମାନେ ହେଲା ଗୋପ ଥାନା ଅଧିନ ସାଇଁସାଇଁ ଗ୍ରାମର ରାକେଶ ବାରିକ ଏବଂ ନୟାହାଟ ପାଣ୍ଡି ଅଧିନ ଚଢେଇଖିଆ ଗ୍ରାମର ତାଲିମ ଖାଁ ଓରଫ ଇସମାଇଲ । ଗତ କାଲି ଗୋପ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ସଦଳବଳେ ପ୍ରେଟୋଲିଂ କରୁଥିବା ସମୟରେ ୫/୬ ଜଣ ଚେଙ୍ଗେଇଲ ବ୍ରିଜ ତଳେ ଡକାୟତି ଯୋଜନା କରୁଥରବାର କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢାଉ କରିଥିଲେ । ଚଢାଉ ସମୟରେ ଏହି ଦୁଇ ଡକାୟତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥରବା ବେଳେ ଅନ୍ୟମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥରଲେ । ସେମାନଙ୍କ ନିକଟରୁ ଖଣ୍ଡା, ଭୂଜାଲି, ରଡ ଆଦି ବିଭିନ୍ନ ପ୍ରକାରର ମାରଣାସ୍ତ୍ର ପୋଲିସ ଜବତ କରିଛନ୍ତି । ସେମାନଙ୍କ ନାମରେ ଗୋପ, କୋଣାର୍କ , କାକଟପୁର, ନିମାପଡା ଆଦି ବିଭିନ୍ନ ଥାନାରେ ୨୦ରୁ ଉର୍ଦ୍ଧ୍ୱ ମାମଲା ଥିବା ଥାନା ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି ।

୫୦ ହଜାର ଜରିମାନା, ହାଇୱା ଜବତ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ବାଲିପାଟଣା ତହସିଲ୍ ପକ୍ଷରୁ ଚଢ଼ାଉ କରାଯାଇ ତିନି ହାଇୱା ଜବତ କରାଯିବା ସହିତ ୫୦ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିବା ତହସିଲ୍‌ରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ଦିନ ପ୍ରାୟ ୧୨.୩୦ ସମୟରେ ବାଲିପାଟଣା କଲେଜ ଛକ ଠାରେ ଏକ ଓଭର୍ ଲୋଡିଂ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ବାଲିପାଟଣା ଅତିରିକ୍ତ ତହସିଲ୍‌ଦାର ପର୍ଶୁରାମ ମଲ୍ଲିକ୍ ଚଢାଉ କରି ଉକ୍ତ ବାଲି ବୋଝେଇ ହାଇୱା କୁ ଜବତ କରି ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରିଥିଲେ । ଅନୁରୂପ ଭାବେ ଆଜି ତହସିଲ୍ ? ପାଖ ଦେଇ ଦୁଇ ବାଲି ବୋଝେଇ ହାଇୱା ଓଭର୍ ଲୋଡିଂ ସହିତ ଦ୍ରୁତ ଗତି ରେ ଯାଉଥିବା ବେଳେ ତହସିଲ୍ ?ଦାର ବୁଲ୍ ବୁଲ୍ ବେହେରା ଦୁଇ ହାଇୱା କୁ ଜବତ କରି ଜଣଙ୍କ ଠାରୁ ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରିବା ସହିତ ଅନ୍ୟ ଏକ ହାଇୱା କୁ ବାଲିପାଟଣା ଥାନା ଜିମା ଦେଇଥିବା ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ମଲ୍ଲିକ୍ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ବାଲିପାଟଣା ରାସ୍ତା ଦେଇ ବହୁ ବାଲି ବୋଝେଇ ହାଇୱା ଦ୍ରୁତ ଗତିରେ ଯିବା ଆସିବା କରି ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ତହସିଲ୍ ରେ ଅଭିଯୋଗ ହେଉଥିବା ରୁ ଆଜି ଏଭଳି ଚଢାଉ କରାଯାଇଛି ।

ଆରସିଇଏମ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମଞ୍ଚେଶ୍ୱରସ୍ଥିତ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ଉପାଧ୍ୟକ୍ଷ ଅଶୋକ କୁମାର ବେହେରା, ସମ୍ମାନିତ ଅତିଥିଭାବେ ବିପିୟୁଟିର ଡିନ୍ ପ୍ରଫେସର ଏସ.ଆର.ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କଲେଜର ନିର୍ଦ୍ଦେଶକ (ଏକାଡେମୀ) ପ୍ରଫେସର ନିର୍ମଳ ଚନ୍ଦ୍ର କର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡକ୍ଟର ତପନ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଜୀବନ ପରିବର୍ତ୍ତନ ଶୈଳୀର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଂପାଦକ ଏସ.କେ.ସାମଲ ଅତିଥିମାନଙ୍କୁ ସ୍ମୃତିଫଳକ ପ୍ରଦାନ କରିଥିଲେ । ଶେଷରେ ଡିନ୍ ଡକ୍ଟର ମାନସ ରଞ୍ଜନ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଡକ୍ଟର ଅମ୍ରିତା ରାଉତ, ବିଭୂପ୍ରସାଦ ମିଶ୍ର, ପ୍ରଜ୍ଞା ପାରମିତା, ସସ୍ମିତା ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ଭୀମପଡା ଠାରୁ ଯାଇଥିବା ମାଳିସାହି ଗ୍ରାମ ସ୍ଥିତ ନାଳପୋଲଟି ସାଜିଛି ମରଣଯନ୍ତା। ୫୭ ନମ୍ବର ଖୋର୍ଦ୍ଧା -ବଲାଙ୍ଗୀର ଜାତୀୟରାଜପଥ ଭୀମପଡା ଠାରୁ ମାଳିସାହି ଦେଇ ନୟାଗଡ଼ ଜିଲ୍ଲା ଖଣ୍ଡପଡାକୁ ସଂଯୋଗ କରୁଅଛି। ଏହି ରାସ୍ତାଟି ରାଜଧାନୀଠାରୁ ଯାତାୟାତ ଗାଡିଗୁଡିକ କମକିଲୋମିଟର ହୋଇଥିବାରୁ ମୁଖ୍ୟରାସ୍ତା ପାଲଟି ଅଛି। ଏହି ରାସ୍ତାରେ ପ୍ରତିଦିନ ଶହଶହ ଯାତ୍ରୀବାହିଗାଡି, ମାଲବୋଝେଇ ଟ୍ରକ, ବାଇକ ଆରୋହୀ ଓ ରୋଗୀବୁହା ଗାଡି ଯାତାୟତ କରୁଅଛି। ଏହା ମୁଖ୍ୟରାସ୍ତା ପାଲଟିଥିବାବେଳେ ଏହି ରାସ୍ତାପ୍ରତି କାହାର ଦୃଷ୍ଟି ପଡୁନାହିଁ। ୨ବର୍ଷତଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ରାସ୍ତାନିର୍ମାଣ କରାଯାଇଥିଲେ ମଧ୍ୟ ବହୁଜାଗାରେ ପିଚୁ ଉଠି ଖାଲଢିପ ସୃଷ୍ଟି ହୋଇଅଛି କ୍ଷ ଫିରିଫିରା କୁକୁଡ଼ାଫାର୍ମ ଠାରୁ ପୋଖରୀପର୍ଯ୍ୟନ୍ତ, ମାଳିସାହି ଗାଁ 'ମୁଣ୍ଡଠାରୁ ଶିବମନ୍ଦିର ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷାଦିନେ ରାସ୍ତାରେ ପାଣି ଜମୁଅଛି। ରେଲୁୱେ ଓଭର ବ୍ରିଜଠାରୁ ଭୀମପଡା ଗାଁ ମୁଣ୍ଡ ପର୍ଯ୍ୟନ୍ତ ପିଚୁଉଠିବାରୁ ଖାଲଢିପ ସୃଷ୍ଟି ହୋଇଅଛି କ୍ଷ ଖାଲ ସୃଷ୍ଟି ହୋଇଥିବାବେଳେ ମୁକୁଳା ନାଳପୋଲ ସାଜିଛି ବିପଦ। ନାଳଟି ବହୁପୁରାତନ ହୋଇଥିବାରୁ ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନାହିଁ। ଫଳରେ ରାତି ଅନ୍ଧାରରେ ବହୁ ଯାନବାହାନ ଦୁର୍ଘଟଣା ଘଟୁଛି। ନୂତନ ରାସ୍ତା ନିର୍ମାଣରେ ଏହି ପୋଲଟି ପୁନଃରୁଦ୍ଧାର ନକରିବା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପୋଲଟି ପୁନଃରୁଦ୍ଧାର କରିବା ପାଇଁ ଦାବି ହେଉଛି।

କାଳବୈଶାଖୀ: ବଜ୍ରପାତରେ ୧୯ ଗୋରୁ ମୃତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): କାଳବୈଶାଖୀ ପ୍ରଭାବରୁ କନ୍ଧମାଳ ଓ ଗଞ୍ଜାମ ସୀମାନ୍ତ ବର୍ତ୍ତି ଇଲାକାର ବିଭିନ୍ନ ଗ୍ରାମରେ ମଙ୍ଗଳବାର ପ୍ରବଳ ଝଡ ତୋଫାନ ସୃଷ୍ଟି ହୋଇଥିବା ବେଳେ ଏଥିରେ ବିଭିନ୍ନ ଗ୍ରାମରେ ବହୁ କ୍ଷୟକ୍ଷତି ଘଟିଥିବା ନେଇ ସୂଚନା ମିଳିଛି। ଭଞ୍ଜନଗର ବ୍ଲକର ହରିଗଡ ପଞ୍ଚାୟତର ବଦାଙ୍ଗୀ ଗ୍ରାମରେ ମଙ୍ଗଳବାର ବ୍ୟାପକ କ୍ଷୟକ୍ଷତି ଘଟିଛି। ମଙ୍ଗଳବାର ଅପରାହ୍ନ ୪ଟା ବେଳେ ହଠାତ୍ ପାଗରେ ପରିବର୍ତ୍ତନ ଘଟିବା ସହ କାଳବୈଶାଖୀ ପ୍ରଭାବରୁ ପ୍ରବଳ ଝଡ ତୋଫାନ ସୃଷ୍ଟି ହୋଇଥିଲା। ଫଳରେ ଗ୍ରାମର ଅଧିକାଂଶ ଚାଳ ଘରର ଛପର ଉଡି ଯାଇଥିବା ବେଳେ ବହୁ ଘରର ଟିଣ ମଧ୍ୟ ଉଡି ଯାଇଛି। ସେହିପରି ବଜ୍ରାଘାତରେ ବଦାଙ୍ଗୀ ଗ୍ରାମର ୧୯ ଟି ଗାଈଗୋରୁଙ୍କ ମୃତ୍ୟୁ ଘଟିଛି। ଗ୍ରାମ ଦେଇ ବହି ଯାଇଥିବା ବଡ ନଦୀ ଓ ବଦାଙ୍ଗୀ ନାଳର ମିଳନ ସ୍ଥଳରେ ଥିବା ଏକ ଆମ୍ବ ତୋଟା ରେ ଗ୍ରାମର ଗାଈ ଗୋରୁ ଆଦି ଚରୁଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା। ଆଉ ଏକ ଆମ୍ବ ଗଛ ତଳେ ରହିଥିବା ସମସ୍ତ ୧୯ ଗୋଟି ଗାଈ ଗୋରୁ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। କାଳବୈଶାଖୀ ପ୍ରଭାବ କମିବା ପରେ କିଛି ଲୋକ ନଦୀ ହିତ ଆମ୍ବ ତୋଟା ରେ ଗାଈଗୋରୁ ମରି ପଡିଥିବା ଦେଖି ଗ୍ରାମରେ ଖବର ଦେଇଥିଲେ। ଖବର ପାଇ ଗ୍ରାମବାସୀ ମାନେ ଘଟଣାସ୍ଥଳକୁ ଯାଇ ନିଜ ନିଜର ମରି ପଡିଥିବା ଗାଈ ଗୋରୁ ଙ୍କୁ ଚିହ୍ନଟ କରିଥିଲେ। ଗ୍ରାମର ମନୋଜ ବେହେରାଙ୍କ ସୂଚନା ପ୍ରକାରେ ବଜ୍ରାଘାତରେ ଗାଈଗୋରୁଙ୍କ ମୃତ୍ୟୁ ଖବର ଶୁଣି ସେ ଘଟଣାସ୍ଥଳକୁ ଯାଇ ଦେଖିବା ବେଳକୁ ତାଙ୍କର ଗୋଟିଏ ଗାଈ ସେଠାରେ ମରି ପଡିଥିବାର ସେ ଦେଖିବାକୁ ପାଇଥିଲେ। ଏଥିସହ ଗ୍ରାମର ଅନ୍ୟ କିଛି ଲୋକଙ୍କ ଗାଈ ଗୋରୁ ମରିଥିବା ବେଳେ ଖବର ଲେଖାଯିବା ସୁଦ୍ଧା ଅନ୍ୟ କାହାର ନାମ ଜଣାପଡ଼ିନାହିଁ। ଏବେ ଲଗାତର ୩ ଦିନ ଧରି ଅପରାହ୍ନ ରେ କାଳବୈଶାଖୀ ପ୍ରଭାବରୁ ବଜ୍ରାଘାତ ହେଉଛି। ଆଗକୁ ମଧ୍ୟ ଏଭଳି କାଳବୈଶାଖୀ ପ୍ରଭାବରୁ ବଜ୍ରାଘାତ ହେବା ସମ୍ଭାବନା ଥିବାରୁ ଲୋକମାନେ ଏହି ସମୟରେ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପାରିବାରିକ କଳହର କରୁଣ ପରିଣତି

ସ୍ତ୍ରୀଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କଲା ସ୍ୱାମୀ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଥାନା ନିକଟ ମୁଲଣା ସାହିର ଭାସ୍କର ସାମଲ ସୋମବାର ବିଳମ୍ବିତ ରାତିରେ ନିଜ ସ୍ତ୍ରୀ ସସ୍ମିତାଙ୍କୁ ଗଳା କାଟି ହତ୍ୟା କରିଛନ୍ତି। ଏହାପରେ ନିଜେ ଘର ପାଖ ବିଲକୁ ଯାଇ ସେଠାରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଭୋରରୁ ଗାଁ ଲୋକେ ପଦାକୁ ଉଠିବା ପରେ ଗଛରେ ଭାସ୍କରଙ୍କର ମୃତଦେହ ଝୁଲୁଥିବା ଦେଖି ତାଙ୍କ ଘରକୁ ଖବର ଦେଇ ଥିଲେ। ଘର ପାଖକୁ ଆସି ଦେଖନ୍ତି ଯେ, ଭାସ୍କରଙ୍କ ପତ୍ନୀ ସସ୍ମିତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଛି। ସସ୍ମିତାଙ୍କ ବେକ ଧାରୁଆ ଅସ୍ତ୍ରରେ କଟା ହୋଇଛି। ଛାତି ଓ ହାତରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ମିଳିଥିଲା। ମୃତଦେହ ପାଖରେ ରକ୍ତଲଗା ଏକ ଧାରୁଆ ଅସ୍ତ୍ର ପଡ଼ିଥିବା ଦେଖାଯାଇଥିଲା। ଏଥିରୁ ଅନୁମାନ କରାଯାଇଥିଲା ଯେ ସସ୍ମିତାଙ୍କୁ ହତ୍ୟାକରାଯାଇଛି। ଏତିକିବେଳେ ଭାସ୍କରଙ୍କ ଫେସବୁକ୍ ବନ୍ଧୁମାନେ ଘଟଣା ସଂପର୍କରେ ଅଧିକ ତଥ୍ୟ ପାଇ ଥିଲେ। ରାତିରେ ପ୍ରାୟ ୩ଟାରୁ ସାଢ଼େ ୩ଟା ଭିତରେ ଭାସ୍କର ଫେସବୁକରେ ନିଜର ଭିଡିଓ ଲାଇଭ୍ କରିଛନ୍ତି। ଏଥିରେ ସେ ଗୋଟିଏ ରଶି ଧରି ଗଛ ଉପରେ ଚଢ଼ିଥିବା ଦେଖିବାକୁ ମିଳିଥିଲା। ସେହି ଭିଡିଓରେ ସେ ଅନେକ କଥା କହୁଥିଲେ। ଆଉ ଘରେ ତାଙ୍କ ସ୍ତ୍ରୀଙ୍କୁ ମାରି ଦେଇ ଆସିଥିବା ମଧ୍ୟ କହିଥିଲେ। ସେ ବଞ୍ଚିବାକୁ ଇଚ୍ଛା ରଖିନାହାନ୍ତି। ତାଙ୍କ ପିଲାର ଦାୟିତ୍ୱ ଜଣେ ସଂପର୍କୀୟଙ୍କୁ ଦେଉଥିବା ଏଥିରେ ସେ କହିଛନ୍ତି। ଭାସ୍କରଙ୍କ ଏହି ଲାଇଭ୍ ଭିଡିଓରୁ ଲୋକେ ଅନୁମାନ କରୁଛନ୍ତି ଯେ, ପତ୍ନୀ ସସ୍ମିତାଙ୍କୁ ସେ ହତ୍ୟା କରିବା ପରେ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି।ଏନେଇ ଖବର ମିଳିବା ପରେ ଧାମନଗର ଥାନା ଅଧିକାରୀ ବନ ମାଳୀ ବାରିକ ଓ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣା ର ତଦନ୍ତ କରିବା ପରେ ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏହାସହ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଏହାସହ ମୃତା ସସ୍ମିତାର ବାପା ଓ ଭାସ୍କରର ଭାଇଙ୍କ ଲିଖିତ ଅଭିଯୋଗ କ୍ରମେ କେଶ ନଂ ୨୭୧/୨୩ରେ ମଧ୍ୟ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିଭିନ୍ନ କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ମନୋମାଳିନ୍ୟ ଥିଲା। ଗତ କିଛିଦିନ ତଳେ ଥାନାରେ ଭଦ୍ରଲୋକ ମାନଙ୍କ ମାଧ୍ୟମରେ ସମାଧାନ ମଧ୍ୟ ହୋଇଥିଲା।ତେବେ ଏହି ଦୁଃଖଦ ଘଟଣା କୁ ନେଇ ସ୍ଥାନୀୟ ଅଞ୍ଚଳ ଶୋକ ର ଛାୟା ଖେଳି ଯାଇଛି। ତେବେ ଭାସ୍କରର ଦୁଇ ପୁତ୍ର ରାକେଶ ସାମଲ (୧୬) ଓ ରମେଶ ସାମଲ (୧୩) ଏବେ ଅନାଥ ହୋଇ ଗଲେ। ତେବେ ଭାସ୍କରଙ୍କ ମୃତ୍ୟୁ ପୂର୍ବ ଫେସବୁକ ଲାଇଭରେ ପୋଲିସ, ରାଜନେତା ଓ ସାମ୍ବାଦିକଙ୍କ ନାମକୁ ଉଚ୍ଚାରଣ କରିଥିବା ଜଣାପଡ଼ିଛି। ତଦନ୍ତ କଲେ ଅନେକ ରହସ୍ୟ ପଦାକୁ ଆସି ପାରିବ।

ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସଦର ରେଞ୍ଜ ଅନ୍ତର୍ଗତ ଦିନବନ୍ଧୁପୁର ତଟକା କାଜୁ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁଘଟିଥିବାର ଜଣାଯାଇଛି । ସଦର ଥାନା ଅନ୍ତର୍ଗତ ଦିନବନ୍ଧୁପରୁ ତଟକା ଗ୍ରାମର ବିକଳ ସାହୁ (୭୦) ଗ୍ରାମ ପାଖରେ ଥିବା ତଟକା କାଜୁ ବଗିଚାକୁ ଜଗିବାକୁ ଯାଇ ଆଉ ଫେରିନଥିଲେ। ପରିବାର ଲୋକ ଓ ଗ୍ରାମବାସୀ ସୋମବାର ରାତିରେ ତାଙ୍କୁ ଖୋଜାଖୋଜି କରିଥଲେ । ପରେ ବିଳମ୍ବିତ ରାତିରେ କାଜୁ ବଗିଚାରୁ ବିକଳ ସାହୁଙ୍କ ମୃତ ଦେହକୁ ଠାବ କରିଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ହାତୀ ତାଙ୍କୁ ପାଦରେ ଦଳି ମାରିଥିବାର ଅନୁମାନ କରାଯାଉଛି । ଖବର ପାଇ ସଦର ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ନେଇ ତଦନ୍ତ କରୁଥିବା ଜଣାପଡିଛି।

ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମର୍ସ ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଜଣଙ୍କ ଢେଙ୍କାନାଳ କଲେଜର ଯୁକ୍ତ ଦୁଇ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଶୁଭ୍ରାଂଶୁ ପଣ୍ଡା କଟକ ଜିଲା ତିଗିରିଆର ସୁନିଲ ପଣ୍ଡାଙ୍କ ପୁଅ ବୋଲି ଜଣାପଡିଛି। ସେ କୁଞ୍ଜକାନ୍ତ ଅଞ୍ଚଳର ଏକ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଥିବାରୁ ସେହି କୋଚିଂ ସେଣ୍ଟରର ହଷ୍ଟେଲରେ ରହୁଥିଲେ। ଗତ କାଲି ରାତି ପ୍ରାୟ ସାଢେ ଗୋଟାଏ ସମୟରେ ତାଙ୍କ ମୃତଦେହ ତାଙ୍କ ରୁମ୍‌ର ଫ୍ୟାନରେ ବେଡ୍‌ସିଟ୍ ବେକରେ ବନ୍ଦାହୋଇ ଝୁଲୁଥିବା ଅବସ୍ଥାରେ ଦେଖି ହଷ୍ଟେଲର ଅନ୍ୟ ପିଲାମାନେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ପରେ ତାଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ତାଙ୍କ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚି ମୃତ୍ୟୁର ରହସ୍ୟ କ'ଣ ଜାଣିବାକୁ ତଦନ୍ତ ପାଇଁ ପୁଲିସ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ସେଠାରେ ଟାଉନ୍ ଥାନା ପୁଲିସ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର, (ଭାସ୍କର ନ୍ୟୁଜ୍): ତଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କେରୁଆପାଳଗାଁର ରାଧାଶ୍ୟାମ ମଣ୍ଡଳଙ୍କ ପୁଅ ତପନ ମଣ୍ଡଳ ୩ ମାସ ତଳେ ଭଦ୍ରକ ଜିଲ୍ଲାରୁ ଜଣେ ନାବାଳିକାଙ୍କୁ ଆପହରଣ କରିନେଇ ଆସିଥିଲେ। ଭଦ୍ରକରୁ ଅପହରଣ କରି ତପନ ମଣ୍ଡଳ ନାବାଳିକାକୁ ନେଇ ବେଙ୍ଗଲ ଚାଲି ଯାଇଥିଲେ ସେଠାରୁ ୨ଦିନ ତଳେ ଗାଁ କୁ ଆସିଥିଲେ। ଖବର ପାଇ ଭଦ୍ରକ ଜିଲ୍ଲାର ପୁଲିସ୍ କାଲି ତାଳଚୁଆ ଅଂଚଳରେ ପହଞ୍ଚି ତାଳୁଆ ପୋଲିସ ସାହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ନାବାଳିକା ଙ୍କୁ ଅପହରଣ କରିଥିବା ତପନ କୁ ଗିରଫ କରି ଭଦ୍ରକ ପୁଲିସ ନେଇଯାଇଥିବା ତାଳଚୁଆ ଫପୁଲିସ୍ ସୂତ୍ରରୁ ଜଣାପଡିଛି।

ପୂର୍ବ ଶତ୍ରୁତାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡୋଶୀକୁ ଖଣ୍ଡାରେ ଆକ୍ରମଣ କରି ଗୁରତର କରିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରାଯାଇ ଥିବା ବାଲିପାଟଣା ଥାନାରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ରାଜସ ଗ୍ରାମ ପଞ୍ଚାୟତର ବାରହଳ ଗ୍ରାମର ଅମିରୁନ୍ ବିବି ଦିନ ୧ ଟାରେ ରୋଷେଇ କରୁଥିବା ସମୟରେ ତାଙ୍କ ପଡୋଶୀ ମମ ତାଜ ବିବି (୫୦) ତାଙ୍କ ଘର ବାରିପଟକୁ ଅମିରୁନ୍‌ଙ୍କ କାନ୍ଥ ମାଡ଼ିବା ନେଇ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଅମିରୁନ୍‌ଙ୍କ ପୁଅ ବାବୁ ଖାଁ (୨୭) ଆସିଯିବାରୁ ମମ ତାଜ ବିବି, ସ୍ୱାମି କଲିମ୍ ଖାଁ, ଝିଅ ରାନି ବେଗମ୍ ବାବୁକୁ ଧରିପକାଇ ଥିଲେ । ଏହି ସମୟରେ କଲିମ୍ ଖାଁଙ୍କ ପୁଅ ଅଜୁଲ୍ ରେହେମାନ୍ ଓରଫ୍ ଲାଡେନ୍ ଖାଁ (୨୫) ଏକ ଧାରୁଆ ଖଣ୍ଡା ସାହାଯ୍ୟରେ ବାବୁ ଖାଁର ଡାହାଣ ହାତକୁ ହାଣି ଗୁରୁତର କରି ଉକ୍ତ ସ୍ଥାନ ଛାଡି ଚାଲିଯାଇ ଏକ ପୋଲ ତଳେ ଆତ୍ମଗୋପନ କରିଥିଲା। ଗୁରୁତର ବାବୁକୁ ପରିବାର ଲୋକେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ହସ୍ପିଟାଲ୍ କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବାବୁ ଖାଁଙ୍କ ମା ଅମିରୁନ୍ ବିବିଙ୍କ ଅଭିଯୋଗ ପରେ ଆତ୍ମଗୋପନ କରିଥିବା ଲାଡେନ୍‌କୁ ବାଲିପାଟଣା ଥାନା ସବ୍ ଇନ୍ସପେକ୍ଟର ରାକେଶ ସାମଲ ଗିରଫ କରି ଥାନାକୁ ଆଣିଥିବା ସୂଚନା ମିଳିଛି। ଆସନ୍ତା କାଲି ଆକ୍ରମଣକାରୀ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା।

ବେଆଇନ୍ କୋଇଲା ଗାଡ଼ି ଜବତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର କହରାପୋଖରୀ ନିକଟରୁ ଏକ ବେଆଇନ କୋଇଲା ବୋଝେଇ ଟ୍ରକକୁ ଭଣ୍ଡାରିପୋଖରୀ ପୋଲିସ ସୋମବାର ରାତିରେ ଜବତ କରିଥିବା ଜଣାଯାଇଛି। ଓଡି ୨୨ ୟୁ ୭୪୧୫ନଂ ଆଇଚର ଟ୍ରକରେ ଭଦ୍ରକ ରାହାଞ୍ଚରୁ ବେଆଇନ କୋଇଲା ବୋଝେଇ କରି କଟକ ଆଡକୁ ଯାଉଥିବା ବେଳେ ପୁଲିସ ସୂଚନା ପାଇ ଜବତ କରିଛି। ଏଥିନେଇ ଥାନାରେ ୧୬୦ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ପ୍ରେମିକ ଘରେ ପ୍ରେମିକାକୁ ହତ୍ୟା ଉଦ୍ୟମ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଜଶିପୁର ଥାନା ଅନ୍ତର୍ଗତ ଘୋଡାପୋଲସା ଗ୍ରାମର ଆଶିଷ ମହାନ୍ତ ନାମକ ଜୈନେକ ଯୁବକ ଜଣକ ସେହି ଗ୍ରାମରେ ନିଜ ପ୍ରେମିକାକୁ ଘରେ କେହି ନ ଥିବା କହି ନିଜ ଘରକୁ ଡାକିନେଇ ପରିବାର ସହିତ ମିଶି ମାରଣାନ୍ତକ ଆକ୍ରମଣ କରିଥିବା ଜଣାଯାଇଛି। ସୂଚନା ଅନୁସାରେ, ନିକଟସ୍ଥ ବିଶିଦା ଗ୍ରାମର ନିଦ୍ରା ପିଙ୍ଗୁଆକୁ ଦୀର୍ଘ ଦିନରୁ ପ୍ରେମ କରି ଆସୁଥିଲେ ଆଶିଷ। ତେବେ ସୋମବାର ସନ୍ଧ୍ୟା ୭ ଘଟିକା ସମୟରେ ନିଜ ଘରେ କେହି ନ ଥିବା କହି ଡାକି ନେଇ ପରିବାର ସହିତ ମିଶି ନିଷ୍ଠୁକ ମାଡ଼ ମାରିବା ସହିତ ଗୋଡ଼ ଏବଂ ହାତକୁ ମାରି ଜଖମ କରି ମୁର୍ମୂଷ ଅବସ୍ଥାରେ ଛାଡି ଦେଇଥିଲେ। ତେବେ ସେଠାରୁ ନିଜ ଜୀବନ ବଞ୍ଚାଇ ନିକଟସ୍ଥ ଘରକୁ ଆସି ପରିବାରଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରୁ ତାଙ୍କୁ ମୁର୍ମୂଷ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ବି ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଆଣି ଚିକିତ୍ସା କରୁଛନ୍ତି ପରିବାର ଲୋକେ। ଏହି ଘଟଣାର ଲିଖିତ ଅଭିଯୋଗ ଜଶିପୁର ଥାନା ଅଧିକାରୀ ପାଇବା ପରେ ୧୪୨/୨୩ରେ ଏକ ମାମଲା ରୁଜୁ କରି ପ୍ରେମିକର ବାପାକୁ ଅଟକ ରଖି ଅଧିକ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି ଯଶିପୁର ପୋଲିସ।

ବୋତାଖାଲ-ସିଠାଳୋ ରାସ୍ତା ମରାମତି ଦାବି

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦ୍ୱୀପାଞ୍ଚଳ ଦେଇ ଯାଇଥିବା ଅଡଶପୁର ବଛସାଇଲୋ ରାସ୍ତାର ବୋତାଖାଲ ଛକ ଠାରୁ ସିଠାଳୋ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। କସରଦା ଛକ,ବୋତାଖାଲ ଛକ, ସିଠାଳୋ ଷ୍ଟେଟ ବ୍ୟାଙ୍କ ସାମ୍ନା ବରିଷଣ ଛକ ଓ ରାସ୍ତାରେ ଥିବା ବଙ୍କାଣି ମାନଙ୍କରେ ବଡ ବଡ ଗର୍ତ୍ତ ମାନ ସୃଷ୍ଟି ହୋଇଛି। ଅଦିନିଆ ବର୍ଷାରେ ଖାଲ ଖମା ମାନଙ୍କରେ ପାଣି ଠିଆ ହୋଇ ରହୁଛି। ଏହି ରାସ୍ତାଦେଇ ପ୍ରତ୍ୟହ ଶହ ଶହ ସଂଖ୍ୟାରେ ଯାନ ବାହନ ଯାତାୟତ କରିଥାନ୍ତି। ଭାରିଯାନ ଯାତାୟତ ଫଳରେ ଅଧିକ ଗର୍ତ୍ତ ହେବାରେ ଲାଗିଛି। ଫଳରେ ପ୍ରତ୍ୟହ ଛୋଟ ବଡ ଦୁର୍ଘଟଣା ଘଟୁଛି। ୭ ବର୍ଷ ତଳେ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାର ନିର୍ମାଣ କରାଯାଇଥିଲା। ବର୍ଷା ଦିନ ପୂର୍ବରୁ ଏହି ରାସ୍ତାଟି ମରାମତି ନହେଲେ ଗମନା ଗମନ ରେ ବାଧା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାଟିକୁ ତୁରନ୍ତ ମରାମତି କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଗଗନ ବିହାରୀ ସାହୁ, ପ୍ରେମାନନ୍ଦ ମହାପାତ୍ର, ରଜନୀକାନ୍ତ ମହାପାତ୍ର, ନିରାକାର ଜେନା, ସରୋଜ କୁମାର ସ୍ୱାଇଁ, ଦିଲ୍ଲିପ କୁମାର ସେନାପତି, ରଶ୍ମିରଞ୍ଜନ ଜେନା, ସୁଧାକର ଜେନା ପ୍ରମୁଖ ଦାବୀ ଜଣାଇଛନ୍ତି।

ମଦ୍ୟପାନ ଯୋଗୁଁ ବଢୁଛି ଦୁର୍ଘଟଣା ଓ ହତ୍ୟାକାଣ୍ଡ

ସୀମା ଟପିଲାଣି ନିଶାଡ଼ିଙ୍କ ଉତ୍ପାତ

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ସହର ଓ ଏହାର ସନ୍ନିକଟ ଅଞ୍ଚଳ ବୋଦାମୁଣ୍ଡାଇ, ରାଇସୁଙ୍ଗୁଡ଼ା, ଜପକୁଦ, ରାମେଶ୍ୱର, ଭୀ

ଜାତୀୟ ଓ ଅନ୍ତର୍ଜାତୀୟ

ନୂଆଦିଲ୍ଲୀ : ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଶେଷ ହେବାର ନାଁ ନେଉନାହିଁ। ରୁଷ ଲଗାତାର ଭାବରେ ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛି। ୟୁକ୍ରେନ୍ ମଧ୍ୟ ରୁଷ ଆକ୍ରମଣର ପ୍ରତି ଜବାବ ଦେଇଆସୁଛି। ହେଲେ ଏହାରି ମଧ୍ୟରେ ମଙ୍ଗଳବାର ମସ୍କୋ ଉପରକୁ ଡ୍ରୋନ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଡ୍ରୋନ୍ ଆକ୍ରମଣକୁ ନେଇ ମେୟର ସର୍ଗେଇ ସୋବୟାନିନ କହିଛନ୍ତି ଯେ, ଆକ୍ରମଣରେ କାହାକୁ ଗୁରୁତର ଭାବରେ କ୍ଷତି ପହଞ୍ଚିନି। ଘଟଣା ଘଟିବା ସଙ୍ଗେ ସଙ୍ଗେ ଜରୁରୀ ସେବା ନିୟୋଜିତ କରାଯାଇଥିଲା। ଅବଶ୍ୟ ଏହା ସ୍ପଷ୍ଟ ହୋଇନାହିଁ ଯେ ଏହି ଡ୍ରୋନ୍ କେଉଁଠାରୁ ଆସିଥିଲେ। ଆକ୍ରମଣ ପରେ ପରେ ସହରରେ ସହରରେ ସାଇରନ୍ ବାଜିବା ଆରମ୍ଭ ହୋଇଯାଇଥିଲା। ଏହା ବ୍ୟତୀତ ଅନେକ ଡ୍ରୋନ୍‌କୁ ରୁଷ ଏୟାର ଡିଫେନ୍ସ ମାରି ଖସାଇଥିଲା। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପ୍ରାୟ ୨୦ ଡ୍ରୋନ୍ ମସ୍କୋରେ ପଶିଥିଲେ।

ଉଦ୍ଧବ କ୍ୟାମ୍ପର ବଡ଼ ଦାବି

ସିନ୍ଦେଙ୍କ ଠାରୁ ଅଲଗା ହେବାକୁ ଚାହୁଁଛନ୍ତି ୨୨ ବିଧାୟକ ଓ ୯ ସାଂସଦ



ମୁମ୍ବାଇ: ଉଦ୍ଧବର ଠାକରେଙ୍କ ଶିବସେନା(ୟୁବିଟି) ପକ୍ଷରୁ ବଡ଼ ଦାବି କରାଯାଇଛି। ୟୁବିଟିର ମୁଖପତ୍ର ସାମ୍ନାରେ ଦାବି କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ୨୨ ଜଣ ବିଧାୟକ ଓ ୯ ଜଣ ସାଂସଦ ଏବେ ବିଜେପି ଉପରେ ଅସନ୍ତୁଷ୍ଟ ରହିଛନ୍ତି। ସେମାନେ ଦଳ ଛାଡ଼ିବାକୁ ଯୋଜନା କରୁଛନ୍ତି। ଶିବସେନା(ୟୁବିଟି) ସାଂସଦ ବିନାୟକ ରାଉତ କହିଛନ୍ତି ଯେ ସିନ୍ଦେଙ୍କ କ୍ୟାମ୍ପର ୨୨ ବିଧାୟକ ଓ ୯ ସାଂସଦ ଉଦ୍ଧବ କ୍ୟାମ୍ପର ଯୋଗାଯୋଗରେ ରହିଛନ୍ତି। ସେମାନଙ୍କ ନିର୍ବାଚନ ମଣ୍ଡଳୀରେ କୌଣସି ପ୍ରକାରର ବିକାଶ ହେଉ ନଥିବାରୁ ସେମାନେ ସିନ୍ଦେଙ୍କ ନେତୃତ୍ୱାଧୀନ ପାର୍ଟି ଛାଡ଼ିବାକୁ ଚାହୁଁଥିଛନ୍ତି। ରାଜ୍ୟର ମନ୍ତ୍ରୀ ଶମ୍ଭୁରାଜ ଦେଶାଇ ୧୫ ଦିନ ତଳେ ଉଦ୍ଧବ ଠାକରେଙ୍କୁ ମେସେଜ କରିଥିଲେ। ଏଥିସହ ବିଜେପି ଓ ସିନ୍ଦେଙ୍କ ମେଣ୍ଟରେ ସେ କେମିତି ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି, ସେକଥା ମଧ୍ୟ କହିଥିଲେ ବୋଲି ଶ୍ରୀ ରାଉତ କହିଛନ୍ତି। ତେବେ ଦେଶାଇ ଏପରି ଦାବିକୁ ଖଣ୍ଡନ କରିଛନ୍ତି। ଏଥିସହ ରାଉତଙ୍କୁ କ୍ଷମା ମାଗିବା ପାଇଁ ନୋଟିସ କରିଛନ୍ତି। ଶିବସେନାର ବରିଷ୍ଠ ନେତା ଗଜାନ୍ କିରତିକର ଆମେ ହିଁ ଶିବସେନା ବୋଲି ନାରା ଦେଇଥିଲେ। ଏଥିସହ ସେ ଖୋଲାଖୋଲି ଭାବେ ବିଜେପିର ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିଥିଲେ ବୋଲି ସାମ୍ନାରେ କୁହାଯାଇଛି। ସାମ୍ନାରେ କୁହାଯାଇଛି ଯେ ମହାରାଷ୍ଟ୍ରରେ ବିଜେପି ଓ ସିନ୍ଦେଙ୍କ ଶିବସେନାରେ ସବୁ କିଛି ଠିକ ଠାକ ଚାଲି ନଥିବାର ସଙ୍କେତ ଗଜାନନ ପ୍ରଥମେ ଦେଇଥିଲେ। ସେ ବିଜେପିକୁ ପାତରଅନ୍ତର କରୁଥିବା ଦଳ ବୋଲି ଆକ୍ଷେ କରି କହିଥିଲେ ଯେ ଆମେ ୧୩ ଜଣ ସାଂସଦ ଓ ଆମେ ଏବେ ଏନଡିଏର ଅଂଶ ବିଶେଷ। ଆମେ ଚାହୁଁଥିଲୁ ଯେ ଆମ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ କରାଯାଉ। କିନ୍ତୁ ସେମିତି କିଛି ବି ହୋଇନି। ଦଳ ରାଜ୍ୟରେ ୨୨ଟି ଲୋକସଭା ଆସନରେ ମଧ୍ୟ ପ୍ରାର୍ଥୀ ଦେବାକୁ ଚାହୁଁଛି। ଟଙ୍କା ଦ୍ୱାରା ଆମ୍ ସମ୍ମାନ ଓ ସମ୍ମାନକୁ କିଣା ଯାଇ ନପାରେ। ଏହା ପୁଣି ପ୍ରମାଣିତ ହୋଇଛି। ଗଜାନନ ଦାବି କରିଛନ୍ତି ଯେ ଦଳ ଏଠାରେ ୨୨ଟି ଆସନରେ ଲଢ଼ିବାକୁ ଲକ୍ଷ୍ୟ ରଖିଛି। ଏ ସିଟ ଗୁଡ଼ୁକୁ ସେ ବିଜେପି ଠାରୁ ମାଗିଥିଲେ। କିନ୍ତୁ ବିଜେପି ୫ରୁ ଅଧିକ ଆସନ ଛାଡ଼ିବା ମୁଡରେ ନଥିବା ସାମ୍ନାରେ ଦାବି କରାଯାଇଛି। ତେବେ ଏ ସମ୍ପର୍କରେ ସିନ୍ଦେ କ୍ୟାମ୍ପର ପ୍ରତିକ୍ରିୟା ମିଳି ପାରିନି। ।

ଗୋଉଠ୍‌ଥାନ ମହିଳାଙ୍କୁ ଆତ୍ମନିଯୁକ୍ତିରେ ସଫଳତା ଦେଇଛି

ରାୟପୁର : କୋରିଆ ଜିଲ୍ଲାର ବାଇକୁଣ୍ଠପୁର ବ୍ଲକର ଗ୍ରାମ ପଞ୍ଚାୟତ ଚେରଓ୍ୱାରା ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସରକାରଙ୍କ ନରଭା, ଗାରୁଭା, ଗୁରୁଭା ବରୀ ଯୋଜନାରେ ଯୋଗ ଦେଇ ସଫଳତା ରାସ୍ତାରେ ବହୁତ ବଡ ସଫଳତା ହାସଲ କରୁଛନ୍ତି। ଏହି ଯୋଜନାଗୁଡିକ ମାଧ୍ୟମରେ ସେମାନେ ନିଜେ ଗାଁରେ ରୋଜଗାର ଏବଂ ଆତ୍ମନିଯୁକ୍ତି ସୁଯୋଗ ପାଇଛନ୍ତି। ଆଜି ଏହି ମହିଳାମାନେ ଗୋଉଠଥାନରେ ଅନେକ ଜୀବିକା ନିର୍ବାହ କରି ସେମାନଙ୍କର ସ୍ୱପ୍ନକୁ ସାକାର କରୁଛନ୍ତି। ମା' ଅମ୍ବେ ଗୋଷ୍ଠୀର ପାଞ୍ଚଜଣ ମହିଳା ଚେରଭାପାରର ଗୋଉଠଥାନ ମଲ୍ଟିଆକ୍ଟିଭିଟି ସେଣ୍ଟରରେ ଫେନସିଂ ପୋଲ ତିଆରିରେ ନିୟୋଜିତ ଅଛନ୍ତି। ଗତ ୩ ବର୍ଷ ମଧ୍ୟରେ ମହିଳାମାନେ ୮ ହଜାରରୁ ଅଧିକ ଫେନସିଂ ପୋଲ୍ସ ତିଆରି କରିଛନ୍ତି। ଉତ୍ପାଦନ ବ୍ୟତୀତ, ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଧ୍ୟ ଏହି ପୋଲ୍ସଗୁଡ଼ିକୁ ଦକ୍ଷତାର ସହିତ ବିକ୍ରି କରୁଛନ୍ତି। ଗୋଷ୍ଠୀର ସଦସ୍ୟମାନେ ସୂଚନା ଦେଇଛନ୍ତି ଯେ ସେମାନେ ଏପର୍ଯ୍ୟନ୍ତ ୮ ହଜାର ୬୦୦ ପୋଲ୍ସ ବିକ୍ରି କରିଛନ୍ତି ଏବଂ ଏଥିରୁ ୨୬ ଲକ୍ଷ ଟଙ୍କା ଆୟ କରିଛନ୍ତି। ଏହି ଗୋଷ୍ଠୀ ୯ ଲକ୍ଷ ଟଙ୍କା ନିଟ୍ ଲାଭ କରିଛି । ମହିଳାମାନେ କହିଛନ୍ତି ଯେ ସେମାନେ ଗୋଟିଏ ଦିନରେ ପ୍ରାୟ ୬୦ଟି ପୋଲ ତିଆରି କରନ୍ତି । ଗୋଟିଏ ପୋଲର ମୂଲ୍ୟ। ଗୋଷ୍ଠୀ ସଦସ୍ୟ ଭୀମଲା ରାଜୱାଡେ ସରକାରଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ସେ ତାଙ୍କ ରୋଜଗାରକୁ ପୁଅର ବିବାହର ଆୟୋଜନ ତଥା ନିଜର ଚିକିତ୍ସା ପାଇଁ ଗୋଉଠ୍‌ଥାନ ଜୀବିକା କାର୍ଯ୍ୟକଳାପରୁ ଉପଯୋଗ କରିଛନ୍ତି। ସେହିଭଳି ଗୋଷ୍ଠୀର ଅନ୍ୟ ମହିଳାମାନେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇ ନିଜ ପରିବାରକୁ ସହାୟତା କରୁଛନ୍ତି।

ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଅମିତ ଶାହ

ଇମ୍ଫାଲ: ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ପହଞ୍ଚିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ ମଣିପୁରରେ ପହଞ୍ଚିବା କ୍ଷଣି କେନ୍ଦ୍ର ସରକାର ହିଂସା ଦ୍ୱାରା ପ୍ରାଣ ହରାଇଥିବା ଲୋକଙ୍କ ପରିବାର ବର୍ଗଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ମିଳିବ। ଆଜି ଶ୍ରୀ ଶାହ ହିଂସା ଦ୍ୱାରା ପ୍ରଭାବିତ ଚୁରାଚାନ୍ଦପୁର ଜିଲ୍ଲାରେ ପହଞ୍ଚିଥିଲେ। ଏଠାରେ ମହିଳମାନେ ତାଙ୍କୁ ଜାତୀୟ ପତାକା ଧରି ସ୍ୱାଗତ କରିଥିଲେ। କେବଳ କେନ୍ଦ୍ର ସରକାର ସମସ୍ୟାର ସମାଧାନ କରିପାରିବେ ବୋଲି ସେମାନେ ପୋଷ୍ଟର ମଧ୍ୟ ପ୍ରଦର୍ଶନ କରିଥିଲେ। ଏହାପୂର୍ବରୁ ଶ୍ରୀ ଶାହ ଇମ୍ଫାଲରେ ବିଭିନ୍ନ ପ୍ରଖ୍ୟାତ ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରିଥିଲେ। ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେ ସ୍ଥିତିର ସମୀକ୍ଷା ମଧ୍ୟ କରିଛନ୍ତି। ମଣିପୁରରେ କେମିତି ଶୀଘ୍ର ଶାନ୍ତି ଫେରିବ ଓ ସ୍ଥିତି ସ୍ୱାଭାବିକ ହେବ, ସେବାବଦରେ ଶାହ ଆଲୋଚନା କରିଛନ୍ତି।

ଗେହଲଟ- ପାଇଲଟ କଳି ତୁଟିଲା: ଏକାଠି ଲଢ଼ିବେ ନିର୍ବାଚନ

ଜୟପୁର: ରାଜସ୍ଥାନର ଦୁଇ ତୁଙ୍ଗ ନେତା ଅଶୋକ ଗେହଲଟ ଓ ସଚିନ ପାଇଲଟଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ଚାଲିଥିବା ତୁ ତୁ ମେ'ମେ'ରେ ଲାଗିଛି ବିରାମ। ଆସନ୍ତା ବିଧାନସଭା ନିର୍ବାଚନ ନିମନ୍ତେ ସେମାନେ କଂଗ୍ରେସ ପାଇଁ ମିଳିତ ଭାବେ କାମ କରିବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି। ଫଳରେ ରାଜ୍ୟରେ ପାର୍ଟି ନେତୃତ୍ୱକୁ ନେଇ ଦୀର୍ଘ ଦିନ ହେଲା ଲାଗିଥିବା ଛକାପଞ୍ଜାରେ ଏବେ ପୂର୍ଣ୍ଣଛେଦ ପଡ଼ିଛି। ଗେହଲଟ ଓ ପାଇଲଟଙ୍କୁ ଏକାଠି ଦେଖି କଂଗ୍ରେସ ନେତା ହମ ସାଥ ସାଥ ହେଁର ଗୀତ ଗୁଣୁ ଗୁଣୁ ହେଉଛନ୍ତି। ଦୀର୍ଘ ଦିନ ହେଲା ପାଇଲଟ ଓ ଗେହଲଟଙ୍କ ମଧ୍ୟରେ ଲାଗିଥିବା କଳିର ସମାଧାନ ପାଇଁ ଗତକାଲି ଦିଲ୍ଲୀରେ ବସିଥିଲା ବୈଠକ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଘରେ ବସିଥିବା ରୁଦ୍ଧଦ୍ୱାର ବୈଠକରେ ରାହୁଲ ଗାନ୍ଧି, ରାଜସ୍ଥାନର ପିସିସି ସଭାପତି ଓ କଂଗ୍ରେସର ସାଧାରଣ ସମ୍ପାଦକ କେ.ଭି ଭେନୁଗୋପାଳ ସାମିଲ ହୋଇଥିଲେ। ସନ୍ଧ୍ୟା ୬ଟାରେ ଖଡଗେଙ୍କ ଘରେ ଆୟୋଜିତ ବୈଠକରେ ପ୍ରଥମେ ଗେହଲଟ ଯୋଗ ଦେଇଥିବା ବେଳେ ୮ଟା ବେଳେ ପାଇଲଟ ସାମିଲ ହୋଇଥିଲେ। ପ୍ରାୟ ୪ ଘଣ୍ଟା କାଳ ଆଲୋଚନା ଚାଲିବା ପରେ ବିଳମ୍ବିତ ରାତିରେ ଉଭୟ ନେତା ବାହାରକୁ ଆସି ଆଗାମୀ ବିଧାନସଭା ନିର୍ବାଚନ ଏକାଠି ଲଢ଼ିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କଂଗ୍ରେସର ସାଧାରଣ ସମ୍ପାଦକ କେ.ଭି ଭେନୁଗୋପାଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଉଭୟ ନେତା ଏବେ ହାତ ମିଳାଇ ନେଇଛନ୍ତି। ଏଥିସହ ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ସେମାନେ ସ୍ୱୀକାର କରିନେବେ ବୋଲି ମଧ୍ୟ କହିଛନ୍ତି । ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ। ତେଣୁ ଏବେଠୁ ଦଳୀୟ କନ୍ଦଳକୁ ସମାଧାନ କରି ଦଳକୁ ମଜଭୁତ କରିବାକୁ କଂଗ୍ରେସ ହାଇକମାଣ୍ଡ ନିଷ୍ପତ୍ତି ନେଇଛନ୍ତି। ଏହାବାଦ ରାଜସ୍ଥାନ କଂଗ୍ରେସରେ ଗଡ଼ ହୋଇଥିବା ବେଳେ ଆଗାମୀ ନିର୍ବାଚନରେ ବି ବହୁମତ ହାସଲ କରି ସରକାର ଗଠନ କରିବା ନିମନ୍ତେ ଉଭୟ ନେତା ଏକାଠି ହେବାକୁ ସମ୍ମତି ପ୍ରକାଶ କରିଥିବାରୁ କଂଗ୍ରେସ ଶିବିରରେ ବେଶ୍ ଉତ୍ସାହ ଖେଳି ଯାଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ତାଙ୍କର ପୂର୍ବତନ ଡେପୁଟି ସଚିନ ପାଇଲଟଙ୍କ ମଧ୍ୟରେ କ୍ଷମତାକୁ ନେଇ ବହୁ ଦିନ ହେଲା ଶୀତଳ ଯୁଦ୍ଧ ଚାଲି ରହିଥିଲା। ଏହା ବେଳେ ବିସ୍ଫୋରକ ରୂପ ନେବାକୁ ପଛାଉ ନ ଥିଲା। ଦୁଇ ବର୍ଷ ତଳେ ସଚିନ ପାଇଲଟ ମୁଖ୍ୟମନ୍ତ୍ରୀ ହେବାକୁ ଆଶା

ମନୀଷ ସିସୋଦିଆଙ୍କ ଜାମିନ ଖାରଜ

ନୂଆଦିଲ୍ଲୀ: ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ଘଟଣାରେ ବନ୍ଧା ହୋଇ ତିହାର ଜେଲ୍‌ରେ ଥିବା ଆପ୍ ନେତା ମନୀଷ ସିସୋଦିଆଙ୍କୁ ଲାଗିଛି ଶକ୍ତ ଝଟକା। ମନୀଷ ସିସୋଦିଆ ଦିଲ୍ଲୀ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିବା ବେଳେ ତାହାକୁ ଖାରଜ କରି ଦେଇଛନ୍ତି ବିଚାରପତି। ମନୀଷ ସିସୋଦିଆଙ୍କ ବିରୋଧରେ ବହୁ ସଙ୍ଗୀନ ଆରୋପ ଲାଗିଥିବାରୁ ତାଙ୍କୁ ଏବେ ଜାମିନ ଦେବା ସମ୍ଭବ ନୁହେଁ ବୋଲି ସଫା ସଫା କହିଛନ୍ତି ହାଇକୋର୍ଟ। ଇଡି ଦାଖଲ କରିଥିବା ଚାର୍ଜଶିଟ୍‌ରେ ସିସୋଦିଆଙ୍କୁ ପୂରା ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଦର୍ଶାଇଥିବା ବେଳେ ନିଜ ସ୍ୱାର୍ଥ ପାଇଁ ଅବକାରୀ ନୀତିକୁ ସେ ପରିବର୍ତ୍ତନ କରିଥିବା ଅଭିଯୋଗ ହୋଇଛି। ଏହି ମାମଲାର ବିଚାର କରି କୋର୍ଟ କହିଛନ୍ତି, ମନୀଷ ସିସୋଦିଆ ଜଣେ କ୍ଷମତାଶାଳୀ ବ୍ୟକ୍ତି। ସେ ୨୦୧୫ରୁ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ପାଖରେ ୧୮ଟି ବିଭାଗର ଦାୟିତ୍ୱ ଥିଲା। ସେ ବାହାରକୁ ଗଲେ ନିଜ କ୍ଷମତାର ଦୁରୁପଯୋଗ କରି ସାକ୍ଷୀମାନଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ତାଙ୍କୁ ଜାମିନ ଦେବା ଏବେ ସମ୍ଭବପର ନୁହେଁ । ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ଘଟଣାରେ ପ୍ରଥମେ ଫେବୃୟାରୀ ୨ରେ ସିବିଆଇ ସିସୋଦିଆଙ୍କୁ ଗିରଫ କରିଥିଲା। ତାଙ୍କ ରିମାଣ୍ଡ ଅବଧି ସରିବା ପରେ କୋର୍ଟ ତାଙ୍କୁ ତିହାର ଜେଲ ପଠାଇ ଦେଇଥିଲେ। ତେବେ ମାର୍ଚ୍ଚ ୯ରେ ଇଡି ମନି ଲଣ୍ଡରିଂ ମାମଲାରେ ସିସୋଦିଆଙ୍କୁ ପୁଣି ଗିରଫ କରିଥିଲା। ତେଣୁ ସେ ସେବେଠୁ ତିହାର ଜେଲରେ ହିଁ ରହିଛନ୍ତି।

ବାଣିଜ୍ୟ

ଅହମ୍ମଦାବାଦ: ଅହମ୍ମଦାବାଦ ସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ମହାକାଶ ପ୍ରୟୋଗ କେନ୍ଦ୍ର (ଏସ୍‌ଏସି)ର ସ୍ୱପ୍ନର ପରିଦର୍ଶନରୁ ଓଡ଼ିଶାର ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ (ୟାଟ୍‌ସ) ୨୦୨୨-୨୩ ବିଜେତାମାନେ ପ୍ରତ୍ୟାବର୍ତନ କରିଛନ୍ତି। ଏଥି ସହିତ ଚଳିତ ବର୍ଷ ୟାଟ୍‌ସ କାର୍ଯ୍ୟକ୍ରମର ସଫଳ ସମାପନ ହୋଇଛି। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ପଠାଣୀ ସାମଂ ପ୍ଲାନେଟୋରିୟମ୍ ସହଯୋଗିତାରେ ସାରା ରାଜ୍ୟର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନକୁ ନେଇ ଆଗ୍ରହ ଓ ଅଭିଳାଷ ସୃଷ୍ଟି କରିବା ଲକ୍ଷ୍ୟ ରଖି ଟାଟା ଷ୍ଟିଲ୍‌ର ଏକ ସ୍ୱତନ୍ତ୍ର ଅଭିଯାନ ହେଉଛି ୟାଟ୍‌ସ। ୟାଟ୍‌ସର ୧୬ତମ ସଂସ୍କରଣର ବିଜେତାମାନଙ୍କୁ ୭୫,୫୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଚୟନ କରାଯାଇଥିଲା ଯେଉଁମାନେ 'ବ୍ରହ୍ମାଣ୍ଡର ଅନୁସନ୍ଧାନ' ବିଷୟବସ୍ତୁ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ।

ପତଞ୍ଜଳି ଫୁଡ୍ସ ଲିମିଟେଡ୍‌ର ଆର୍ଥିକ ବର୍ଷ ୨୦୨୩ ପାଇଁ ବାର୍ଷିକ ଫଳାଫଳ ଘୋଷଣା



ହରିଦ୍ୱାର: ପତଞ୍ଜଳି ଫୁଡ୍ ଲିମିଟେଡ୍ (ପିଏଫ୍‌ଏଲ୍) ଆର୍ଥିକ ବର୍ଷ ୨୦୨୩ରେ ଦୃଢ଼ ବ୍ୟବସାୟ ଏବଂ ଆର୍ଥିକ ପ୍ରଦର୍ଶନ ଜାରି ରଖିଛି । ଆର୍ଥିକ ବର୍ଷ ୨୦୨୩ରେ ମୋଟ ଆୟ ୩୧,୮୨୧.୪୫ କୋଟି ଟଙ୍କା ରହିଛି ଯେବେକି ୨୦୨୧-୨୨ରେ ଏହା ୨୪,୨୮୪.୩୮ କୋଟି ଟଙ୍କା ରହିଥିଲା। ଆର୍ଥିକ ବର୍ଷ୨୦୨୩ ରେ ପିବିଟି ମାର୍ଜିନ୍ ୯.୭% ବୃଦ୍ଧି ପାଇ ୧,୧୭୮.୯୬ କୋଟି ରହିଛି ଯାହାକି ଆର୍ଥିକ ବର୍ଷ ୨୦୨୨ରେ ୧,୦୭୪.୩୮ କୋଟି ଟଙ୍କା ଥିଲା। ସାମଗ୍ରିକ ରାଜସ୍ୱରେ ଏଫ୍‌ଏମ୍‌ସିଜି ବ୍ୟବସାୟର ଅଂଶ ୬,୨୧୮.୦୮ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ସେହିପରି ଏହି ପରିମାଣ ଆର୍ଥିକବର୍ଷ ୨୦୨୨ରେ ୧,୬୮୩.୨୪ କୋଟି ଥିଲା। ଅର୍ଥାତ ପୂର୍ବ ବର୍ଷର ୬.୯୫% ତୁଳନାରେ ମୋଟ ରାଜସ୍ୱର ୧୯.୭୨% ବୃଦ୍ଧି ହୋଇଛି। କମ୍ପାନୀ ପ୍ରିମିୟମାଇଜେସନ୍ ଉପରେ ଧ୍ୟାନ ଦେଇଥାଏ, ପରିସର ପ୍ରଦାନ କରେ ଏବଂ ଏକାଧିକ ଚ୍ୟାନେଲରେ ବଣ୍ଟନ ବିସ୍ତାର କରେ ଖାଦ୍ୟ ବ୍ୟବସାୟର ରାଜସ୍ୱ ଏବଂ ଲାଭରେ ପ୍ରତିଫଳିତ ହୁଏ । ଖାଦ୍ୟ ବ୍ୟବସାୟ ଇବିଆଇଟିଡିଏ ଆର୍ଥିକ ବର୍ଷ ୨୦୨୩ରେ ୧,୧୩୬.୬୦ କୋଟି ରହିଥିବାବେଳେ ୨୦୨୨ ଆର୍ଥିକ ବର୍ଷରେ ୧୮୯.୦୪ କୋଟି ରହିଥିଲା। କମ୍ପାନୀ ଅଶୋଧିତ ତୈଳ ବ୍ୟବସାୟରେ କ୍ୱାଣ୍ଟମ୍ ଅଭିବୃଦ୍ଧି ହାସଲ କରି ୨୧% ରୁ ୧.୯୧ ମିଲିୟନ୍ ମେଟ୍ରିକ୍ ଟନ୍ ପରିମାଣରେ ବୃଦ୍ଧି ପାଇଛି। ଭଲ୍ୟୁମର ଅଭିବୃଦ୍ଧି ବିସ୍ତାରିତ ବଣ୍ଟନ ପହଞ୍ଚିବା ଏବଂ ଗ୍ରାହକଙ୍କୁ ଉନ୍ନତ ଅଫର ପଛରେ ହାସଲ କରାଯାଇଥିଲା । କମ୍ପାନୀର ଧ୍ୟାନ ହେଉଛି ପ୍ରମୁଖ ବଜାରରେ ଏହାର ଉପସ୍ଥିତି ବଢ଼ାଇ ଆନ୍ତର୍ଜାତୀୟ ବଜାରରେ ଭୌଗୋଳିକ ସ୍ତରରେ ବିସ୍ତାର କରିବା । ୩୩ ଟି ଦେଶକୁ ଏହାର ଉତ୍ପାଦ ରପ୍ତାନି କରି ୫୩୦.୮୦ କୋଟି ରୋଜଗାର କରିଛି। ପତଞ୍ଜଳି ବ୍ରାଣ୍ଡ ଅନ୍ତର୍ଗତ ଖାଦ୍ୟ ପଦାର୍ଥ ଅଭିବୃଦ୍ଧି ବଜାୟ ରଖିବା ପାଇଁ ବଜାର ଗ୍ରହଣୀୟତା ହାସଲ କରୁଛି ଯେପରି ଖାଦ୍ୟ ବ୍ୟବସାୟ ଅଧିଗ୍ରହଣ ସମାପ୍ତ ହେବା ପରେ ଆର୍ଥିକ ବର୍ଷ ୨୦୨୨-୨୩ ର ଶେଷ ତ୍ରୈମାସରେ ରେକର୍ଡ କରାଯାଇଛି । ଖାଦ୍ୟ ରାଜସ୍ୱ ଉପରେ ଇବିଆଇଡିଟିଏ ରୋଜଗାର ଦୃଢ଼ ରହିଛି କାରଣ ଏହା ସାମଗ୍ରିକ ଖାଦ୍ୟ ବ୍ୟବସାୟ ରାଜସ୍ୱର ୧୩.୭୦%ରୁ ଅଧିକ ଅଟେ।

ନୀତା ମୁକେଶ ଅମ୍ବାନି କଲ୍‌ଚରାଲ୍ ସେଣ୍ଟର୍ ପକ୍ଷରୁ କଳା ଓ ହସ୍ତକଳା ପ୍ରଦର୍ଶନୀ 'ସ୍ୱଦେଶ'ର ସମ୍ପ୍ରସାରଣ

ମୁମ୍ବାଇ: ପାରମ୍ପରିକ କାରିଗରମାନଙ୍କ କାର୍ଯ୍ୟକୁ ଦେଖିବା ପାଇଁ ବିପୁଳ ଜନ ସମର୍ଥନକୁ ଦୃଷ୍ଟିରେ ରଖି ନୀତା ମୁକେଶ ଅମ୍ବାନି କଲ୍‌ଚରାଲ୍ ସେଂଟର (ଏନ୍‌ଏମ୍‌ଏସିସି) ପକ୍ଷରୁ ରିଲାଏନ୍ସ ଫାଉଣ୍ଡେସନର 'ସ୍ୱଦେଶ' ପ୍ରଦର୍ଶନୀ ଅବଧି ସମ୍ପ୍ରସାରଣ କରାଯାଇଛି। ଏହି ପ୍ରଦର୍ଶନୀ ହେଉଛି ଏକ ଅନୁଭୂତି ଜୋନ୍ ଯାହା ପିଚୱାଇ, ତାଣ୍ଡାର, ପଟ୍ଟଚିତ୍ର, ପଟୋଲାର ବୁଣାବୁଣି, ଭେଙ୍କଟଗିରି, ବନାରସ, ପୈଥାନ, ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ଦକ୍ଷତା ଓ ପ୍ରତିଭ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଦୁଇ ଦିନିଆ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ଜିମ୍ ଓ କ୍ଲବରୁ ମୋଟ ୧୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ଉତ୍କଳ କରାଟେ ଜିମ୍ ୩୪ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଛି । ସେହିପରି ସେଣ୍ଟର ସିଟି ଜିମ୍ ୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ୟୁନିକ୍ ଫିଟ୍‌ନେସ ଜିମ୍ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ତୃତୀୟ ସ୍ଥାନ ହାସଲ କରିଛି । ଓଡ଼ିଶା ରାଜ୍ୟ ସଂଘ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଉପସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବାଧାନରେ ଖୋର୍ଦ୍ଧା ଜିଲା ସଂଘର ସମ୍ପାଦକ ସମରେନ୍ଦ୍ର ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର, କୃଷ୍ଣ ଚନ୍ଦ୍ର ସଳାକୁହ୍ନ, ରାକେଶ ଶତପଥୀ, ଶକ୍ତିରଞ୍ଜନ ବାରିକ, ଅନୁପମା ସ୍ୱାଇଁ, ଗୌରି ମହାନ୍ତି, ହିମାଂଶୁ ଶେଖର ଦାସ, ଜାଭେଦ ଅର୍ସଦ ଓ ଦେବାଶିଷ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

— ଗଙ୍ଗା ନଦୀରେ ମଲ୍ଲଯୋଦ୍ଧାଙ୍କ ପଦକ ବିସର୍ଜନ ନିଷ୍ପତ୍ତି —

ଟିକାୟତଙ୍କ ଆଶ୍ୱାସନା, ହରିଦ୍ୱାରରୁ ଫେରିଲେ ରେସ୍‌ଲର

ନୂଆଦିଲ୍ଲୀ: ଭାରତୀୟ କୁସ୍ତି ମହାସଂଘର ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଗୁରୁତର ଯୌନ ଅଭିଯୋଗ ଆଣି ତାଙ୍କୁ ଗିରଫ କରିବା ସକାଶେ ଦେଶର ପ୍ରମୁଖ ପୁରୁଷ ଓ ମହିଳା ରେସଲର ଜିଦ୍‌ରେ ଅଟଳ ରହିଥିବା ବେଳେ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ସେମାନଙ୍କ ଦାବି ପ୍ରତି କୌଣସି ବିଚାର କଲେ ନାହିଁ। ବ୍ରିଜ ଭୂଷଣଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରି ରେସଲରମାନେ ବାରମ୍ବାର ବିଫଳ ହେବା ଯୋଗୁ ଅତ୍ୟନ୍ତ ବିତଶ୍ପୃହ ହୋଇ ସେମାନେ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଓ ଅଲିମ୍ପିକ୍ସରେ ପାଇଥିବା ବହୁ ମୂଲ୍ୟବାନ ପଦକ ଗଙ୍ଗାରେ ବିସର୍ଜନ ନେଇ ଘୋଷଣା କରିଥିଲେ। ତେବେ ଦିଲ୍ଲୀର ଜନ୍ତରମନ୍ତର ଠାରେ କୁସ୍ତିଯୋଦ୍ଧାମାନେ ଆନ୍ଦୋଳନ ଚଳାଇଥିବା ବେଳେ ସେମାନେ ମଙ୍ଗଳବାର ଦିନ ହରିଦ୍ୱାରରେ ପହଞ୍ଚି ଥିଲେ। ହରିଦ୍ୱାରର ହରକି ପେଡିର ଭାଗୀରଥି ପୋଲ ନିକଟସ୍ଥ ମାଲଭୀୟ ଘାଟରେ ପହଞ୍ଚିବା ପରେ କୁସ୍ତିଯୋଦ୍ଧାଙ୍କ ଆଖିରୁ ଲୁହ ଝରି ଯାଇଥିଲା। ତେବେ କିସାନ୍ ୟୁନିୟନର ରାଷ୍ଟ୍ରୀୟ ଅଧ୍ୟକ୍ଷ ନରେଶ ଟିକାୟତ ସେଠାରେ ପହଞ୍ଚି ରେସଲରଙ୍କୁ ଆଶ୍ୱାସନା ଦେଇ ଆଉ ୫ଦିନ ଅପେକ୍ଷା କରିବାକୁ କହିଛନ୍ତି। ତେଣୁ ଗଙ୍ଗା ନଦୀରେ ପଦକ ବିସର୍ଜନ ନ କରିବା ପାଇଁ ଆହ୍ୱାନ ଦେଇଥିଲେ । ହରିଦ୍ୱାରସ୍ଥ ଶ୍ରୀଗଙ୍ଗା ସଭାର ଅଧ୍ୟକ୍ଷ ନୀତୀନ ଗୌତମ କହିଛନ୍ତି ଯେ ଖେଳାଳିଙ୍କୁ ହରକି ପେଡି ବ୍ରହ୍ମକୁଣ୍ଡରେ ପଦକ ବିସର୍ଜନ କରିବାକୁ ଦିଆଯିବ ନାହିଁ। କାରଣ ସେମାନେ ପାଇଥିବା ପଦକର ସମ୍ମାନ ରହିଛି । ରେସଲରମାନେ ଏଠାକୁ ଆସି ପୂଜା କରନ୍ତୁ, ଆଳତୀରେ ସାମିଲ ହୁଅନ୍ତୁ । ଏଥିପାଇଁ ଗଙ୍ଗା ସଭା ସେମାନଙ୍କୁ ସ୍ୱାଗତ କରିବ। କାରଣ ପବିତ୍ର ହରକି ପେଡିକୁ ରାଜନୀତିର ଆଖାଡା କରା ନଯାଉ। କୃଷକ ନେତା ନରେଶ ଟିକାୟତ କହିଛନ୍ତି ଯେ, କେନ୍ଦ୍ର ସରକାର କେବଳ ଜଣେ ବ୍ୟକ୍ତି (ଭାରତୀୟ କୁସ୍ତି ମହାସଂଘ ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରଣସିଂ)ଙ୍କୁ ସୁରକ୍ଷା ଦେଉଛନ୍ତି। ମାତ୍ର ଦୀର୍ଘ ଦିନ ଧରି ରେସଲରମାନେ ଆନ୍ଦୋଳନ କରିଆସୁଥିଲେ ହେଁ ସରକାର ସେମାନଙ୍କ ଦାବି ପ୍ରତି ଆଦୌ କର୍ଣ୍ଣପାତ କରୁନାହାନ୍ତି। ତେବେ ଆଉ ୫ଦିନ ଅପେକ୍ଷା କରାଯିବ। କେନ୍ଦ୍ର ସରକାର ଯଦି ରେସଲରଙ୍କ ପ୍ରତି କୌଣସି ବିଚାର କରିବେ ନାହିଁ ତେବେ ସେମାନଙ୍କ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏହାସହିତ ଜୁନ୍ ୧ରୁ ଦେଶ ବ୍ୟାପୀ ଏହି ଆନ୍ଦୋଳନକୁ ବିସ୍ତାରିତ କରିବା ପାଇଁ ଆମେ ରେସଲରଙ୍କୁ ସବୁ ପ୍ରକାର ସହଯୋଗ ଓ ସମର୍ଥନ ଦେବୁ। ସେହିପରି ନିଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ମଧ୍ୟ ଆନ୍ଦୋଳନକାରୀ ରେସଲରଙ୍କୁ ସମର୍ଥନ କରି କହିଛନ୍ତି ଯେ, ଦିଲ୍ଲୀ ପୋଲିସ ଦୁଇ ଦିନ ତଳେ ସେମାନଙ୍କ ପ୍ରତି ଯେଉଁ ଅମାନୁଷିକ ବ୍ୟବହାର କଲେ ତାହା ଅତି ନିନ୍ଦନୀୟ ଓ କ୍ଷୋଭର ବିଷୟ। ବିଶ୍ୱସ୍ତରରେ ଦେଶ ପାଇଁ ସମ୍ମାନ, ଗର୍ବ ଓ ଗୌରବ ଆଣିଥିବା ରେସଲରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଆଦୌ ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀ ମୋଦିଜୀ ଲାଲକିଲ୍ଲାରେ ମହିଳାଙ୍କୁ ସମ୍ମାନ ନେଇ ଲମ୍ବା ଭାଷଣ ଦେଉଛନ୍ତି। ମାତ୍ର ଭାରତୀୟ କୁସ୍ତି ଯୋଦ୍ଧା ସଭାପତି ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମହିଳା ରେସଲରମାନେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ ହେଁ ତାହା ଜାଣିଶୁଣି ପ୍ରଧାନମନ୍ତ୍ରୀ ନୀରବତା ଅବଲମ୍ବନ କରିବା ଅତ୍ୟନ୍ତ ପରିତାପର ବିଷୟ।

ବକ୍ସର ମହମ୍ମଦ ଅଲ୍ଲି ନଦୀରେ ଫିଙ୍ଗି ଦେଇଥିଲେ ଅଲିମ୍ପିକ ପଦକ



ନୂଆଦିଲ୍ଲୀ: ଭାରତୀୟ ରେସଲରମାନେ ଭାରତୀୟ କୁସ୍ତି ସଂଘ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଜାରି ରଖିଥିବା ଧରଣା ରାଜନୈତିକ ରୂପ ମଧ୍ୟ ନେଇ ସାରିଛି। ଦୁଇ ଦିନ ତଳେ ନୂତନ ସଂସଦ ଭବନ ଆଡକୁ ଅଗ୍ରସର ବେଳେ ପୋଲିସ ରେସଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜନ୍ତରମନ୍ତରରୁ ତମ୍ବୁ ଉଠେଇ ଦେଇଥିଲା। ଏହାପରେ ରେସଲରମାନେ ଗଙ୍ଗା ନଦୀରେ ପଦକ ଫିଙ୍ଗି ଦେବାକୁ ନିଷ୍ପତ୍ତି ନେଇଥିଲେ। ତେବେ ପୂର୍ବରୁ ଆମେରିକାର ମହାନ ବକ୍ସର ମହମ୍ମଦ ଅଲୀ ମଧ୍ୟ ଏହି ପନ୍ଥା ଆପଣାଇଥିଲେ । ରୋମ ଅଲିମ୍ପିକ୍ସରୁ ପଦକ ଜିତି ଫେରିବା ପରେ ଦିନେ ଅଲୀ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରେ ସେ ଅଶ୍ୱେତ ହୋଇଥିବାରୁ ତାଙ୍କୁ ଅପମାନିତ କରାଯିବ ସହ ଭିତରକୁ ଛଡା ଯାଇ ନଥିଲା। ଅଲୀ ଏହାପରେ ନିଜ ଅଲିମ୍ପିକ ପଦକକୁ ଓହିୟୋ ନଦୀରେ ଫିଙ୍ଗି ଦେଇଥିଲେ। ସେ ସମୟରେ ଏହି ଘଟଣା ବେଶ ଚର୍ଚ୍ଚାର କାରଣ ସାଜିଥିଲା। ପରେ ତାଙ୍କୁ ସମ୍ମାନୀତ କରାଯିବା ସହ ୧୯୯୬ ଆଟାଲାଣ୍ଟା ଅଲିମ୍ପିକ୍ସରେ ଆଉ ଏକ ପଦକ ପ୍ରଦାନ କରାଯାଇଥିଲା ।

ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ

ପ୍ରଥମ ଟିକେଟ କିଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆସନ୍ତା ଜୁନ ମାସ ୯ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ। ତେବେ ମଙ୍ଗଳବାର ଦି ଏହି ପ୍ରତିଯୋଗିତାର ପ୍ରଥମ ଟିକେଟ କିଣିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ପ୍ରଥମ ଟିକେଟ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ସର୍ବ ଭାରତୀୟ ଫୁଟବଲ ମହାସଂଘର ସାଧାରଣ ସଂପାଦକ ତଥା ଭାରତୀୟ ଫୁଟବଲ ଦଳର ପ୍ରଶିକ୍ଷକ ଇଗୋର୍ ଷ୍ଟିମାକ ମଧ୍ୟ ଉପସ୍ଥିତ ଥିଲେ । ଏହି ଚାରିଦେଶୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାରତ, ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଭାଗନେବେ । ଏଫଆଇଏଚ୍ ଓଡିଶା ହକି ବିଶ୍ୱକପ ୨୦୨୩ର ସଫଳତା ପରେ ଭୁବନେଶ୍ୱର ଓ ରାଉରକେଲାରେ ଆଉ ଏକ ଅନ୍ତର୍ଜାତୀୟ କ୍ରୀଡା ମହୋତ୍ସବ ଆୟୋଜନ କରିବାକୁ ଯାଉଛି ଓଡିଶା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଓଡିଶାବାସୀଙ୍କ ମଧ୍ୟରେ ଫୁଟବଲ ପ୍ରତି ବହୁତ ଭଲପାଇବା ରହିଛି । ଏହି ଚମତ୍କାର ପ୍ରତିଯୋଗିତାର ଆୟୋଜନ ପାଇଁ ଆଉ ଏକ ସମ୍ମାନ । ଏହାସହ ମୁଖ୍ୟମନ୍ତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଥିବା ଦଳଗୁଡିକୁ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶା ପ୍ରଥମ ଥର ପାଇଁ ଇଣ୍ଟରନାଶନାଲ ମେନ୍ସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି। ତେଣୁ ଅଧିକ ସଂଖ୍ୟ ଫୁଟବଲ ପ୍ରେମୀ ଷ୍ଟାଡିୟମ ଆସି ଭାରତୀୟ ଦଳକୁ ଉତ୍ସାହିତ କରିବା ସହ ଖେଳର ମଜା ନେବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ।

ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ : ଲଣ୍ଡନ ଗଲେ ରୋହିତ, ଜୟସ୍ୱାଲ୍

ମୁମ୍ବାଇ: ଆସନ୍ତା ସପ୍ତାହରେ ଲଣ୍ଡନରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍ ମ୍ୟାଚ୍ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ୍ ଇଂଲଣ୍ଡ ଗସ୍ତ କରିଛନ୍ତି। ଜୟସ୍ୱାଲ୍ ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ରୋହିତଙ୍କ ସହ ଏକ ସେଲ୍‌ଫି ଫଟୋ ପୋଷ୍ଟ କରି ଏହି ଗସ୍ତ ବିଷୟରେ ସୂଚନା ଦେଇଥିଲେ। ଆଇପିଏଲ୍ କ୍ୱାଲିଫାୟର-୨ରେ ମୁମ୍ବାଇ ଇଣ୍ଡିଆନ୍ସର ପରାଜୟ ପରେ ଈଶାନ କିଶନ ଓ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଫେରିଯାଇଥିଲେ। ସେଠାରୁ ସେମାନେ ଇଂଲଣ୍ଡକୁ ଯାତ୍ରା କରିବେ। ଗତ ସପ୍ତାହରେ ଅକ୍ଷର ପଟେଲ, ଉମେଶ ଯାଦବ, ଶର୍ଦ୍ଦୁଲ ଠାକୁର ଓ ବିରାଟ କୋହଲି ଲଣ୍ଡନରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି। ସୋମବାର ଆଇପିଏଲ୍ ଫାଇନାଲ୍ ପରେ ଗୁଜରାଟ ଟାଇଟନ୍ସର ଶୁବମନ ଗିଲ୍, ମହମ୍ମଦ ସାମି, କେଏସ୍ ଭରତ ଏବଂ ଚେନ୍ନାଇ ସୁପରକିଙ୍ଗ୍ସର ରବୀନ୍ଦ୍ର ଜାଦେଜା, ଅଜିଙ୍କ୍ୟ ରାହାଣେ ତୃତୀୟ ପର୍ଯ୍ୟାୟରେ ଲଣ୍ଡନରେ ପହଞ୍ଚିବେ।

ତେନ୍ଦୁଲକର ମହାରାଷ୍ଟ୍ରର ସ୍ମାଇଲ ଆମ୍ବାସଡର ନିଯୁକ୍ତ

ମୁମ୍ବାଇ : ଭାରତର ପ୍ରଖ୍ୟାତ କ୍ରିକେଟର ସଚିନ୍ ତେନ୍ଦୁଲକର ମଙ୍ଗଳବାର ମହାରାଷ୍ଟ୍ରର 'ସ୍ମାଇଲ ଆମ୍ବାସଡର' ଭାବେ ନିଯୁକ୍ତି ପାଇଛନ୍ତି। ମହାରାଷ୍ଟ୍ର ସରକାର ରାଜ୍ୟରେ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେଇଥିବା ଦୃଷ୍ଟିରୁ ଆରମ୍ଭ କରିଛନ୍ତି ସ୍ୱଚ୍ଛମୁଖ ଅଭିଯାନ। ଏଥିପାଇଁ ତେନ୍ଦୁଲକରଙ୍କୁ ସ୍ମାଇଲ ଆମ୍ବାସଡର ନିଯୁକ୍ତି କରିବା ସହିତ ମହାରାଷ୍ଟ୍ର ସରକାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଦନାଭିସ ଓ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟରେ ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଆରମ୍ଭ କରିଥିବା ଯୋଜନାକୁ ଅଧିକ ଉତ୍ସାହିତ ଓ ଲୋକପ୍ରିୟତା କରିବା ଲକ୍ଷ୍ୟ ନେଇ ତେନ୍ଦୁଲକରଙ୍କୁ ଏହି ଭୂମିକାରେ ନିଯୁକ୍ତି କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଫଦନାଭିସ କହିଛନ୍ତି ଯେ, ରାଜ୍ୟର ସର୍ବତ୍ର ଯେପରି ପରିବେଶ ସ୍ୱଚ୍ଛ ରହିବ ଓ ସମସ୍ତଙ୍କ ମୁହଁରେ ହସ ଫୁଟିବ ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଅଭିଯାନ ଆରମ୍ଭ ହୋଇଛି। ତେଣୁ ତେନ୍ଦୁଲକରଙ୍କୁ ଏହି ଅଭିଯାନରେ ସାମିଲ କରାଗଲା।

ଆଇପିଏଲ୍ ଫାଇନାଲ୍: ଜିଓ ସିନେମାର ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ: ଚଳିତ ବର୍ଷର ଆଇପିଏଲ୍‌କୁ ବିଶ୍ୱବ୍ୟାପୀ ବିପୁଳ ସଂଖ୍ୟକ ଦର୍ଶକ ଟିଭି ମାଧ୍ୟମରେ ଉପଭୋଗ କରିଥିବା ବେଳେ ଏଥିରେ ଜିଓ ସିନେମା ପ୍ରତିଷ୍ଠା କରିଛି ବିଶ୍ୱ ରେକର୍ଡ। ପୂର୍ବରୁ ଆଇପିଏଲ୍ ଉପଭୋଗ କରିଥିବା ଦର୍ଶକଙ୍କ ରେକର୍ଡକୁ ଭାଙ୍ଗି ଦେଇଛି। ଟାଟା ଆଇପିଏଲ ୨୦୨୩କୁ ଚଳିତ ବର୍ଷ ରିଲାଏନ୍ସ ଜିଓ ଗ୍ରୁପ ନିଜ ଭିଡିଓ ଷ୍ଟ୍ରିମିଂ ପ୍ଲାଟଫର୍ମ ଜିଓସିନେମାରେ ପ୍ରସାରିତ କରିଥିଲା । ଯେକୌଣସି ସିମ୍‌ର ୟୁଜର ଫ୍ରିରେ ପ୍ଲାଟଫର୍ମରେ ମ୍ୟାଚ୍ ଦେଖିପାରିବେ ବୋଲି ଜିଓ ଘୋଷଣା କରିଥିଲା । ଯାହା ଫଳରେ ପ୍ରତି ମୁକାବିଲାରେ ଦର୍ଶକଙ୍କ ସଂଖ୍ୟା ବଢିଥିଲା । ଆଇପିଏଲ ୨୦୨୩ର ଅଫିସିଆଲ ଷ୍ଟ୍ରିମିଂ ପାର୍ଟନର ଜିଓସିନେମା ଗୋଟିଏ ସମୟରେ କୌଣସି ଲାଇଭ ଷ୍ଟ୍ରିମ୍ କରାଯାଇଥିବା କାର୍ଯ୍ୟକ୍ରମକୁ ସବୁଠୁ ଅଧିକ ଦେଖାଯିବାର ବିଶ୍ୱ ରେକର୍ଡ କରିଛି । ସୋମବାର ରାତିରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବାଲ ଲାଇଭ ଦେଖୁଥିବା ଦର୍ଶକଙ୍କ ସଂଖ୍ୟା ୩.୨ କୋଟି ପାର କରିଥିଲା । ଗୁଜରାଟ ଟାଇଟନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟର କଡ଼ା ମୁକାବିଲାକୁ ଏହି ପ୍ଲାଟଫର୍ମ ଏବଂ ଦୁନିଆର ଯେକୌଣସି ପ୍ଲାଟଫର୍ମରେ ଷ୍ଟ୍ରିମ କରାଯାଇଥିବା ଅନ୍ୟ ଲାଇଭ୍ କାର୍ଯ୍ୟକ୍ରମ ତୁଳନାରେ ସବୁଠୁ ଅଧିକ ଥିଲା । ପୂର୍ବ ରେକର୍ଡ ଆଇପିଏଲର ଡିଜିଟାଲ ଷ୍ଟ୍ରିମିଂ ପାର୍ଟନର ଡିଜନୀ ହଟଷ୍ଟାର ପାଖରେ ରହିଥିଲା । ୨୦୧୯ ଜୁଲାଇରେ ପ୍ରସାରଣ କରାଯାଇଥିବା କ୍ରିକେଟ୍ ମ୍ୟାଚରେ ଗୋଟିଏ ସମୟରେ ୨.୫ କୋଟିରୁ ଅଧିକ ଦର୍ଶକ ସିଧା ପ୍ରସାରଣ ଉପଭୋଗ କରିଥିଲେ।

ପ୍ରଶଂସକଙ୍କ ସ୍ନେହ ଭୁଲିବା କଷ୍ଟକର : ଆଇପିଏଲ ବିଜୟ ଶ୍ରେଷ୍ଠ ଉପହାର

ଅହମ୍ମଦାବାଦ: ଚଳିତ ବର୍ଷର ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସ ଚାମ୍ପିଅନ ହୋଇଥିବା ବେଳେ ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନି ନିଜର ଅଗଣିତ ପ୍ରଶଂସକଙ୍କୁ ଦେଇଛନ୍ତି ବିଜୟ ଭେଟି। ଆଇପିଏଲ ଟ୍ରଫି ହାସଲ କରିବା ପରେ ଧୋନି କହିଥିଲେ ଯେ ଯେଉଁମାନେ ଅଜସ୍ର ସ୍ନେହ ଦେଇ ମୋତେ ଭାବପ୍ରବଣ କରିଛନ୍ତି, ସେମାନଙ୍କୁ ଏହି ବିଜୟ ଉପହାର ସମର୍ପଣ କରୁଛି। ତେବେ ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ ,ଆସନ୍ତା ବର୍ଷ ଧୋନି ଆଇପିଏଲ ଖେଳିବେ କି ନାହିଁ ? । ଆଇପିଏଲ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅବସରରେ ଗଣ ମାଧ୍ୟମ ପ୍ରତିନିଧି ମଧ୍ୟ ଧୋନିଙ୍କୁ ସମାନ ପ୍ରଶ୍ନ କରିଥିଲେ। ମାତ୍ର ଧୋନି କହିଥିଲେ ଯେ ଆଇପିଏଲରୁ ଅବସର ଘୋଷଣା କରିବା ପାଇଁ ମୋ ପାଇଁ ଏହା ହେଉଛି ଉପଯୁକ୍ତ ସମୟ ଓ ଅତି ସହଜ। ମାତ୍ର ଏଥିପାଇଁ ମୋତେ ଆହୁରି ୯ ମାସ କଠିନ କାର୍ଯ୍ୟ କରିବାକୁ ପଡିବ। ଏହା ପରେ ଆଉଏକ ଆଇପିଏଲ ଖେଳିବା ନେଇ ନିଷ୍ପତ୍ତି ନେବା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚଳିତ ବର୍ଷର ଆଇପିଏଲ ଆରମ୍ଭ ପରଠାରୁ ଧୋନିଙ୍କ ଅବସର ନେଇ ପ୍ରଶ୍ନବାଚୀ ଲାଗି ରହିଛି। ତାଙ୍କର ବିଭିନ୍ନ ସମୟରେ ପରୋକ୍ଷ ଇଙ୍ଗିତକୁ ନେଇ ଅନେକ ଅନୁମାନ କରୁଛନ୍ତି ଯେ ,ଧୋନି ଆସନ୍ତା ବର୍ଷ ଠାରୁ ଜଣେ ଖେଳାଳି ଭାବେ ଆଇପିଏଲରେ ଦେଖିବାକୁ ମିଳିବେ ନାହିଁ। ଅବଶ୍ୟ ଅନ୍ୟ କୌଣସି ଭୂମିକାରେ ଅବତୀର୍ଣ୍ଣ ହୋଇ ପାରନ୍ତି। ମାତ୍ର ଆଜି ସୁଦ୍ଧା ଧୋନି ଆଇପିଏଲରୁ ଅବସର ନେବା ସମ୍ପର୍କରେ କେବେ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ତେବେ ଗତକାଲି ସେ କହିଛନ୍ତି ଯେ ଆଇପିଏଲ ଖେଳିବା ପାଇଁ ଯଦି ମୁଁ ସମ୍ପୂର୍ଣ୍ଣ ଫିଟ ଅନୁଭବ କରିବି,ତେବେ କୌଣସି ସମସ୍ୟା ନାହିଁ। ମାତ୍ର ଆଗାମୀ ସମୟ ଉପରେ ସବୁ ନିର୍ଭର କରେ। ଆଇପିଏଲ ପ୍ରଥମ ମ୍ୟାଚ ଖେଳିବା ଅବସରରେ ସମସ୍ତେ ମୋ ନାଁ ନେଇ ଚିତ୍କାର କରୁଥିଲେ। ସେହି ଦୃଶ୍ୟ ଦେଖି ମୋ ଆଖିରୁ ଲୁହ ଝରି ଆସିଥିଲା। ତେଣୁ କିଛି ସମୟ ମୋତେ ମ୍ୟାଚ ଠାରୁ ଦୂରେଇ ରହିବାକୁ ପଡିଥିଲା। ଏହା ସହିତ ମୁଁ ଅନୁଭବ କରିଥିଲି ଯେ ପ୍ରଶଂସକ ମାନେ ଏବେ ମଧ୍ୟ ମୋତ ଭଲ ପାଉଛନ୍ତି। ତେଣୁ ଏପରି ମୁହୂର୍ତ୍ତକୁ ମୋତେ ଉପଭୋଗ କରିବାକୁ ପଡିବ। ଅନ୍ୟ ପକ୍ଷରେ ଚଳିତ ବର୍ଷର ଆଇପିଏଲ ବିଜୟ ସମ୍ପର୍କରେ ଧୋନି କହିଛନ୍ତି ଯେ ପ୍ରତି ଟ୍ରଫି ହେଉଛି ସ୍ନେଶାଲ। ବର୍ଷା ବାଧାପ୍ରାପ୍ତ ଫାଇନାଲ ମ୍ୟାଚର ପ୍ରତିଟି ମୁହୂର୍ତ୍ତ ମଧ୍ୟ ନିଆରା ଓ ରୋମାଞ୍ଚକର ଥିଲା। ଆମ ବୋଲର ମାନେ ପରିସ୍ଥିତିକୁ ନେଇ ଭଲ ପ୍ରଦର୍ଶନ କରି ପାରିଲେ ନାହିଁ। ମାତ୍ର ଏହି କ୍ଷତିକୁ ଦଳର ବ୍ୟାଟର ମାନେ ଭରଣା କରି ପାରିଲେ। ହାର ଜିତ୍ ନେଇ ନିରାଶ ଓ ଆନନ୍ଦିତ ହେବା ସ୍ୱାଭାବିକ। ମାତ୍ର ଟାଇଟଲ ମୁକାବିଲା ମ୍ୟାଚରେ ସମସ୍ତେ ଚାପରେ ଖେଳିବାକୁ ପଡିଥାଏ। ତଥାପି ଦଳରେ ଏକାଧିକ ଅନୁଭବୀ ଖେଳାଳି ଥିବାରୁ ସେମାନଙ୍କ ଠାରୁ ଅନେକ ଆଶା କରା ଯାଇପାରେ। ସେମାନଙ୍କ ଯୋଗଦାନ ଓ ମହତ ଅବଦାନ ବଳରେ ଚେନ୍ନାଇ ପୁଣି ଆଇପିଏଲ ଟାଇଟଲ ଜିତିଲା।

କିଟ୍ ମହିଳା

ବିବିଧବର୍ଣ୍ଣା

କିଛି ଲୋକ ବିଶ୍ୱାସ କରନ୍ତି ଯେ ନଡ଼ିଆ ତେଲ ଚର୍ମ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଏଥିରେ ଥିବା ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ଲିନୋଲିକ୍ ଏସିଡ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଚର୍ମ ପାଇଁ ସେରମ୍ ପରି କାମ କରେ । ଏହା ତ୍ୱଚାକୁ ନରମ ରଖେ । କିନ୍ତୁ ଏହା ସଂପୂର୍ଣ୍ଣ ସତ୍ୟ ନୁହେଁ । ନଡ଼ିଆ ତେଲର ମଧ୍ୟ ଅନେକ ଗୁଡ଼ିଏ ଖରାପ ଗୁଣ ରହିଛି । ଏହି ତେଲଗୁ ତ୍ୱଚାରେ ଲଗାଇବା କ୍ଷତିକାରକ ହୋଇପାରେ ।

ତ୍ୱଚାରେ ପ୍ରତିଦିନ ନଡ଼ିଆ ତେଲ ଲଗାଇବା ଦ୍ୱାରା ଆଲର୍ଜି ହୋଇପାରେ । ମୁହଁରେ ନଡ଼ିଆ ତେଲ ଲଗାଇବା ଦ୍ୱାରା ବ୍ରଣ ସମସ୍ୟା ବଢ଼ି ଯାଇପାରେ । କାରଣ ଏହା ଆପଣଙ୍କ ଚେହେରାରେ ଅତିରିକ୍ତ ତେଲ ଜମା କରିଥାଏ । ନଡ଼ିଆ ତେଲ କମେଡୋଜେନିକ୍ ଅଟେ ଏବଂ ଏହା ଆପଣଙ୍କ ଓପନ୍ ପୋଟସ୍‌କୁ ବନ୍ଦ କରିଦିଏ । ଏହି କାରଣରୁ ବ୍ରଣ ସମସ୍ୟା ବଢ଼ିଯାଏ ।

ନଡ଼ିଆ ତେଲ ନିଜର ମଇଶ୍ଚରାଇଜିଂ ଗୁଣ ପାଇଁ ମଧ୍ୟ ବେଶ୍ ଲୋକପ୍ରିୟ । କିନ୍ତୁ ଏହି ନଡ଼ିଆ ତେଲ ତ୍ୱଚାକୁ – ମଶ୍ଚରାଇଜ କରିବା ବଦଳରେ ଡ୍ରାଏ କରିଥାଏ । ଏହା ଚର୍ମ ଉପରେ ଏକ ମୋଟା ଆସ୍ତରଣ ଜମା କରିଥାଏ । ଫଳରେ ତ୍ୱଚା ମଶ୍ଚରାଜ ହେବା ବଦଳରେ ଅତ୍ୟଧିକ ଡ୍ରାଏ ହୋଇଯାଏ ବୋଲି କିଛି ବିଶେଷଜ୍ଞ ମତ ଦେଇଛନ୍ତି ।

ବିନା ଛାଡ଼ପତ୍ରରେ ଦ୍ୱିତୀୟ ବିବାହ କରିଛନ୍ତି ଏହି ସେଲିବ୍ରେଟି

ମନୋରଞ୍ଜନ ଦୁନିଆରେ ବର୍ତ୍ତମାନ ସେଲିବ୍ରେଟିଙ୍କ ପାଇଁ ବିବାହ କରିବା ଏକ ଫେଶନ ପାଲଟିଛି । ଏମିତି କି ସେଲିବ୍ରେଟିମାନେ ଅଛନ୍ତି ଯେ କି ପ୍ରଥମ ପତ୍ନୀଙ୍କ ସହ ରହୁଥିବା ବେଳେ ଛାଡପତ୍ର ନକରି ମଧ୍ୟ ଦ୍ୱିତୀୟ ବିବାହ କରିଛନ୍ତି । ଯାହାଫଳରେ କି ପ୍ରଥମ ପତ୍ନୀଙ୍କ ହୃଦୟକୁ କଷ୍ଟ ଦେଇଛନ୍ତି । ଆମେ ସେହି ସେଲିବ୍ରେଟିଙ୍କ ବିଷୟରେ ଅବଗତ କରାଇବୁ ।

ଆଶିଷ ବିଦ୍ୟାର୍ଥୀ: ନିକଟରେ ଅଭିନେତା ଆଶିଷ ବିଦ୍ୟାର୍ଥୀ ଦ୍ୱିତୀୟ ଥର ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି । ଆଶିଷ (୬୦) ବର୍ଷ ବୟସରେ ରୁପାଲି ବରୁଆ(୩୨ଙ୍କୁ ବିବାହ କରିଛନ୍ତି । ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ତାଙ୍କର ପ୍ରଥମ ପତ୍ନୀ ରାଜୋଶି ବରୁଆ (ପିଲୁ ବିଦ୍ୟାର୍ଥୀ)ଙ୍କୁ ଛାଡପତ୍ର ଦେଇନାହାନ୍ତି ।

ରାଜ ବବର: ଅଭିନେତା ରାଜ ବାବର ମଧ୍ୟ ୨ୟ ବିବାହ କରିଥିଲେ । ସେ ପ୍ରଥମେ ନାଦିରା ଜହିରଙ୍କୁ ବିବାହ କରିଥିଲେ । କିନ୍ତୁ ନାଦିରାଙ୍କୁ ଛାଡପତ୍ର ନକରି ସେ ଦ୍ୱିତୀୟ ଥର ଅଭିନେତ୍ରୀ ସ୍ମିତା ପାଟିଲଙ୍କୁ ବିବାହ କରିଥିଲେ । ସେମାନଙ୍କ ସମ୍ପର୍କ ବେଶୀ ଦିନ ରହିନଥିଲା । ପୁଅ ପ୍ରତୀକ ଜନ୍ମ ହେବାର କିଛି ସମୟ ପରେ ସ୍ମିତାଙ୍କର ମୃତ୍ୟୁ ଘଟିଥିଲା । ରାଜ ବବର ପୁନର୍ବାର ତାଙ୍କର ପ୍ରଥମ ପତ୍ନୀଙ୍କ ସହ ରହିଥିଲେ ।

ସଲିମ୍ ଖାନ: ଏହି ତାଲିକାରେ ସ୍କ୍ରିନ୍ ଲେଖକ ସଲିମ ଖାନ ରହିଛି । ସଲମାନ ଖାନଙ୍କ ପିତା ସଲିମ ମଧ୍ୟ ଦୁଇଟି ବିବାହ କରିଥିଲେ ।

ସଲିମ ପ୍ରଥମେ ସୁଶୀଲା ଚରକ ଏବଂ ଦ୍ୱିତୀୟରେ ବଲିଉଡର ଡ୍ୟାନ୍ସ କୁଇନ୍ ହେଲେନଙ୍କୁ ବିବାହ କରିଥିଲେ । କିନ୍ତୁ ସେ ଆଜି ପର୍ଯ୍ୟନ୍ତ ତାଙ୍କର ପ୍ରଥମ ପତ୍ନୀଙ୍କୁ ଛାଡପତ୍ର ଦେଇନାହାନ୍ତି ।

ମହେଶ ଭଟ୍ଟ: ଏହି ତାଲିକାରେ ଚଳଚ୍ଚିତ୍ର ନିର୍ମାତା ମହେଶ ଭଟ୍ଟଙ୍କ ନାମ ମଧ୍ୟ ଆସିଛି । ମହେଶ ମଧ୍ୟ ପ୍ରଥମ ପତ୍ନୀଙ୍କୁ ଛାଡପତ୍ର ନକରି ଦ୍ୱିତୀୟ ଥର ବିବାହ କରିଥିଲେ । ପ୍ରକୃତରେ, ମହେଶ ପ୍ରଥମେ ଲୋରେନ୍ ବ୍ରାଇଟ୍‌ଙ୍କୁ ବିବାହ କରିଥିଲେ ଏବଂ ପରେ ପରଭେନ ବାବିଙ୍କ ସହ ଅନୈତିକ ସଂପର୍କ ରଖିଥିଲେ । ବିନା ଛାଡପତ୍ରରେ ବି ଲୋରେନ୍ ବ୍ରାଇଟ୍ ନିଜେ ମହେଶଙ୍କ ଠାରୁ ଅଲଗା ହୋଇଯାଇଥିଲେ । ପରେ ମହେଶ ଦ୍ୱିତୀୟ ଥର ପାଇଁ ସୋନି ରଜଦାନଙ୍କୁ ବିବାହ କରିଥିଲେ ।

ସଞ୍ଜୟ ଖାନ: ଏହି ତାଲିକାରେ ବଲିଉଡ ସୁପରଷ୍ଟାର ସଞ୍ଜୟ ଖାନ ମଧ୍ୟ ସାମିଲ ଅଛନ୍ତି । ସଞ୍ଜୟ ଖାନ ମଧ୍ୟ ଦୁଇ ଥର ବିବାହ କରିଛନ୍ତି । ସେ ପ୍ରଥମେ ଜରିନ୍ ଖାନଙ୍କୁ ବିବାହ କରିଥିଲେ । ଜରିନଙ୍କ ସହ ରହି ମଧ୍ୟ ସଞ୍ଜୟ ଅଭିନେତ୍ରୀ ଜିନତ ଅମାନଙ୍କ ପ୍ରେମ ସଂପର୍କ ଗଢ଼ିଉଠିଥିଲା । ସଞ୍ଜୟ ଛାଡପତ୍ର ନଦେଇ ଜିନତଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଜିନତଙ୍କ ସହ ତାଙ୍କର ସମ୍ପର୍କ ଅଧିକ ଦିନ ରହିଲା ନାହିଁ ଏବଂ ସେମାନେ ଉଭୟ ଛାଡପତ୍ର ଦେଇଥିଲେ ।

ଧର୍ମେନ୍ଦ୍ର: ଏହି ତାଲିକାରେ ବଲିଉଡ ସୁପରଷ୍ଟାର ଧର୍ମେନ୍ଦ୍ର ମଧ୍ୟ ସାମିଲ ଅଛନ୍ତି । ଧର୍ମେନ୍ଦ୍ର ପ୍ରୋଫେସନାଲ ଲାଇଫ୍ ସହିତ ଲଭ ଲାଇଫ୍‌କୁ ନେଇ ବି ପାଇଁ ଚର୍ଚ୍ଚାରେ ରହିଥିଲେ । ଧର୍ମେନ୍ଦ୍ର ଦୁଇ ଥର ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଧର୍ମେନ୍ଦ୍ର ପ୍ରଥମେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ । ଚାରି ସନ୍ତାନର ଜନକ ହୋଇଥିଲେ । ପରେ ହେମା ମାଲିନୀଙ୍କୁ ହୃଦୟ ଦେଇଥିଲେ । ସେ ତାଙ୍କର ପ୍ରଥମ ପତ୍ନୀଙ୍କୁ ଛାଡପତ୍ର ନକରି ହେମା ମାଲିନିଙ୍କୁ ବିବାହ କରିଥିଲେ ।

ଟଙ୍କା ପାଇଁ ମା'ର ଶବକୁ ୬ ବର୍ଷ ଘରେ ରଖିଥିଲା

ସାଧାରଣତଃ ମଣିଷର ମୃତ୍ୟୁ ଘଟିଲେ ମୃତଦେହକୁ ସତ୍କାର କରିଥାନ୍ତି ତାର ସ୍ୱପରିଜନ । କିନ୍ତୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ବ୍ୟକ୍ତି ତା'ର ମା'ଙ୍କ ମୃତ୍ୟୁ ପରେ ବି ଶବ ସତ୍କାର କରିନଥିଲେ । ମା'ଙ୍କ ଶବ ସହିତ ଦୁଇ-ଚାରି ମାସ ନୁହେଁ, ଦୀର୍ଘ ୬ ବର୍ଷ ରହିଥିଲେ । ଆପଣ ନିଶ୍ଚୟ ଏପରି ଅନେକ କାହାଣୀ ଶୁଣିଥିବେ, ଯେଉଁଥିରେ ଲୋକମାନେ ସମ୍ପର୍କୀୟଙ୍କ ମୃତଦେହ ସହିତ ବର୍ଷ ବର୍ଷ ବିତାଇଥା'ନ୍ତି । କିନ୍ତୁ ଏହି କାହାଣୀ ଟିକିଏ ଭିନ୍ନ । ଯେକି ଜନ୍ମ କଲା ପୁଅ ମା'କୁ ଭଲ ପାଇ ଏପରି କରିନି, ବରଂ ନିଜର ସ୍ୱାର୍ଥ ପାଇଁ ଏପରି କରିଥିବା ସୂଚନା ମିଳିଛି । ଡେଲି ଷ୍ଟାରର ରିପୋର୍ଟ ଅନୁଯାୟୀ ମୃତ ମହିଳାଙ୍କ ନାମ ହେଉଛି ହେଲଗା ମାରିଆ ହେଙ୍ଗବାର୍ଟ । ହେଲଗାଙ୍କ ମୃତ୍ୟୁ ପରେ ଦୀର୍ଘ ୬ ବର୍ଷ ଧରି ତାଙ୍କ ପୁଅ ମୃତଦେହକୁ ଘରେ ରଖିଥିଲେ । ଯେତେବେଳେ ପଡ଼ୋଶୀ ପଚାରିଥିଲେ ତୁମ ମା' କେଉଁଠି ଦେଖାନାହାନ୍ତି । ସେ ପଡ଼ୋଶୀମାନଙ୍କୁ କହିଥିଲେ ଯେ ମାଆ ଜର୍ମାନକୁ ଯାଇଛନ୍ତି । କିନ୍ତୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ବ୍ୟକ୍ତି ଜଣକ ତାଙ୍କ ମୃତ ମାଆଙ୍କ ନାମରେ ପେନସନ୍ ଆଣୁଥିବାରୁ ଏପରି କରିଥିଲେ । ୬ ବର୍ଷ ସେ ତାଙ୍କ ମା'ଙ୍କ ମୃତଦେହ ରଖି ପ୍ରାୟ ୧,୫୬୯,୦୦୦ ଅର୍ଥାତ୍ ୧ କୋଟି ୫୯ ଲକ୍ଷ ଟଙ୍କା ପାଇଛନ୍ତି । ଯେତେବେଳେ ଦୀର୍ଘ ୬ ବର୍ଷ ଧରି ହେଲଗା ତାଙ୍କ ସ୍ୱାସ୍ଥ୍ୟ କାର୍ଡରୁ କିଛି ବି ଖର୍ଚ୍ଚ କରିନଥିଲେ , ସତେବେଳେ ଇଟାଲୀ କର୍ତ୍ତୃପକ୍ଷ ସନ୍ଦେହ ପ୍ରକଟ କରିଥିଲେ । ଯେତେବେଳେ ସେମାନେ ଘରେ ଚଢ଼ଉ କରିଥିଲେ, ପୁଅ ସେଠାରେ ନଥିଲା । କିନ୍ତୁ ହେଲଗାଙ୍କ ମୃତଦେହ ବେଡ୍‌ରେ ଗୁଡ଼ାଇ ପ୍ୟାକ୍ କରିଥିବାର ପୋଲିସ୍ ଦେଖିବାକୁ ପାଇଥିଲେ । ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଶବ ବ୍ୟବଚ୍ଛେଦ ପରେ ଜଣାପଡିଥିଲା ଯେ ହେଲଗାଙ୍କର ୬ ବର୍ଷ ପୂର୍ବରୁ ମୃତ୍ୟୁ ହୋଇସାରିଛି । ବର୍ତ୍ତମାନ ସେ ମୃତଦେହ ଜରିଆରେ କିପରି ପେନସନ୍ ଉଠାଇଛନ୍ତି ତାହା ପୋଲିସ ଅନୁସନ୍ଧାନ କରୁଛି ।



ଆଇଏମ୍‌ଡିବିର ଟପ୍ ୧୦ ଲିଷ୍ଟରେ 'ଦମନ'

ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଆସିଛି ଏକ ଖୁସି ଖବର । ଓଡ଼ିଆ ଫିଲ୍ମ 'ଦମନ' ଏବେ ଇଣ୍ଟରନେଟ୍ ମୁଭି ଡ଼ାଟାବେସ୍ (ଆଇଏମଡ଼ିବି)ର ଫିଲ୍ମ ଟପ୍ ୧୦ ଲିଷ୍ଟରେ ୯ମ ସ୍ଥାନରେ ରହିଛି । ସେହିପରି ରେଟିଂରେ ମଧ୍ୟ ୧୦ରୁ ୯ ରହିଛି । ଏହାକୁ ନେଇ ସୋସିଆଲ ମିଡ଼ିଆରେ ଅନେକ ପୋଷ୍ଟ ଭାଇରାଲ ହୋଇଛି । ଫିଲ୍ମ 'ଦମନ' ଗତ ନଭେମ୍ବର ୪ ତାରିଖରେ ରିଲିଜ୍ ହୋଇଥିଲା । ଏହି ଫିଲ୍ମକୁ ଦର୍ଶକ ଖୁବ୍ ପସନ୍ଦ ବି କରିଥିଲେ । ଆଉ ଅଭିନେତା ବାବୁସାନଙ୍କ ନିଖୁଣ ଅଭିନୟ ମଧ୍ୟ ଲୋକଙ୍କୁ ପସନ୍ଦ ଆସିଥିଲା । ଫିଲ୍ମଟି ରିଲିଜ୍ ହେବା ପରଠୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ପ୍ରଶଂସା ସବୁଠି ଦେଖିବାକୁ ମିଳୁଛି । ଏହାକୁ ଦୀପେନ୍ଦ୍ର ସାମଲ ପ୍ରଯୋଜନା କରିଥିବାବେଳେ ବିଶାଲ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ନିର୍ଦ୍ଦେଶନା କରିଥିଲେ ।

ଆପଣଙ୍କର ନଖ ହଳଦିଆ ପଡୁଛି କି ?

ଆପଣଙ୍କର ନଖ ହଳଦିଆ ଦେଖାଯାଉଛି କି ତେବେ ତୁରନ୍ତ କରନ୍ତୁ ଡାକ୍ତରୀ ଚିକିତ୍ସା । ନହେଲେ ଆପଣଙ୍କ ଭୋଗିବେ ବଡ଼ ସମସ୍ୟା । ଯେଉଁମାନଙ୍କର ନଖ ହଳଦିଆ ଦେଖାଯାଉଛି ସେମାନେ ଏକ ରୋଗରେ ପୀଡିତ ଅଛନ୍ତି ବୋଲି ଜାଣିବେ । ଯାହାକୁ କୁହାଯାଏ ୟେଲୋ ନେଲ୍ ସିଣ୍ଡ୍ରୋମ (YNS) । ଏହା ହେଉଛି ଏକ ଶାରୀରିକ ବ୍ୟାଧି । ଏହି ରୋଗର ପ୍ରଭାବରେ ନଖଗୁଡ଼ିକ ଧୀରେ ଧୀରେ ସେମାନଙ୍କର ଉଜ୍ଜ୍ୱଳତା ହରାଇବା ଆରମ୍ଭ କରନ୍ତି । ୟେଲୋ ନେଲ୍ ସିଣ୍ଡ୍ରୋମ ରୋଗ ବହୁତ କମ୍ ଲୋକଙ୍କଠାରେ ଦେଖାଯାଏ । ୟେଲୋ ନେଲ ସିଣ୍ଡ୍ରୋମ ହେତୁ ରୋଗୀର ଫୁସଫୁସ୍‌ରେ ସମସ୍ୟା ଦେଖାଯାଏ । ଏହି ରୋଗ ଯେ କୌଣସି ବ୍ୟକ୍ତିଙ୍କୁ ହୋଇପାରେ । କିନ୍ତୁ ପ୍ରାୟତଃ ୫୦ ବର୍ଷରୁ ଅଧିକ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରେ ଦେଖାଯାଏ । ୟେଲୋ ନେଲ ସିଣ୍ଡ୍ରୋମର ଲକ୍ଷଣ ସାଧାରଣତଃ ଫୁସଫୁସ କର୍କଟ, ସ୍ତନ କର୍କଟ ରୋଗୀଙ୍କ ଠାରେ ଦେଖାଯାଏ । ୟେଲୋ ନେଲ ସିଣ୍ଡ୍ରୋମର ସମସ୍ୟା ମଧ୍ୟ FOXP2 ଜିନ୍‌ରେ ପରିବର୍ତ୍ତନ କାରଣରୁ ହୋଇଥାଏ । ଏହା ଫଳରେ ରୋଗୀ ପାଦ ଫୁଲିଯାଏ । ରୋଗୀର କ୍ରମାଗତ କାଶ ହୋଇଥାଏ, ଶ୍ୱାସକ୍ରିୟାରେ ସଂକ୍ରମଣ ସୃଷ୍ଟି ହୁଏ ।

ୟୋଲୋ ନେଲ ସିଣ୍ଡ୍ରୋମ ରୋଗୀର ୩ ଲକ୍ଷଣ ଆଧାରରେ ଚିକିତ୍ସା କରାଯାଏ । ନଖ ହଳଦିଆ, ଫୁସଫୁସ ସମସ୍ୟା ଯେପରିକି କାଶ କିମ୍ବା ବ୍ରୋଙ୍କାଇଟ୍ସିସ୍ ଏବଂ ପାଦ ଫୁଲା । ଏହି ୩ଟି ପ୍ରମୁଖ ଲକ୍ଷଣ ଆଧାରରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପ୍ରଥମେ ରୋଗୀର ଫୁସଫୁସ ସଠିକ୍ ଭାବରେ କାମ କରୁଛି କି ନାହିଁ ଯାଞ୍ଚ କରନ୍ତି । ପାଦରେ ଫୁଲା ମଧ୍ୟ ଯାଞ୍ଚ କରନ୍ତି । ୟୋଲେ ନେଲ ସିଣ୍ଡ୍ରୋମ ହେଲେ ରୋଗୀର ଫୁସଫୁସ୍ ଅଧିକ ପ୍ରଭାବିତ ହୁଏ । ନିଶ୍ୱାସ ନେବାରେ ଅସୁବିଧା ସୃଷ୍ଟି ହୁଏ । ଯାହା ନିମୋନିଆ ଭଳି ରୋଗର କାରଣ ହୋଇପାରେ ।

ଏହି ରୋଗ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ଉପଶମ ମିଳିପାରି ନାହିଁ । ଅବଶ୍ୟ, ପ୍ଲୁରାଲ୍ ଇଫ୍ୟୁଜନ୍ ଚିକିତ୍ସା ପାଇଁ ଅସ୍ତ୍ରୋପଚାର ମଧ୍ୟ ବ୍ୟବହୃତ ହୁଏ । ଏହା ବ୍ୟତୀତ ଫୁସ୍‌ଫୁସ୍ ସଂକ୍ରମଣ ଏବଂ ବ୍ରୋଙ୍କାଇଟ୍ସିସ୍ ଚିକିତ୍ସା ପାଇଁ ଆଣ୍ଟିବାୟୋଟିକ୍ ମଧ୍ୟ ଦିଆଯାଏ । ଏହା ସହିତ ଶରୀରରେ ରକ୍ତ ସଞ୍ଚାଳନ ଏବଂ ଫୁଲାକୁ ଭଲ କରିବା ପାଇଁ ଫିଜିଓଥେରାପି ମଧ୍ୟ କରାଯାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

କଟକ (ଭାସ୍କର ନ୍ୟୁଜ୍): ସି.ଡ଼ି.ଏ, ସେକ୍ଟର -୬, ୱାର୍ଡ଼ ନଂ ୬ଠାରେ ପେଟାନାଳ ନିକଟରେ ଦୀର୍ଘ ଦିନ ଧରି ୨୩ ଗୋଟି ଉଠାଦୋକାନ ତିଆରି ହୋଇ ସେଥିମଧ୍ୟରୁ ୨୦ଟି ଉଠାଦୋକାନ ହସ୍ତାନ୍ତର କରାଯାଇଅଛି । ଏଥିମଧ୍ୟରୁ ୨୦ ଗୋଟି ଦୋକାନ ଉଠାଦୋକାନୀଙ୍କୁ ଥଇଥାନ କରାଯାଇ ତାଙ୍କଠାରୁ ଟ୫୦୦୦/-କ୍ଷା ନେଇ ସେହିଠାରେ ଉଠା ଦୋକାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦୀର୍ଘ ୧୧ମାସଧରି କଟକ ମହାନଗର ନିଗମ ଉଠାଦୋକାନୀଙ୍କଠାରୁ ଟ୫୦୦୦/-କ୍ଷା ନେଇ ସେମାନଙ୍କୁ ସର୍ବ ନିମ୍ନ ମୌଳିକ ଅଧିକାର ଆଲୋକ ଓ ପାନୀୟ ଜଳର ବ୍ୟବସ୍ଥା ନ କରିବା ଦ୍ୱାରା ସେହି ସ୍ଥାନରେ ଉକ୍ତ ଉଠାଦୋକାନୀମାନେ ଦୋକାନ ନକରି ରାସ୍ତା କଡ଼ରେ ଦୋକାନ ବିସ୍ତାର କରି ଚାଲିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ସେଥିମଧ୍ୟରୁ ଲଳିତ କୁମାର ଗୁପ୍ତାନାମକ ଜଣେ ଉଠାଦୋକାନୀ ଉକ୍ତ ସ୍ଥାନରେ ଦୋକାନ କରିବା ପାଇଁ ବିଦ୍ୟୁତ ଯୋଗାଇ ଦେବାପାଇଁ ଅଂଚଳର ଝଟଉଡଉଖ କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ଆବେଦନ କରିଥିଲେ ମଧ୍ୟ କଟକ ମହାନଗର ନିଗମର ଦାୟିତ୍ୱ ହୀନତା ଯୋଗୁଁ ଉକ୍ତ ଅଂଚଳରେ ବିଦ୍ୟୁତ ସଂଯୋଗ କିମ୍ୱା ପାନୀୟ ଜଳର ସଂଯୋଗ ହୋଇପାରୁନାହିଁ । ଫଳରେ ଗ୍ରୀଷ୍ମ ଋତୁରେ ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ଉକ୍ତ ସ୍ଥାନରେ ବିଦ୍ୟୁତ କିମ୍ୱା ଛାଇର ବ୍ୟବସ୍ଥା ନଥିବାରୁ ଉଠାଦୋକାନୀମାନେ ଉକ୍ତ ସ୍ଥାନରେ ବ୍ୟବସାୟ କରିବା ପାଇଁ ଅମଙ୍ଗ ହେଉଛନ୍ତି । ଏବେ ପେଟାନାଳରେ ଗଢ଼ି ଉଠିଥିବା ଉଠାଦୋକାନୀ ଗୁଡ଼ିକର କବାଟ ଓ ଟିଣ ବର୍ଷା, ଝଡ଼ଯୋଗୁଁ ଭାଙ୍ଗି ଯାଇଥିବାରୁ ରାତ୍ରିରେ ଅସାମାଜିକ ବ୍ୟକ୍ତିମାନେ ଆଡ଼ା ଜମାଉଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟବଳୀ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟବଳୀ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ପ୍ରାୟ ସମସ୍ତ ପ୍ରତିଶ୍ରୁତିକୁ ସଫଳତାର ସହ ପୂରଣ କରିଛନ୍ତି।, 'ରାଜ୍ୟବ୍ୟାପୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଭିଜ୍ଞତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ବିଭାଗ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି ପଦକ୍ଷେପଗୁଡ଼ିକ ପିଲାମାନଙ୍କର ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା, ଅନ୍ତର୍ନିହିତ ଗୁଣାବଳୀକୁ ପ୍ରୋତ୍ସାହିତ କରିବା ଏବଂ ଦ୍ରୁତ ବିକଶିତ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଛି । ନିରପେକ୍ଷ ଏବଂ ନିଷ୍କଷ୍ଟ ଅନୁଶୀଳନପୂର୍ବକ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରି ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଜାତୀୟ ହାରାହାରିକୁ ଅତିକ୍ରମ କରି ପ୍ରଦର୍ଶନ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ୨୦୨୦-୨୧ ଏବଂ

ନ୍ୟାସନାଲ ଆଚିଭମେଣ୍ଟ ସର୍ଭେ (ଏନଏଏସ)-୨୦୨୧ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି।୨୦୨୩-୨୪ ଆର୍ଥିକ ବର୍ଷର ବଜେଟରେ ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରକୁ ଏକ ବଡ଼ ଆବଂଟନ ମିଳିଥିବା ବେଳେ ରାଜ୍ୟ ସରକାର ୨୨୫୨୭୮.୨୩ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସରକାରଙ୍କ ୫-'ଟି' ଅଧୀନରେ ହାଇସ୍କୁଲ ଟ୍ରାନ୍ସଫର୍ମେସନ୍ ୩ଟି ପର୍ଯ୍ୟାୟରେ ୬୧୨୩ଟି ବିଦ୍ୟାଳୟର ରୂପାନ୍ତର କରାଯାଇଛି। ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର, ପାନୀୟ ଜଳ ଓ ପରିମଳ, କ୍ରୀଡ଼ା ଭିତ୍ତିଭୂମି, ପରିବେଶର ରୂପରେଖ ୫-'ଟି' ନୀତି ଅନୁସରଣରେ ରୂପାନ୍ତରିତ ବିଦ୍ୟାଳୟ ମାନଙ୍କରେ ରହିଛି । ୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ସମଗ୍ର ହାଇସ୍କୁଲ ଇକୋସିଷ୍ଟମରେ ପରିବର୍ତ୍ତନ ଆଣି ୫-'ଟି' ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଶେଷ ହେବ। ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁଶୀଳନ କରାଯାଇ ଶିକ୍ଷାଗତ ପରିବର୍ତ୍ତନର ଏକ ଅଂଶ ଭାବରେ ଦକ୍ଷତା ଆକଳନ ସଂସ୍କାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶାର ସମସ୍ତ ବ୍ଲକରେ ମୋଟ ୩୧୫ଟି ଓଏଭି (ଓଡ଼ିଶା ଆଦର୍ଶ ବିଦ୍ୟାଳୟ) ସହିତ ୩୧୩ଟି ଶିକ୍ଷାନୁଷ୍ଠାନ, ୧୭୦ଟି ବାଳିକା ହଷ୍ଟେଲ ଓ ୩୨ଟି ବାଳକ ହଷ୍ଟେଲ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ୫ ବର୍ଷ ମଧ୍ୟରେ ମୋ ସ୍କୁଲ ଯୋଜନା ଦ୍ୱାରା ୩୦ ଲକ୍ଷରୁ ଅଧିକ ପୂର୍ବତନ ଛାତ୍ରଛାତ୍ରୀ ଏବଂ ଅଭିଭାବକ ତଥା ସମ୍ପ୍ରଦାୟ ସଦସ୍ୟଙ୍କ ସହ ସଫଳତାର ସହ ସହଯୋଗିତା ମାଧ୍ୟମରେ ୫୦,୨୬୩ ଟି ବିଦ୍ୟାଳୟରେ ଆଖିଦୃଶିଆ ପରିବର୍ତ୍ତନ ଘଟିଛି । ଏହାବ୍ୟତୀତ ମୋ ସ୍କୁଲ ଯୋଜନା ସ୍କୁଲ ଆଡପ୍ସନ ପ୍ରୋଗ୍ରାମ ହାତକୁ ନେଇଥିଲା ଯେଉଁଥିରେ ନିଜ ସ୍କୁଲରେ ଯୋଗଦାନ କରିବାକୁ ଇଚ୍ଛା ରଖିଥିବା ବିଶିଷ୍ଟ ବ୍ୟକ୍ତିମାନେ ଉଭୟ ଶୈକ୍ଷିକ ଏବଂ ଅଣଶିକ୍ଷାଗତ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିପାରିବେ । ଓଡ଼ିଶା ଇତିହାସରେ ଏକକାଳୀନ ସର୍ବବୃହତ୍ ନିଯୁକ୍ତି ରେ ବିଭାଗ ଗତ ୨-୩ ବର୍ଷ ମଧ୍ୟରେ ରେକର୍ଡ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିଛି। ଏହି ସଫଳତା ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତରେ ଯଥେଷ୍ଟ ଉନ୍ନତି ଆଣିବାରେ ସହାୟକ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍, ମାର୍କସିଟ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ଡିଜିଲକର ସୁବିଧା କାର୍ଯ୍ୟକାରୀ କରାଯାଇଛି। ଏହି ଭର୍ଚୁଆଲ ଲକର ଦସ୍ତାବିଜଗୁଡିକର ସୁରକ୍ଷିତ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରେ, ଚୋରି କିମ୍ୱା କ୍ଷତିର ବିପଦକୁ ଦୂର କରିଥାଏ । ଡିଜିଲକର ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀମାନେ ଆବଶ୍ୟକ ସ୍ଥଳେ ସହଜରେ ସେମାନଙ୍କ ଶିକ୍ଷାଗତ ଦସ୍ତାବିଜ କୁ ଆକସେସ୍ କରିପାରିବେ ଏବଂ ସେମାନଙ୍କୁ ସେମାନଙ୍କର ଶୈକ୍ଷିକ ରେକର୍ଡକୁ ସୁରକ୍ଷିତ ରଖିବାପାଇଁ ଏକ ସୁରକ୍ଷିତ ଏବଂ ଅସୁବିଧାମୁକ୍ତ ପଦ୍ଧତି ପ୍ରଦାନ କରିପାରିବେ । ନିକଟରେ ପ୍ରକାଶିତ ଦଶମ ବୋର୍ଡ ରେଜଲ୍ଟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୁଣି ଥରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି।

ନୂଆପାଟଣା ନାବାଳିକା ଅପହରଣ ବଳତ୍କାର ମାମଲା

ଆସାମୀ ଦିଗା ପ୍ରଧାନକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ତିଗିରିଆ ଥାନା ଅଧିନସ୍ଥ ନୂଆପାଟଣା ଅଂଚଳରେ ହୋଇଥିବା ଏକ ନାବାଳିକା ଅପହରଣ ଓ ବଳତ୍କାର ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଆସାମୀ ଦିଗା ଓରଫ ଦିଗାମ୍ବର ପ୍ରଧାନ (୫୫)କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ଆସାମୀକୁ ୧୦ ହଜାର ଟଙ୍କାର ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଆସାମୀକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ସେହିପରି କୋର୍ଟ ପିଡିତାକୁ ୪ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ ମଧ୍ୟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ୨୦୧୩ ମସିହା ମଇ ୧୧ ତାରିଖରେ ଘଟଣା ଘଟିଥିଲା । ଆସାମୀ ଜଣେ ନୂଆପାଟଣା ଅଂଚଳର ୧୬ ବର୍ଷୀୟା ନାବାଳିକାକୁ ଅପହରଣ କରି ନେଇ ବଳତ୍କାର କରିଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା । ଘଟଣା ଦିନ ହିଁ ଅଭିଯୁକ୍ତ ବିରୋଧରେ ତିଗିରିଆ ଥାନାରେ ପିଡିତାର ପରିବାର ଏତଲା ରୁଜୁ କରାଯାଇଥିଲା । ଗିରଫ ପରେ ପୁଲିସ୍ ୨୦୧୩ ମସିହା ଅକ୍ଟୋବର ୭ ତାରିଖରେ କୋର୍ଟରେ ଆସାମୀ ବିରୋଧରେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲା । ସେହିପରି ୨୦୧୩ ମସିହା ନଭେମ୍ବର ୨୫ ତାରିଖରେ ଆସାମୀ ବିରୋଧରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିଲା । କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିଲା । ମାମଲାରେ ୨୭ ଜଣଙ୍କର ସାକ୍ଷ୍ୟ ଗ୍ରହଣ ହୋଇଥିବାବେଳେ ୧୭ଟି ପ୍ରାମାଣିକ ନଥିପତ୍ରକୁ ବିଚାରକୁ ନିଆଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ ।

ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଅମଲାଙ୍କ ସମୂହ ଛୁଟି ପାଇଁ ଚିଠି

କଟକ (ଭାସ୍କର ନ୍ୟୁଜ୍): କଟକ ଆରଏଣ୍ଡ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାର ଅବହେଳା ପ୍ରଦର୍ଶନ କରୁଥିବା ନେଇ ଗତ ମାସ ୯ ତାରିଖରେ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ନିଷ୍ପତ୍ତି ଅନୁସାରେ ଆଜି କର୍ମଚାରୀମାନେ ସମୂହ ଛୁଟିରେ ଯିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି । ଓଆର୍ଏସପି ନିୟମ -୨୦୧୭ ଅନୁଯାୟୀ ଜିଲ୍ଲାସ୍ତରୀୟ ଅମାଲଙ୍କର ଚାକିରି ପ୍ରବେଶ ଦରମା ବୃଦ୍ଧି କରାଯାଇ ଲେବୁଲ ୪ରୁ ଲେବୁଲ ୯ ପର୍ଯ୍ୟନ୍ତ କରାଯାଉ ବୋଲି ଦାବି କରାଯାଇଥିବା ବେଳେ ସରକାରୀ ସ୍ତରରେ ଏଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

'ସମସ୍ତ ଗରିବ ଓ ନିମ୍ନ ମଧ୍ୟବିତ୍ତ ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ କରାଯାଇଛି ମୋ ଗୃହ ଯୋଜନାର ଶୁଭାରମ୍ଭ'

ଭୁବନେଶ୍ୱର (ଭାସ୍କର ନୁଜ): ସମସ୍ତ ଗରିବ ଓ ନିମ୍ନ ମଧ୍ୟବିତ୍ତ ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମୋ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି କହିଛନ୍ତି ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ । ସେ କହିଛନ୍ତି ଯେ ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ସରକାରଙ୍କୁ ୧୪ ଲକ୍ଷ ଘର ଆମେ ବାରମ୍ବାର ମାଗିଥିଲୁ । ବାରମ୍ବାର ଦଉଡ଼ିବା ପରେ କେନ୍ଦ୍ର ସରକାର ୧୪ ଲକ୍ଷ ପରିବର୍ତ୍ତେ ସାଢ଼େ ନଅ ଲକ୍ଷ ଘର ଦେଲେ । ତେଣୁ ସମସ୍ତ ଗରିବ ଓ ନିମ୍ନ ମଧ୍ୟବିତ୍ତ ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମୋ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି । ଆମେ ଏଥିରେ କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ଥିବା କ୍ରାଇଟେରିଆ କୁ ବହୁତ କୋହଳ କରିଛୁ । କେନ୍ଦ୍ର ନ ଦେବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟ ଅର୍ଥ ରୁ ନିଜସ୍ୱ ଯୋଜନା କରିଛନ୍ତି । ସେ କହିଛନ୍ତି ଯେ ମୋ ଘର ବଂଟନ ରେ ଯଦି କୌଣସି ସମସ୍ୟା ଦେଖା ଦେବ ତାକୁ ଆମେ ଦେଖିବୁ ସମାଧାନ ବି କରିବୁ । କେନ୍ଦ୍ର ସରକାର ପକ୍ଷରୁ ଯୋଗାଇ ଦିଆ ଯାଇଥିବା ସାଢ଼େ ନଅ ଲକ୍ଷ ଘର କେବେ ବଂଟା ହେବ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ କେନ୍ଦ୍ର ୬୦ ପ୍ରତିଶତ ଦେଲେ ଆମେ ୪୦ ପ୍ରତିଶତ ଅଂଶଧନ ଦେଉଛୁ । ତା ପରେ ଇନସେଟିଭ ବାବଦକୁ ୧୦ ହଜାର ଓ ୨୦ ହଜାର ଟଙ୍କା ଦେଉଛୁ । ତା ପରେ ସବୁ ମେସିନାରି ଖର୍ଚ୍ଚ ବା ଦରମା ବି ଆମେ କରୁ । ତେଣୁ କେନ୍ଦ୍ର ସରକାର ଯାହା ଦେଉଛନ୍ତି ତାହା ଠୁ ଅଧିକ ରାଜ୍ୟ ସରକାର ବହନ କରୁଛନ୍ତି । ଆସିଥିବା ସାଢ଼େ ନଅ ଲକ୍ଷ ଘର ବଂଟନ ନେଇ କାର୍ଯ୍ୟକ୍ରମ ପ୍ରାୟ ସରିବା ଉପରେ ରହିଛି ଖୁବଶୀଘ୍ର ବଣ୍ଟାଯିବ।

କ୍ରିଷ୍ଣା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ରୋଟାରୀ ଭବନଠାରେ କ୍ରିଷ୍ଣା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷା ସ୍ୱର୍ଣ୍ଣଲତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମାନ୍ୟବର ଜୟଦେବ ବିଧାୟକ ଅରବିନ୍ଦ ଡାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହ ଅଧ୍ୟୟନରତ ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରଛାତ୍ରୀମାନଙ୍କୁ ଉଭବିଷ୍ୟତ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ

ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ମଣିଷ ହୋଇ ଦେଶ ଗଠନ ପାଇଁ ବାହାରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନାବୋର୍ଡର ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନିତ ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କଂଗ୍ରେସର ମେୟର ପ୍ରାର୍ଥିନୀ ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉନ୍ନତି କାମନା କରିବା ସହିତ ସିନିୟର ଓ ଜୁନିୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖି ପାଠ ପଢିଲେ ଆଗକୁ ଯାଇହେବ ବୋଲି କହିଥିଲେ। ସେମାନେ ନିଜ ନିଜ ବକ୍ତବ୍ୟରେ ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରି ପ୍ରତିଯୋଗିତାମୂଳକ ମନୋଭାବ ରଖି ଉଚିତ୍ ମାର୍ଗରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାରେ ସହଯୋଗ କରିବାକୁ ଏବଂ ଗୁରୁ ପଦବାଚ୍ୟର ନାମକୁ ସାର୍ଥକ କରିବାକୁ କଲେଜର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ କଲେଜର ଅଧକ୍ଷା ସ୍ୱର୍ଣ୍ଣଲତା ମିଶ୍ର ଅତିଥିମାନଙ୍କୁ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିବାକୁ ମଞ୍ଚକୁ ପାଛୋଟି ନେଇଥିଲେପରେ ପରେ ବାର୍ଷିକ ବିବରଣୀ ପାଠ କରିଥିଲେ।

ଧୀରେଧୀରେ ଲୋକଙ୍କ ଆସ୍ଥାଭାଜନ ହେଉଛନ୍ତି ବିଜେପି ଯୁବନେତା ପ୍ରଦୀପ

ଜଗତସିଂହପୁର,(ଭାସ୍କର ନ୍ୟୁଜ୍): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ଜଗତସିଂହପୁର ଜିଲ୍ଲା ରାଜନୀତି ଏବେ ଚଳଚଞ୍ଚଳ ହେଉଥିବା ବେଳେ, ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳ ଗୁଡ଼ିକର ପରିସ୍ଥିତି ଏକରକମ ଗୋଳିଆ ଅବସ୍ଥାରେ ଚାଲିଛି । ଏହି ପ୍ରମୁଖ ରାଜନୈତିକ ଦଳ ଗୁଡିକରେ ଗୋଷ୍ଠୀ କନ୍ଦଳ, ସାଙ୍ଗଠନିକ ଦୁର୍ବଳତା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ, ଦୀର୍ଘଦିନ ଧରି ସଙ୍ଗଠନ ତଥା ଜିଲ୍ଲାବାସୀଙ୍କ ଠାରୁ ଦୂରେଇ ରହିଥିବା କିଛି ଆଗ ଧାଡ଼ିର ନେତା ପୁଣି ଲୋକଙ୍କ ନିକଟତର ହେବାକୁ ନିଜ ନିଜର ରଣ କୌଶଳ ତଥା ଖସଡ଼ା ପ୍ରସ୍ତୁତ କରିବାରେ ଲାଗି ପଡ଼ିଲେଣି। ଉଦ୍ଦେଶ୍ୟ ଜେନତେନ ଉପାୟରେ ଦଳୀୟ ଟିକେଟ ହାସଲ। କିନ୍ତୁ ଏଥିରେ ଅନ୍ତରାୟ ସୃଷ୍ଟି କରୁଛନ୍ତି କିଛି ଉଦୀୟମାନ ସୁଶିକ୍ଷିତ ଯୁବ ନେତା। ଏପରିକି ଏହି ଯୁବନେତା ମାନେ ବିଭିନ୍ନ ପ୍ରକାର ସମାଜସେବା ରେ ଲିପ୍ତ ରହିବା ସହ ଲୋକଙ୍କ ସେବାରେ ଏକରକମ ନିଜକୁ ସମର୍ପିଦେଇ ଲୋକଙ୍କ ଆସ୍ଥାଭାଜନ ହେବାରେ ସଫଳ ହେଉଛନ୍ତି। ସେହିଭଳି ଜଣେ ସଫଳ ଯୁବନେତା ଭାବେ ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଛନ୍ତି ବିଜେପିର ଯୁବନେତା ପ୍ରଦୀପ ସେଠୀ। ୧୯୮୫ ମସିହାରେ ଜଗତସିଂହପୁର ସହରରେ

ଜନ୍ମିତ ଏହି ଯୁବନେତା ଜଣକ ପିଲାଦିନରୁ ସୁଦୂର ଉତ୍ତର ପ୍ରଦେଶରେ ରହି ନିଜର ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରି ୨୦୦୫ ମସିହାରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ, ଓ ୨୦୦୯ ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଭର୍ତ୍ତି ହୋଇ ନିଜର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇ ବହୁ ବଡ଼ ବଡ଼ ରାଜନେତାଙ୍କ ନିକଟତର ହୋଇପାରିଛନ୍ତି ପ୍ରଦୀପ। ଉତ୍ତରପ୍ରଦେଶର ଆଗ୍ରା ଏବଂ ମଥୁରା ଠାରେ ହୋଇଥିବା ଆରଏସଏସ କ୍ୟ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ଶୁକୃଳି ବ୍ଲକ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ରହିଛି । ଜଙ୍ଗଲ ପାହାଡ଼ ଭରା ଏହି ବ୍ଲକ ରେ ବୈତରଣୀ, ଖଇରୀ ଭଣ୍ଡନ ଏବଂ କଣ୍ଟାଖଇରୀ ନଦୀ ପ୍ରଭାବିତ ହେଉଛି । ଏହି ନଦୀ ଗୁଡିକରୁ ବେଆଇନ ଭାବେ ବାଲି ଉତଳନ ହେଉଛି । ଏହାକୁ ରୋକିବା ପାଇଁ ଏବେ ଅଣ୍ଟା ଭିଡିଛନ୍ତି ଶୁକୃଳି ତହସିଲଦାର । ନଦୀ କୂଳ ,ବିଭିନ୍ନ ଜଙ୍ଗଲ ପାଶ୍ୱରେ ବାଲି ଡିପୁ କରି ଚୋରା ଚାଲାଣ କରୁଥିଲେ ବାଲି ମାଫିଆ । ଆଉ ଏହାକୁ ରୋକିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରିଛନ୍ତି ଶୁକୃଳି ତହସିଲଦାର । ଶୁକୃଳି ବ୍ଲକ ର ବିଭିନ୍ନ ସ୍ଥାନରେ ବଢ଼ାଉ ଜାରି ରହିଛି । ଶୁକୃଳି ତହସିଲଦାର ସହିତ ରାଜସ୍ୱ ନିରକ୍ଷକ, ରାଜସ୍ୱ ପରିଦର୍ଶକ ପ୍ରଭୃତି ଉପସ୍ଥିତି ରେ ଚଢ଼ାଉ ରେ ହେଉଛି । ଶୁକୃଳି ବ୍ଲକ ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ରଖିଥିବା ବାଲି ଡିପୁ ରୁ ୧୦ ଲକ୍ଷ ୨୭ ହଜାର ୮୭୦ ଟଙ୍କା ଆଦୟ ହେଇଛି । ଏହି ଭଳି ଚଢ଼ାଉ ଆଗାମୀ ଦିନରେ ଜାରି ରହିବ ବୋଲି ଶୁକୃଳି ତହସିଲଦାର ସୂଚନା ଦେଇଛନ୍ତି ।

ମନରେଗା କାର୍ଯ୍ୟରେ ଦୁର୍ନୀତି: ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ବନ୍ତୁଳିଗ୍ରାମ ପଂଚାୟତରେ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଗୋଟିଏପଟେ ଶ୍ରମିକଙ୍କ ବଦଳରେ ମେସିନ କାର୍ଯ୍ୟ କରୁଥିବା ବେଳେ ଅନ୍ୟପଟେ ମିଥ୍ୟା ମଷ୍ଟରରୋଲରେ ମୃତ ବ୍ୟକ୍ତି, ଚାକିରିଆ, ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଏବଂ ଶଯ୍ୟାଶାୟୀଙ୍କ ନାମରେ ଲକ୍ଷଲକ୍ଷ ଟଙ୍କା ହଡପ କରାଯାଉଛି । ମନରେଗା ଯୋଜନାରେ ହେଉଥିବା ଏହି ଦୁର୍ନିତିରେ ଦୀର୍ଘ ୧୨ ବର୍ଷ ହେଲା କାର୍ଯ୍ୟରତ ଏପିଓ ମୋନାଲିସା ଶତପଥି ଏବଂ ବିଭୂପ୍ରସାଦ ରାଉତରଙ୍କ ଇଙ୍ଗିତରେ ଦୁର୍ନିତି ହେଉଥିବା ଅଭିଯୋଗ ହୋଇଛି । ସେହିପରି ଚଳିତ ବର୍ଷ ବନ୍ତୁଳିଗ୍ରାମ ପଂଚାୟତ ହାଇସ୍କୁଲ ଖେଳପଡିଆରେ ମାଟି ଗାଣ୍ଡୁଏ ନପକାଇ ୧୦୩ ଜଣଙ୍କ ନାମରେ ମିଥ୍ୟା ମଷ୍ଟର ରୋଲ ବାହାର କରି ଲକ୍ଷାଧିକ ଟଙ୍କା ହଡପ କରିବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି । ପ୍ରତିଶୃତି ଦେଇ ତଦନ୍ତ ନକରିବା ପ୍ରତିବାଦରେ ସୋମବାର ଦିନ ୬ ଦଫା ଦାବି ନେଇ ବନ୍ତୁଳିଗ୍ରାମ ପଂଚାୟତବାସୀ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୩ ଘଣ୍ଟା ଧରି ଧାରଣାରେ ବସିଥିଲେ । ପରେ ଖୁବ ଶିଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପ୍ରତିଶୃତି ଦେବାପରେ ସେମାନେ ଧାରଣାରୁ ଉଠିଥିଲେ । ବନ୍ତୁଳିଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ହୋଇଥିବା ଦୁର୍ନିତିର ତଦନ୍ତ ତାରିଖ, ତଦନ୍ତ ନିମନ୍ତେ ଏକ କମିଟି, ତଦନ୍ତ କମିଟିର ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ତାରିଖ ଘୋଷଣା, ଏକବର୍ଷ ମଧ୍ୟରେ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟର ତଦନ୍ତ, ଛଇତନା ଓ ବନ୍ତଳିଗ୍ରାମ ପଂଚାୟତରେ କାର୍ଯ୍ୟରତ ଜିଆରଏସ ଲକ୍ଷ୍ମୀପ୍ରିୟା ମିଶ୍ର ମୃତ ବ୍ୟକ୍ତିଙ୍କ ନାମରେ ମଷ୍ଟର ରୋଲ, ମିଥ୍ୟା ବିଲ୍ କରି ପ୍ରକଳ୍ପର ଅର୍ଥକୁ ତୋଷରପାତ କରିଥିବାର ତଦନ୍ତ କରାଯାଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା, ମନରେଗା ବିଭାଗରେ ଗୋପ ବ୍ଲକରେ ଦୀର୍ଘ ୧୨ ବର୍ଷ ଧରି କାର୍ଯ୍ୟରତ ଥିବା ଦୁର୍ନିତିଗ୍ରସ୍ତ ଅଧିକାରୀ ମୋନାଲିସା ଶତପଥି ଏବଂ ବିଭୂ ପ୍ରସାଦ ରାଉତଙ୍କ ବଦଳି ଦାବି, ଅନଲାଇନରେ ଥିବା ଖେଳ ପଡିଆର କାର୍ଯ୍ୟାଦେଶ କାର୍ଯ୍ୟବନ୍ତ, ମଷ୍ଟରରୋଲ ପରି ସମସ୍ତ ଡକୋମେଣ୍ଟକୁ ଡିଲେଟ୍ କରିଥିବା ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବା ଏବଂ ଏହାର ଭିଜିଲାନ୍ସ ତଦନ୍ତ କରିବା ଦାବିରେ ଆଜି ଶତାଧିକ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ସଚିବ, ପୁରୀ ଜିଲ୍ଲାପାଳ ଓ ପିଡିଙ୍କ ନିକଟରେ ଅଭିଯୋଗ କରିଥିବା ତାଙ୍କ ଅଭିଯୋଗ ପତ୍ରରୁ ଜଣାପଡିଛି । ଶୁଣିବାକୁ ମିଳୁଛି ଆଜିର ଏହି ଅଭିଯୋଗ ପରେ ଏହି ଦୁର୍ନିତିକୁ ଘଣ୍ଟ ଘୋଡାଇବା ପାଇଁ ବ୍ଲକ ପ୍ରଶାସନର ଇଙ୍ଗିତରେ ଏହି ଦୁର୍ନିତିଗ୍ରସ୍ତ ରାଜନେତା, ମାଫିଆମାନେ ଆଜି ରାତ୍ରିରେ ଏହି ଖେଳ ପଡିଆରେ ମାଟି ପକାଇ ସମତୁଲ କରିବେ। ଗୋପ ବ୍ଲକରେ ଏପରି ଦୁର୍ନିତି ଗତ ୪ ବର୍ଷ ହେଲା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି । ଅନ୍ୟପକ୍ଷରେ ଗୋପ ବିଡିଓ କେତକ ମୁଷ୍ଟିମେୟ ରାଜନେତାଙ୍କ ହାତବାରସୀ ସାଜି ଥିବାରୁ କେବଳ ମନରେଗା ଦୁର୍ନିତି ନୁହେଁ ଗୋପ ବ୍ଲକକୁ ଆସୁଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟରେ ବ୍ୟାପକ ଦର୍ନିତି ହେଉଥିବା ଶୁଣିବାକୁ ମିଳୁଛି।

ରାସ୍ତାରୁ ଗଛ କାଟି ସଫା କଲେ ଅଗ୍ନିଶମ କର୍ମଚାରୀ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆଜି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଓ ନାରାୟଣପାଟଣା ଅଞ୍ଚଳରେ ପ୍ରଚଣ୍ଡ ଘଡଘଡି ସହ ପ୍ରବଳ ପବନ ଓ ବର୍ଷା ହୋଇଥିଲା ।ଏଥିରେ କୌଣସି କ୍ଷୟକ୍ଷତି ହୋଇ ନଥିଲେ ମଧ୍ୟ ଜୋଗିପାଲୁର ଗ୍ରାମଠାରୁ କିଛି ଦୁରରେ ଏକ ବିରାଟ ବଡ ଗଛ ଉପୁଡି ରାସ୍ତା ଉପରେ ପଡି ଜାଇଥିଲା ।ସେହି ସମୟରେ ଲକ୍ଷ୍ମୀପୁର ଓ ନାରାୟଣପାଟଣା ମଧ୍ୟରେ କୌଣସି ଯାନବାହାନ ଜାତାୟତ କରୁ ନଥିଲେ ମଧ୍ୟ ନାରାୟଣପାଟଣାର ଅଗ୍ନିଶ୍ରମ ସେବା କର୍ମଚାରି ମାନେ ଖବର ପାଇ ଗଛ କାଟି ରାସ୍ତା ସଫା କରିଥିବା ଦେଖିବାକୁ ମିଳିଥିଲା ।ସେମାନଙ୍କ ଏଇ ଆଗୁଆ ପଦକ୍ଷେପକୁ ସବୁ ମହଲରେ ଏବେ ପ୍ରସଂସା କରାଜାଇଛି ।

ଦୀର୍ଘବର୍ଷ ରହିଥିବା କର୍ମଚାରୀଙ୍କ ବଦଳି ଦାବି

ବୋଲଗଡ, (ଭାସ୍କର ନ୍ୟୁଜ୍): ରାଜ୍ୟ ଓ କେନ୍ଦ୍ରସରକାର ବିଭିନ୍ନ ବିଭାଗର ସ୍ୱଚ୍ଛତା ଆଣିବା ପାଇଁ ସରକାରୀ କର୍ମଚାରୀ ମାନଙ୍କର ବଦଳି ପକ୍ରିୟା କରୁଅଛନ୍ତି। ଏହି କ୍ରମରେ ରାଜ୍ୟସରକାର ୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ଉଚ୍ଚପଦସ୍ତ ଅଧିକାରୀମାନଙ୍କୁ ୨୦୨୩ ଶେଷସୁଦ୍ଧା ବଦଳି ପାଇଁ ନିର୍ଦ୍ଦେଶ ଜାରିକରିଅଛନ୍ତି। ଗୋଟିଏ ସ୍ଥାନରେ ୩ବର୍ଷ ରୁ ଉର୍ଦ୍ଧ ଥିବା ସରକାରୀ କର୍ମଚାରୀ ମାନଙ୍କୁ ଅନ୍ୟତ୍ର ବଦଳି ହେବାର ନିୟମ ରହିଅଛି। କିନ୍ତୁ ବୋଲଗଡ ବ୍ଲକରେ ଏହାର ସଂପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୋଲଗଡ ବ୍ଲକରେ ରହିଥିବା ଅଧିକାଂଶ ସରକାରୀକାର୍ଯ୍ୟାଳୟରେ ବହୁ ସରକାରୀ ଅଧିକାରୀ ମାନେ ବର୍ଷ ବର୍ଷ ଧରି ଗାଦି ମାଡି ବସିଥିବା ଦେଖିବାକୁ ମିଳିଛି। କିଏ ୫ବର୍ଷରୁ ଅଧିକ ହେଲାଣି ତ ପୁଣି କିଏ ୧୦ବର୍ଷରୁ ଉର୍ଦ୍ଧ କାର୍ଯ୍ୟକରି ଆସୁଥିଲେ ମଧ୍ୟ ଏମାନଙ୍କପକ୍ଷେ ବଦଳି ନିୟମ ଲାଗୁ ନ ହେବା ଆଶ୍ଚର୍ଯ୍ୟଜନକ ହୋଇଅଛି। କାହାର ବଦଳି ହେଲେ କିଏ ବଦଳି ନିୟମକୁ ବାତିଲ କରୁଛିତ ପୁଣି କିଏ ରାଜନେତାଙ୍କ ଶରଣାପର୍ଣ୍ଣ ହୋଇ ସୁରକ୍ଷା ଦେବାରେ ସଫଳ ହୋଇଅଛନ୍ତି। ବାବୁ ମାନଙ୍କର ବୋଲଗଡ ବ୍ଲକର ବିକାଶ ପ୍ରତି ଏତେ ପ୍ରୀତିବଢ଼ି ଯାଇଛି ଯେ ବଦଳିରେ ନାଁ ଗନ୍ଧ ଧରୁନାହାନ୍ତି। ଅଧିକାଂଶ ସରକାରୀ କର୍ମଚାରୀ ଜାଗା କିଣି ସ୍ଥାୟୀବସବାସ କରିବା ଦିଗରେ ଲାଗିପଡିଅଛନ୍ତି। ବୋଲଗଡ ବ୍ଲକରେ ଦୀର୍ଘବର୍ଷ ଧରି ଥିବା ସରକାରୀ କର୍ମଚାରୀଙ୍କ ତଥା ପିଅନ ମାନଙ୍କ ମନମାନୀ ସାଧାରଣ ଲୋକଙ୍କ ପକ୍ଷେ ଦେଖିବାକୁ ମିଳିଅଛି। ବୋଲଗଡ ବ୍ଲକରେ ଗାଦି ମାଡ଼ିବସିଥିବା ସରକାରୀ କର୍ମଚାରୀ ମାନଙ୍କୁ ତୁରନ୍ତ ବଦଳି ପକ୍ରିୟାରେ ଲାଗୁ କରିବା ପାଇଁ ରାଜ୍ୟ ସରକାର, ଖୋର୍ଦ୍ଧା ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକ ଦୃଷ୍ଟିଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଅଛି।

ବଜ୍ରାଘାତରେ ମହିଳା ଗୁରୁତର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଜି ଅପରାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କାଳବୈଶାଖି ଜନିତ ଝଡବର୍ଷା ଲାଗି ରହିଥିଲା। ଏହି ସମୟରେ ବଜ୍ରାଘାତ ହେବା ଯୋଗୁ ଜିଗ୍ନିପୁର ଗ୍ରାମପଂଚାୟତ ଛୁଆଳିଆ ଗ୍ରାମର ରଞ୍ଜିତା ରାଉତ ନାମକ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବାର ଜଣାଯାଇଛି। ତାଙ୍କର ଅବସ୍ଥା ଗୁରୁତର ଥିବାର ଜଣାଯାଇଛି।

ବ୍ରାହ୍ମଣୀ ନଦୀ ଉପରେ ମହିମା ସେତୁ ଲୋକର୍ପଣ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ହୋଇଥିବା ସେତୁକୁ 'ମହିମା ସେତୁ' ଭାବେ ନାମକରଣ କରାଯାଇ ରାଜ୍ୟ ଖଣି ଇଷ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଦ୍ୱାରା ସୋମବାର ଦିନ ଲୋକାର୍ପଣ ହୋଇଯାଇଛି । ଏହି ଲୋକର୍ପଣ ଉତ୍ସବରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ଜିଲାପାଳ ସରୋଜ କୁମାର ସେଠି ଓ ବିଭିନ୍ନ ସରକାରୀ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ଯୋରନ୍ଦା କାଲୁରିଆ ଠାରେ ୨୫୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୮୬୨ ମିଟର ଲମ୍ବର ଏହି ସେତୁ ଲୋକାର୍ପିତ ହେବା ପରେ ଯୋରନ୍ଦାର କାଲୁରିଆ ସହ ଭୁବନ ବ୍ଲକର ଦିଘିକୁ ସଂଯୋଗ କରୁଛି । ଏହି ନବନିର୍ମିତ ସେତୁଦ୍ୱାରା ଢେଙ୍କାନାଳ ସଦର, ଗଁଦିଆ, କାମାକ୍ଷାନଗର, ଭୁବନ ଆଦି ଚାରୋଟି ବ୍ଲକର ୬୨ ଟି ଗ୍ରାମକୁ ଯାତାୟତରେ ଅନେକ ସୁବିଧା ହୋଇପାରିବ । ଏହାଛଡା ବିଶ୍ୱପ୍ରସିଦ୍ଧ ଯୋରନ୍ଦାକୁ ଉତର ଓଡିଶା ବାସୀଙ୍କ ପାଇଁ ଯିବା ଆସିବାର ପ୍ରମୁଖ ମାଧ୍ୟମ ପାଲିଟିବ । ଯୋରନ୍ଦାଠାରେ ଆୟୋଜିତ ଏକ ସଭାରେ ୫ଟି ସଚୀବ ଭିକେ ପାଣ୍ଡିଆନ ଏହି ସେତୁର ନାମକୁ 'ମହିମା ସେତୁ' ଭାବେ ନାମ କରଣ କରାଯିବା କଥା ଘୋଷଣା କରିଥିଲେ ।

ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

ଗୋପ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଗୋପ ବ୍ଲକ ଅର୍ନ୍ତଗତ ସତ୍ୟନାରାୟଣ ବିଦ୍ୟାପୀଠ, ବାଲିଆର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଶିକ୍ଷାବିତ୍ ସୁବାଷ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମାଜସେବୀ ନଟବର ପ୍ରଧାନ, ବ୍ରହ୍ମାନନ୍ଦ ଲେଙ୍କା, ନବଘନ ବିଶ୍ୱାଳ, ପୂର୍ବତନ ସରପଂଚ ଶିବିର ଚନ୍ଦ୍ର ପରିଡା, ଅଭିରାମ ରାଉତ ପ୍ରମୁଖ ବୁଦ୍ଧିଜୀବୀଙ୍କ ସମେତ ବିଦ୍ୟାଳୟର ପୂର୍ବତନ ଶିକ୍ଷକ, ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକ, ପରିଚାଳନା କମିଟିର ସଦସ୍ୟଙ୍କ ସମେତ ୭୦ ରୁ ଉର୍ଦ୍ଧ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ପ୍ରଥମେ ଏହି ଛାତ୍ରଛାତ୍ରୀମାନେ ଏହି ସୁବର୍ଣ୍ଣ ଜୟନ୍ତୀକୁ କିପରି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ନେଇ ପ୍ରସ୍ତାବ ଦେବା ସହ ବିଭିନ୍ନ ଫୋରମରେ ସେମାନେ ସାହାର୍ଯ୍ୟ ସହେଯାଗର ହାତ ବଢାଇବେ ବୋଲି ପ୍ରସ୍ତାବ ଦେଇଥିଲେ । ସେହିପରି ୧୯୭୮ ରୁ ଆଜି ପର୍ଯ୍ୟନ୍ତ ବ୍ୟାଚର ପିଲାମାନଙ୍କୁ ସଂସ୍ଲିଷ୍ଟ କରିବା ପାଇଁ ପ୍ରତ୍ୟେକ ବ୍ୟାଚରୁ ୨ ରୁ ୩ ଜଣ ଟିମ୍ ଲିଡର ସେମାନଙ୍କ ବ୍ୟାଚର ପିଲାମାନଙ୍କୁ ଭେଟି ଜୟନ୍ତୀ ସମାରୋହ ସଂପର୍କରେ ଅବଗତ କରାଇବା ସହ ସେମାନଙ୍କ ସାହାର୍ଯ୍ୟ ସହେଯାଗ ସଂପର୍କରେ ସେମାନଙ୍କୁ ଅବଗତ କରିବେ ଏବଂ ଆସନ୍ତା ବୈଠକରେ ତାହାକୁ ଉପସ୍ଥାପନା କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସମାରୋହ ପାଇଁ ସଭାପତି ଭାବେ ବିକ୍ରମ କୁମାର ନାୟକ, ସଂପାଦକ ଭାବେ କଲ୍ୟାଣ କୁମାର ଜେନା, କୋଷାଧକ୍ଷ ଅଭୟ କୁମାର ସ୍ୱାଇଁ ଓ ବିନୟ କୁମାର ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହି ସମାରୋହକୁ କିପରି ସରସସୁନ୍ଦର କରାଯିବ ସେ ସଂପର୍କରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ଗୋପ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡା ସମସ୍ତଙ୍କ ସହେଯାଗ କାମନା କରିଥିଲେ ।

ବିଜେପିର ପଞ୍ଚୁପଡ଼ା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛାନୁଆ ଠାରେ ପଞ୍ଚୁପଡ଼ା ମଣ୍ଡଳ ବିଜେପି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ସାଂଗଠନିକ ଦକ୍ଷତା ଅଭିବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମଣ୍ଡଳ ସଭାପତି ବିଜୟ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ ନବମ ବର୍ଷ ପର୍ତ୍ତି ଅବସରରେ ଆରମ୍ଭ ହୋଇଥିବା 'ମହା ଜନସମ୍ପର୍କ ଅଭିଯାନ'କୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ରାଜ୍ୟରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, କୁପୋଷଣ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବେରୋଜଗାରୀ, କେନ୍ଦ୍ରୀୟ ଯୋଜନା ବାଟମାରଣା ପ୍ରଭୃତି ପ୍ରସଙ୍ଗ ସମ୍ପର୍କରେ ଦଳୀୟ କର୍ମକର୍ତ୍ତାମାନେ ଲୋକଙ୍କୁ ଅବଗତ କରିବେ। ମେ ୨୫ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ମୋଦି ସରକାରଙ୍କ ସୁଶାସନ ଓ ବିଜେଡିର କୁଶାସନ ସମ୍ପର୍କରେ ଲୋକଙ୍କୁ ଜଣାଇବେ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି। ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଞ୍ଚୁପଡ଼ା ମଣ୍ଡଳର ପତ୍ୟେକ ବୁଥରେ ୨୦୦ରୁ ୨୫୦ ଲୋକଙ୍କ ପାଖକୁ ଭାଜପା କାର୍ଯ୍ୟକର୍ତ୍ତା ଯିବେ । ଏହି ମାଧ୍ୟମରେ ବୁଥରୁ ନେଇ ଶକ୍ତିକେନ୍ଦ୍ର, ମଣ୍ଡଳ, ବିଧାନସଭା ଓ ସଂସଦୀୟ କ୍ଷେତ୍ର ପର୍ଯ୍ୟନ୍ତ ସଂଗଠନକୁ ମଜବୁତ ପାଇଁ ଶ୍ରୀ ଦତ୍ତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ମଣ୍ଡଳ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ମନ୍ତ୍ରୀ ଓ ଝାଡେଶ୍ୱର ସେଠୀ, ସରପଂଚ ଜୟନ୍ତୀ ଆଦିକ, ସସ୍ମିତା ଦାସ, ରାମନାରାୟଣ ଦ୍ୱିବେଦୀ, ସମିତି ସଭ୍ୟା ପ୍ରିୟଙ୍କା ଜେନା, ହାରାମଣୀ ବେହେରା, ରବୀନ୍ଦ୍ର ଜେନା, ଜିଲ୍ଲା ପରିଷଦ ପ୍ରାର୍ଥୀ ବିଜୟ ନାୟକ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ, ମଣ୍ଡଳ ପଦାଧିକାରୀ, ମୋର୍ଚ୍ଚା ପ୍ରମୁଖ, ବୁଥ ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଏହି ବୈଠକରେ ଉପସ୍ଥିତ ଥିଲେ ।

ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଜି ଅପରାହ୍ନରେ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଭିତରେ ଜଣେ ରାଜସ୍ୱ ନିରୀକ୍ଷକଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହେବା ଘଟଣାକୁ ନେଇ ସାଧାରଣରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି। ତେବେ ଏହି କର୍ମଚାରୀଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ନେଇ ନା ନା କଥା ଶୁଣିବାକୁ ମିଳୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଖଣ୍ଡାମରା ଗ୍ରାମର ସଞ୍ଜୟ କୁମାର ଦାସ ଦୀର୍ଘ ବର୍ଷ ହେଲା ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ କାର୍ଯ୍ୟ କରିଆସୁଥିଲେ। ଶ୍ରୀ ଦାସ ନିଶ୍ଚିନ୍ତକୋଇଲି ଠାରେ ଭଡାସୂତ୍ରରେ ସପରିବାର ରହିଆସୁଥିଲେ। ଶ୍ରୀ ଦାସ ପୂର୍ବରୁ କୁଳିଆ ରାଜସ୍ୱ ନିରୀକ୍ଷକ ରୂପେ କାର୍ଯ୍ୟ କରି ଆସୁଥିଲେ। ପ୍ରାୟ ୭ ବର୍ଷ ହେଲା ତାଙ୍କୁ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ରେକର୍ଡ କିପର ରୂପେ ଦାୟୀତ୍ୱ ଦିଆଯାଇଥିଲା। ଏହାପରେ ତାଙ୍କୁ ତରତଶାସନ ରାଜସ୍ୱ ନିରୀକ୍ଷକ ଦାୟୀତ୍ୱ ଦିଆଯାଇଥିଲା। ତେବେ ୩ ମାସ ମଧ୍ୟରେ ତହସିଲ ପ୍ରଶାସନ ତରଫରୁ ତାଙ୍କୁ ବିଭିନ୍ନ ସ୍ଥାନକୁ ୫ ଥର ବଦଳୀ କରାଯାଇଥିଲା। ଏପରିକି ନିକଟରେ ପ୍ରଶାସନ ତରଫରୁ ତାଙ୍କୁ ତିଗି